



# ଯଜ୍ଞ

## (ସତ କି ମିଛ)


ରଚୟିତା : **ତ୍ରିମତ ଏକୈକ ଗୁରୁ**

ଆଧ୍ୟାତ୍ମିକ ସାମ୍ରାଜ୍ୟର ଚକ୍ରବର୍ତ୍ତୀ, (୧୦୦) ଶତାଧିକ ଗ୍ରନ୍ଥକର୍ତ୍ତା,

ଇନ୍ଦୁ ଜ୍ଞାନ ଧର୍ମପ୍ରଦାତା, ଗ୍ରନ୍ଥାଳୟ ସୃଷ୍ଟିକାରୀ ରଚୟିତା, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା

**ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

ଅନୁବାଦକ : **ରଘୁନାଥ ମାନସିଂହ**






ପ୍ରକାଶକ :

**ଇନ୍ଦୁ ଜ୍ଞାନବେଦିକା**

(Estd. in 1978 - Regd.No.: 168/2004)

ତ୍ରୈତ ଶକାବ୍ଦ – 46 | ପ୍ରଥମ ମୁଦ୍ରଣ : June, 2024

ସଂଖ୍ୟା : 1000 | ମୂଲ୍ୟ : /-

# ଯୋଗୀଶ୍ୱରଙ୍କ ଚାଞ୍ଚଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ରଚନାବଳୀ
## (ପ୍ରକାଶକ–ଇନ୍ଦୁ ଜ୍ଞାନ ବେଦିକା)

୧. ତ୍ରୈତସିଦ୍ଧାନ୍ତ ଭଗବଦ୍ଗୀତା
୨. ଇନ୍ଦୁ ରୀତି
୩. ଇନ୍ଦୁତ୍ୱ ରକ୍ଷା କରିବା
୪. ଆଧ୍ୟାତ୍ମିକ ପ୍ରଶ୍ନ - ଉତ୍ତର
୫. ହିନ୍ଦୁ ମତରେ ଜାତିଆଣ ଭାବ
୬. ଗାଳିରେ ଜ୍ଞାନ - ଆଶିଷରେ ଅଜ୍ଞାନ
୭. ଶ୍ରୀକୃଷ୍ଣ ଈଶ୍ୱର ! କି ଭଗବାନ ! !
୮. ଯଜ୍ଞ (ସତ କି ମିଛ ?)
୯. କେଉଁ ମତରେ କେତେ ମତଦ୍ୱେଷ ?
୧୦. ହିନ୍ଦୁ ମତର ସିଦ୍ଧାନ୍ତକର୍ତ୍ତାମାନେ
୧୧. ଦୈବଗ୍ରନ୍ଥରେ ସତ୍ୟାସତ୍ୟ ବିବେଚନା
୧୨. କ'ଣ ଏହା ଈଶ୍ୱରଙ୍କ ଆଗମନର ସମୟ ନୁହେଁ !
୧୩. ତିନି ଗ୍ରନ୍ଥ, ଦୁଇ ଗୁରୁ
୧୪. ପ୍ରେତ-ଭୂତଙ୍କ ଯଥାର୍ଥ ସଂଘଟନା
୧୫. ପ୍ରତିମା× ବିଗ୍ରହ - ଦୈବ × ପ୍ରେତ
୧୬. ତ୍ରୈତକାର ରହସ୍ୟ (ତ୍ରୈତକାର ବେର୍ମୁଣ୍ଡା)
୧୭. ହେତୁବାଦ ପ୍ରଶ୍ନ- ସତ୍ୟବାଦ ଜବାବ
୧୮. ଜ୍ୟୋତିଷ୍ୟଶାସ୍ତ୍ର (ଶାସ୍ତ୍ର- ଅଶାସ୍ତ୍ର ?)
୧୯. ମନ୍ତ୍ର - ମହିମା(ସତ- ମିଛ ?)
୨୦. ଅନ୍ତିମ ଦୈବଗ୍ରନ୍ଥର ଜ୍ଞାନବାକ୍ୟାବଳୀ
୨୧. ଆମ ପର୍ବ (କିପରି ପାଳିବା ଜାଣନ୍ତି ?)
୨୨. କଳିଯୁଗ (କଦାପି ଯୁଗାନ୍ତ ହେବ ନାହିଁ)
୨୩. କୃଷ୍ଣମୁଷା (ଶ୍ରୀକୃଷ୍ଣଙ୍କ ମରଣୋତ୍ତର ଜୀବନ)
୨୪. ସ୍ୱର୍ଗ ଇନ୍ଦ୍ରଲୋକ ! ନରକ ଯମରାଜ୍ୟ ! !
୨୫. ତିନି ଦୈବଗ୍ରନ୍ଥ - ତିନି ପ୍ରଥମ ବାକ୍ୟ ।
୨୬. ନିଷ୍ପତି - ଈଶ୍ୱରଙ୍କ ନିଷ୍ପତି
୨୭. ଗୁତ୍ତା
୨୮. ପ୍ରବୋଧ
୨୯. ସୁବୋଧ
୩୦. ଆଦିତ୍ୟ
୩୧. ସମାଧି
୩୨. ମାତା - ପିତା
୩୩. କଷଟିପଥର
୩୪. ତ୍ରୈତାରାଧନା
୩୫. ଧର୍ମଚକ୍ର
୩୬. ପ୍ରସିଦ୍ଧ ବାଣୀ
୩୭. କର୍ମଗ୍ରନ୍ଥ
୩୮. ତୋ ପାଇଁ ମୋ ଲେଖା
୩୯. ଜଣେ ହିଁ ଦୁଇଜଣ
୪୦. ଦୈବମୁଦ୍ରା
୪୧. ଭାବ - ଭାଷା
୪୨. କାହାଣୀରେ ଜ୍ଞାନ
୪୩. ସତ୍ୟାନ୍ୱେଷୀ କଥା
୪୪. କୃଶ କଣ ଈଶ୍ୱର ?
୪୫. ଆତ୍ମଲିଙ୍ଗାର୍ଥ
୪୬. ପ୍ରାଥମିକ ଜ୍ଞାନ
୪୭. ବିଶ୍ୱବିଦ୍ୟାଳୟ
୪୮. ଜିହାଦ୍ କହିଲେ ଯୁଦ୍ଧ ?
୪୯. ଜନନ ମରଣ ସିଦ୍ଧାନ୍ତ
୫୦. ମତାତୀତ ଈଶ୍ୱରମାର୍ଗ
୫୧. ଦୈବ ଚିହ୍ନ
୫୨. ମତ-ପଥ
୫୩. ଦ୍ରାବିଡ ବ୍ରାହ୍ମଣ
୫୪. ପ୍ରବକ୍ତାମାନେ କିଏ ?
୫୫. ଧର୍ମଶାସ୍ତ୍ର କେଉଁଟି ?
୫୬. ଈଶ୍ୱରଙ୍କ ଚିହ୍ନ-୯୬୩
୫୭. ଇନ୍ଦୁ କଣ ଖ୍ରୀଷ୍ଟୀୟ ?
୫୮. ନାସ୍ତିକ-ଆସ୍ତିକ

# ଯୋଗୀଶ୍ୱରଙ୍କ ଶୃଙ୍ଖଳ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ରଚନାବଳୀ (ପ୍ରକାଶକ–ଇନ୍ଦୁ ଜ୍ଞାନ ବେଦିକା)

୫୯. ପ୍ରବୋଧ ତରଙ୍ଗ
୬୦. ଗୀତା ପରିଚୟ
୬୧. ତ୍ରୈତ ସିଦ୍ଧାନ୍ତ
୬୨. ବାର୍ତ୍ତକ - ବର୍ତ୍ତକ
୬୩. ଧର୍ମ - ଅଧର୍ମ
୬୪. ତତ୍ତ୍ୱରେ ଜ୍ଞାନ
୬୫. ମରଣ ରହସ୍ୟ
୬୬. ପୁନର୍ଜନ୍ମ ରହସ୍ୟ
୬୭. ଗୁରୁ ପ୍ରାର୍ଥନା ମଞ୍ଜରୀ
୬୮. ରଢିରେ ଜ୍ଞାନ
୬୯. ଦ୍ୱନ୍ଦାର୍ଥ କାହାଣୀ ଜ୍ଞାନ
୭୦. କେଉଁଟି ସତ୍ୟ ଜ୍ଞାନ ?
୭୧. ନିଗୁଢ ତତ୍ତ୍ୱାର୍ଥ ବୋଧିନି
୭୨. ଦେବାଳୟ ରହସ୍ୟ
୭୩. ପ୍ରବୋଧାନନ୍ଦ ନାଟକ
୭୪. ହେତୁବାଦ - ପ୍ରତିବାଦ
୭୫. ମତ ବଦଳାଇବା ଦୈବଦ୍ରୋହ
୭୬. ମୋର ଲୋଚନା-ତୋର ଆଲୋଚନା
୭୭. ଧ୍ୟାନ-ପ୍ରାର୍ଥନା-ନମାଜ୍
୭୮. ସାଇବାବା ଈଶ୍ୱର ! କି ନୁହନ୍ତି ?
୭୯. ଲୁ କହିଲେ କଅଣ ?
୮୦. ପ୍ରଥମେ ଗଛ ! କି ମଞ୍ଜି ?
୮୧. ଗୀତମ୍-ଗୀତା
୮୨. ମରଣ ପରେ ଜୀବନ
୮୩. ପ୍ରଥମ ଦୈବଗ୍ରନ୍ଥ ଭଗବଦ୍ଗୀତା
୮୪. ଦୈବ ଜ୍ଞାନ କବ୍ଜା ହୋଇଛି
୮୫. ଅଜ୍ଞାନ ହିଁ ଉଗ୍ରବାଦର ବୀଜ
୮୬. ଗୋଟିଏ ବାଣୀ ତିନି ଗ୍ରନ୍ଥ
୮୭. ତ୍ରୈତ ସିଦ୍ଧାନ୍ତ ଆଧ୍ୟାତ୍ମିକ ଘଣ୍ଟ
୮୮. ଯୀଶୁ ମୃତ୍ୟୁବରଣ କରିଥିଲେ ?
କି ତାଙ୍କୁ ହତ୍ୟା କରାଯାଇଥିଲା ?
୮୯. କ'ଣ ସତ୍ୟ- କ'ଣ ଅସତ୍ୟ ?
୯୦. ଜଣେ ବ୍ୟକ୍ତି ଦୁଇ କୋଣ
୯୧. ଅନ୍ତିମ ଦୈବଗ୍ରନ୍ଥର ବଜ୍ର ବାକ୍ୟାବଳୀ
୯୨. ବ୍ରହ୍ମ-ରାବଣବ୍ରହ୍ମ-ଭଗବାନ୍ ରାବଣବ୍ରହ୍ମ
୯୩. ଦ୍ୱିତୀୟ ଦୈବଗ୍ରନ୍ଥର ରତ୍ନବାକ୍ୟାବଳୀ
୯୪. ହିନ୍ଦୁଧର୍ମର ରକ୍ଷଣ ଆବଶ୍ୟକ ?
୯୫. ବେଦ ମଣିଷର ଆବଶ୍ୟକ ?
୯୬. ଉପନିଷଦରେ ତ୍ରୁଟି
୯୭. କୋରାନ-ହଦିସ୍
୯୮. ସୁପ୍ରସିଦ୍ଧ ବାଣୀ
୯୯. ଭକ୍ତିରେ ତୁମେ ସଂସାରୀ ? କି ବ୍ୟଭିଚାରୀ ?
୧୦୦. ଶତମ୍ , ୧୦୦
୧୦୧. ସିଦ୍ଧ ବାଣୀ
୧୦୨. ସତ୍ୟାର୍ଥ ପ୍ରକାଶିକାରେ ସତ୍ୟ କେତେ ?
୧୦୩. ରୂପ ବଦଳିଥିବା ଗୀତା
୧୦୪. ପୋଲିସ୍ - ଅପରାଧୀ
୧୦୫- ଆଜି ମାନବର ପରିସ୍ଥିତି
୧୦୬. ତତ୍ତ୍ୱାର୍ଥ ଛବିଳ ଜ୍ଞାନ



**ଭାଷାରେ ପାଣ୍ଡିତ୍ୟକୁ ଛାଡି ଭାବରେ ପାଣ୍ଡିତ୍ୟକୁ ଦେଖୁଥିବା ପାତ୍ର ହିଁ ପ୍ରକୃତ ଜ୍ଞାନୀ ।**

# ଯୋଗୀଶ୍ୱରଙ୍କ ଦ୍ୱାରା କଥିତ ଗୃଞ୍ଥଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ପ୍ରସଙ୍ଗାବଳୀ (ତେଲୁଗୁ)

୧. ଚିହ୍ନ ହେଉନଥିବା ପାତ୍ର ଗୁରୁ ।
୨. ଜନ୍ମଦିନ କାହାର ମଧ୍ୟ ଆସିନଥାଏ ।
୩. ଦ୍ୱିତୀୟ - ଅଦ୍ୱିତୀୟ
୪. ଏକ୍ ନିରଞ୍ଜନ୍ ଆଲେକ୍ ନିରଞ୍ଜନ୍ ।
୫. ମାୟିକ-ଅମାୟିକ
୬. ମାତା ପିତା-ଗୁରୁ ଦୈବ ।
୭. ଗୁରୁ ନଥିବା ବିଦ୍ୟା ଅନ୍ଧବିଦ୍ୟା ।
୮. ମତ ଗୁଡିକରେ ପବିତ୍ରଯୁଦ୍ଧ
୯. ପ୍ରପଞ୍ଚ ଶ୍ରଦ୍ଧା-ପରମାତ୍ମା ଶ୍ରଦ୍ଧା
୧୦. ଦେଶରେ ଠକାମି-ଦେହରେ ମୋହ ।
୧୧. ଛାତିର ଚିହ୍ନ-ମାତାପିତାଙ୍କ ଚିହ୍ନ ।
୧୨. ତିନି ଜନ୍ମ-ଦୁଇ ଜାଗା
୧୩. ଯୋଗୀଶ୍ୱରଙ୍କ ଜନ୍ମଦିନ ସନ୍ଦେଶ ।
୧୪. ତେଲୁଗୁରେ ତିନି-ଛଅ-ନଅ
୧୫. ମାୟା ମର୍ମ-ଆତ୍ମା ଧର୍ମ
୧୬. ବାହାର ସମାଜ - ଭିତର ସମାଜ
୧୭. ଈଶ୍ୱରଙ୍କ ଜ୍ଞାନ-ମାୟା ମାହାତ୍ମ୍ୟ
୧୮. ତିନି ନିର୍ମାଣ-ଏକ ପରିଶୁଦ୍ଧତା
୧୯. ସହଜ ମରଣ-ତାତ୍କାଳିକ ମରଣ
୨୦. ମେଘ ଏକ ଭୂତ-ରୋଗ ଏକ ଭୂତ
୨୧. କର୍ମ ନଥିବା କୃଷ୍ଣ-କର୍ମ ଥିବା କୃଷ୍ଣ
୨୨. ସ୍ୱାର୍ଥ ରାଜକୀୟ (ସ୍ୱ+ଅର୍ଥ ରାଜକୀୟ)
୨୩. ଶ୍ରୀକୃଷ୍ଣ ମୃତ୍ୟୁବରଣ କରିଥିଲେ ?
କି ତାଙ୍କୁ ମାରି ଦିଆଯାଇଥିଲା ?
୨୪. ଅନ୍ତିମ ଗ୍ରନ୍ଥର ପ୍ରଥମ ବାକ୍ୟ
୨୫. ଇଚ୍ଛାଧିନ କାର୍ଯ୍ୟ-ଅନିଚ୍ଛାଧିନ କାର୍ଯ୍ୟ
୨୬. ଟକ୍କୁଟମାରା, ଇନ୍ଦ୍ରଜାଲ ମହେନ୍ଦ୍ରଜାଲ,
ଗଜକର୍ଣ୍ଣ, ଗୋକର୍ଣ୍ଣ
୨୭. ଆତ୍ମା, ୨୮- ଜେଜେବାପା
୨୯.ମାତା
୩୦. ଭୟ
୩୧. ଆତ୍ମା କାର୍ଯ୍ୟ
୩୨. ଚନ୍ଦାମୁଣ୍ଡ
୩୩. ୟାଦବ୍
୩୪. ଜ୍ଞାନଶକ୍ତି
୩୫. ସମାଧି
୩୬. ୬-୩=୬
୩୭. ଦସ୍ତଖତ୍
୩୮. ପ୍ରଭୁ-ପ୍ରଜା
୩୯. ତ୍ରୈତ ଶକ
୪୦. ଗ୍ରହଣ
୪୧. ମାତା ପିତା
୪୨. ଅଭିନେତା ଆତ୍ମା
୪୩. ସଞ୍ଚିତ କର୍ମ
୪୪. ଗୁରୁ ଚିହ୍ନ
୪୫. ଆସ୍ତି- ଦୋସ୍ତି
୪୬. ଭାଲୁ
୪୭. ଧର୍ମଚକ୍ର
୪୮. ଦୈବଗ୍ରନ୍ଥ
୪୯. ଭକ୍ତି-ଶ୍ରଦ୍ଧା
୫୦. ପୁରୁଷୋତ୍ତମ
୫୧. ମତଦ୍ୱେଷ
୫୨. ଗ୍ରାହ୍ୟଶକ୍ତି
୫୩. ଖେଳାଉଥିବା ଆତ୍ମା
୫୪. କଣ ଶାସ୍ତ୍ର ?
୫୫. ଭଗବାନ
୫୬. କଣ ଧର୍ମ ?
୫୭. ଗୁରୁ ପୌର୍ଣ୍ଣମୀ

# ଯୋଗୀଶ୍ୱରଙ୍କ ଦ୍ୱାରା କଥିତ ଗୃଞ୍ଜଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ପ୍ରସଙ୍ଗାବଳୀ (ତେଲୁଗୁ)

୫୮. ଶ୍ରୀକୃଷ୍ଣାଷ୍ଟମୀ
୫୯. ନଖ - ଗୁରୁ
୬୦. ଦଶ- ଦିଶା
୬୧. କଥା - ପଥି
୬୨. ସୃଷ୍ଟି - ସୃଷ୍ଟିକର୍ତ୍ତା
୬୩. କଳିଯୁଗ
୬୪. ସେବା ପ୍ରତିଶତ
୬୫. ପ୍ରକୃତି-ବିକୃତି
୬୬. ପୈତ୍ୟ -ସୈତ୍ୟ
୬୭. ନିଜ-ସହଜ
୬୮. ଭକ୍ତି-ଭୟ
୬୯. ରୀତି
୭୦. ଶଙ୍କୋଚ-ଧମକ
୭୧. ଯେ ତୋ ପଛରେ ଥାଏ ।
୭୨. ଶବ-ଶିବ
୭୩. ଶୈବ-ବୈଷ୍ଣବ
୭୪. ଧର୍ମ-ଅଧର୍ମ
୭୫. ଦ୍ରାବିଡ-ଆର୍ଯ୍ୟ
୭୬. କଞ୍ଚା-ପାଚିଲା-କଞ୍ଚା
୭୭. ଯୁଗ-ଯୋଗ
୭୮. ଈଶ୍ୱରଙ୍କର ମତ ଅଛି ?
୭୯. କର୍ମ ମର୍ମ
୮୦. ଜନମ-ମରଣ
୮୧. ଏକତା-ଏକାଗ୍ରତା
୮୨. ଚମତ୍କାର ଆତ୍ମା
୮୩. ନିଦର୍ଶନ-ନିରୂପଣ
୮୪. ଗୁରୁ କିଏ ?
୮୫. ତ୍ରୈତ ସିଦ୍ଧାନ୍ତ
୮୬. ସ୍ତ୍ରୀ/ପୁଂ - ଲିଙ୍ଗ
୮୭. ଜୀର୍ଣ୍ଣ+ଆଶୟ
୮୮. ଶ୍ରୀକୃଷ୍ଣ କିଏ ?
୮୯. ଖେଳ-ଲୁଚକାଳି ଖେଳ
୯୦. ପ୍ରଜା-ମାନବ
୯୧. ଦନ୍ତ-ଅନ୍ତ, ୯୨. ମତ-ପଥ
୯୩. ସପ୍ତାକାଶ, ୯୪. ଅର୍ଥ- ଅନର୍ଥ
୯୫. ତିନିଗ୍ରନ୍ଥ, ୯୬. ଗ୍ରନ୍ଥ-ବାଣୀ
୯୭. ପ୍ରଭୁ-ପ୍ରଭୁତ୍ୱ
୯୮. ଜ୍ଞାନ-ବିଜ୍ଞାନ
୯୯. ବାର-ମାସ-ବତ୍ସର
୧୦୦. ଭୂତ-ମହାଭୂତ
୧୦୧. ସେଖ୍ ବଲି-କୁଲି ସେବା
୧୦୨. ଆତ୍ମାର ଚିହ୍ନ କେଶ
୧୦୩. ଗଞ୍ଜା - ପାରଦ
୧୦୪. ଇନ୍ଦୁ ମହାସମୁଦ୍ର
୧୦୫. ଶ୍ରୀକୃଷ୍ଣ ଜନ୍ମ ମଥୁରା
୧୦୬. ଅଧର୍ମ ଆରାଧନା
୧୦୭. ପୁସ୍ତକ-ଗ୍ରନ୍ଥ
୧୦୮. ପାଦ-ପାପୁଲି
୧୦୯. ପୁଟଗୋସି-ମୁଲତ୍ରାଡୁ
୧୧୦. ୧୨୩ ଗୁରୁପୌର୍ଣ୍ଣମୀ
୧୧୧. ଅକ୍ଷମଣୀୟ ପାପ
୧୧୨. ମରଣ -ଶରୀର
୧୧୩. ଦିବ୍ୟ ଖୁରାନ୍-ହଦୀସ୍
୧୧୪. ଇନ୍ଦୁ-ହିନ୍ଦୁ
୧୧୫. ସୁଖ-ଆନନ୍ଦ
୧୧୬. କାଲଜ୍ଞାନ ବାକ୍ୟ

୧୧୭. ଭୌତିକ-ଅଭୌତିକ
୧୧୮. ଦୈବାଦେଶ-ମରଣ
୧୧୯. ଜ୍ଞାନ ପାଖରେ ସତର୍କ
୧୨୦. ଚନ୍ଦ୍ରାକାର (ଚନ୍ଦାମୁଣ୍ଡ)
୧୨୧. ଜ୍ଞାନ କକ୍କା ହୋଇଛି !
୧୨୨. ଈଶ୍ୱର-ଦୁଇଜଣ ! କି ଜଣେ !!
୧୨୩. ମତ ସୌମ୍ୟତା
୧୨୪. ମୋକ୍ଷ-ଠକାମି
୧୨୫. ଅକ୍ଷର ଜ୍ଞାନ
୧୨୬. ଲାଳଜଳ
୧୨୭. ଦୈବ ଧର୍ମ-ମତ ପ୍ରଥା
୧୨୮. ଆହାର ତୋର ! କି ତୋ ଆତ୍ମାର !
୧୨୯. ମାତ୍ରା(ବଟି)-ଔଷଧ
୧୩୦. କାଳଚକ୍ର
୧୩୧. ବ୍ରହ୍ମବିଦ୍ୟା ,୧୩୨-ଶକ୍ତି
୧୩୩. ପୌର୍ଣ୍ଣମୀ-ଅମାବାସ୍ୟା
୧୩୪. ଈଶ୍ୱର-ପରମେଶ୍ୱର
୧୩୫. ପୁରୁଷୋତ୍ତମ-ଶ୍ରୀରାମ
୧୩୬. ଈଶ୍ୱରଙ୍କର ଜଣେ ପୁତ୍ର -
ଈଶ୍ୱରଙ୍କର ଅନେକ ପୁତ୍ର ।
୧୩୭. ଜଳ,
୧୩୮. ଅଧିପତି
୧୩୯. ଗ୍ରହାନ୍ତରବାସୀ
୧୪୦. ଈଶ୍ୱର ଦ୍ୱିତୀୟ ? କି ଅଦ୍ୱିତୀୟ ?
୧୪୧. ଆଧ୍ୟାତ୍ମିକ ପ୍ରଶ୍ନ- ଉତ୍ତର
୧୪୨. ଗଶରୀର ରକ୍ତ- ଗ୍ରନ୍ଥର ଜ୍ଞାନ
୧୪୩. ଗ୍ରନ୍ଥର ଜ୍ଞାନ- ମଣିଷର ରକ୍ତ
୧୪୪. ତ୍ରୈତ ସିଦ୍ଧାନ୍ତ ଇତିହାସ
୧୪୫. କୁଶାଲ୍ କୁଶାଲ୍ ଲାଞ୍ଜମ୍ମା
ନା ନେତି ମିଦା ରେଣ୍ଟୁ ତନ୍ନମ୍ମା ।
୧୪୬. ରାଜାଧି ରାଜା-ଦେବାଧି ଦେବା
୧୪୭. ଆଠଜଣ ସ୍ତ୍ରୀ ଥିବା ଶ୍ରୀକୃଷ୍ଣ ଗୋପାଳୁଣୀଙ୍କ
ଉପରେ କାହିଁକି ନଜର ରଖିଥିଲେ ?
୧୪୮. କୁଳ-ମତ
୧୪୯. ମନ୍ଦିର
୧୫୦. ଗୁରୁପୁର୍ଣ୍ଣିମି ମିଟିଙ୍ଗ୍
୧୫୧. ଭଗବାନ କିଏ ?
୧୫୨. ବିଶ୍ୱଧାଭିରାମ ଶୁଣରେ ବେମ ।
୧୫୩. କାଳ
୧୫୪. ଯମଧର୍ମ
୧୫୫. ଦକ୍ଷିଣ ଧର୍ମ- ବାମ ଧର୍ମ ।
୧୫୬. ଇନ୍ଦୁତ୍ୱ ସମସ୍ତଙ୍କଠାରେ ଅଛି । -
ହିନ୍ଦୁତ୍ୱ ମାତ୍ର କେଇଜଣଙ୍କ ଠାରେ ଅଛି ।
୧୫୭. ଧର୍ମ ତିନୋଟି ଅଛି ଅଧର୍ମ ଛଅଟି ହୋଇଛି ।
୧୫୮. ମୁଁ-ମୋ ବାପା-ମୋ ଜେଜେବାପା,
ମୁଁ - ମୋ ମା'- ମୋ ଜେଜିମା' ।
୧୫୯. ଆଦ୍ୟ ଆତ୍ମିକ - ଆଧ୍ୟାତ୍ମିକ, ଆଦ୍ୟ
ଦୈବିକ- ଆଦ୍ୟୈବିକ ।
୧୬୦. ମଞ୍ଜି ନଥିବା ଗଛ ଶିବ ! କି ଈଶ୍ୱର !!
୧୬୧. ମଣିଷକୁ ଜନ୍ତୁ କହିଲେ କଣ ତାକୁ
ଅପମାନିତ କଲା ଭଳି ହୁଏ ନାହିଁ !
୧୬୨. ଈଶ୍ୱର କରୁଣାମୟ - ଈଶ୍ୱର କଠୋର ।
୧୬୩. ଆଧ୍ୟାତ୍ମିକ ପ୍ରଶ୍ନ - ଜବାବ ।

# ଇନ୍ଦୁ ଜ୍ଞାନବେଦିକା ଦ୍ୱାରା ପ୍ରକାଶିତ ଆଧ୍ୟାତ୍ମିକ ଗ୍ରନ୍ଥଗୁଡିକର ପ୍ରାପ୍ତିସ୍ଥାନ

## ପ୍ରବୋଧାଶ୍ରମ (ଶ୍ରୀକୃଷ୍ଣ ମନ୍ଦିର)

ଗ୍ରାମ-ଚିନ୍ନାପୋଡମଲା, ମଣ୍ଡଳ-ତାଡିପତ୍ରି, ଜିଲ୍ଲା- ଅନନ୍ତପୁରମ୍ (ଏ.ପି)

ଫୋନ୍ ନମ୍ବର : 6371487960, 8260963963, 6370369563.

*****

## ପ୍ରବୋଧା ସେବା ସମିତି (ଶାଖା)

ଗ୍ରାମ- କଡବ, ବେଗୁନିଆ, ଖୋରଧା, 752062 ଓଡିଶା

ସେଲ୍ ନମ୍ବର : 6371487960 (ପ୍ରେସିଡେଣ୍ଟ୍)

**୧.**କଳ୍ପନା ସୁନ୍ଦରାୟ:7978498668, **୨.**ପ୍ରଶାନ୍ତ ପଟ୍ଟନାୟକ:9160767516.

**୩.**ତେଜସ୍ୱିନୀ ମାନସିଂହ:9777075446, **୪.**ଦିପ୍ତିରଞ୍ଜନ ପଣ୍ଡା : 7873229092.

**୫.**ଲକ୍ଷ୍ମୀଧର ପାଇକରାୟ:9692557801, **୬.**ଶ୍ରୀନିବାସ ମାନସିଂହ: 9040929743.

*****

## ଇନ୍ଦୁ ଜ୍ଞାନବେଦିକା ଶାଖା,

ମଲ୍ଲିଗାଓଁ (ଗ୍ରାମ), କୋତପେଟା (ପୋ) ରାୟଗଡା ଜିଲ୍ଲା (ଓଡିଶା)

ସେଲ୍ ନଂ - 8260963963 (ପ୍ରେସିଡେଣ୍ଟ୍)

୧. ଏସ୍. ବିଶ୍ୱେଶ୍ୱର ରାଓ : 9437527499

୨. ଇ. ଅଶୋକ କୁମାର : 6370043490

୩. ଆର୍. ସନ୍ତୋଷ କୁମାର ଶର୍ମା : 6370369563

୪. ଡି.ରବି (ପାରଲାଖେମୁଣ୍ଡି) : 8249683055

୫. ଏସ୍. ଗୌରିଶଙ୍କର ରାଓ : 9348538123

୬. ଇ. ସିଂହାଞ୍ଚଲମ୍:9437527470, ୭. ଡି. ପ୍ରସାଦ୍ ରାଓ : 7013546537

**www.thraithashakam.org**

Youtube : thraitha siddantham

# ଯୋଗୀଶ୍ୱରଙ୍କ ଶୃଙ୍ଖଳ୍ୟାତ୍ମକ ତ୍ରିମତ ଆଧ୍ୟାତ୍ମିକ ରଚନା ସାରାଂଶ

୧. ତ୍ରୈତ ସିଦ୍ଧାନ୍ତର ଅକ୍ଷର ସମାବେଶ ହିଁ, ଆତ୍ମା ସମାଚାର ହୋଇ ରହିଛି । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥ ଗୁଡିକରେ କ୍ଷୟ, ଅକ୍ଷୟ ସମାଚାର ଏବଂ ପରମାତ୍ମା ସମାଚାର ରହିଛି ।

୨. ତ୍ରୈତ ସିଦ୍ଧାନ୍ତ ସମ୍ବନ୍ଧୀୟ ଗ୍ରନ୍ଥଗୁଡିକ ଭୌତିକତଃ ଲେଖିଛନ୍ତି ଯୋଗୀଶ୍ୱର । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥ ଗୁଡିକରେ ଅଭୌତିକ ଯୋଗଶକ୍ତି ରହିଛି ।

୩. ତ୍ରୈତ ସିଦ୍ଧାନ୍ତ ଇନ୍ଦୁ (ହିନ୍ଦୁ) ଧର୍ମରେ ବିପ୍ଲବାତ୍ମକ ଭାବରେ ରହିଛି । ତ୍ରୈତ ସିଦ୍ଧାନ୍ତର ଜ୍ଞାନ ଶୃଙ୍ଖଳ୍ୟ ସୃଷ୍ଟି କରୁଛି, ପଢି ଦେଖନ୍ତୁ ।

୪. ତ୍ରୈତ ସିଦ୍ଧାନ୍ତ ସବୁଠାରୁ ମହାନ । ତ୍ରୈତ ସିଦ୍ଧାନ୍ତ  ସମସ୍ତ ଗ୍ରନ୍ଥଗୁଡିକ ଭିତରେ ମହାନ । ତାର ରଚୟିତା ହେଉଛନ୍ତି ଯୋଗୀମାନଙ୍କର ଈଶ୍ୱର ହୋଇଥିବା ଯୋଗୀଶ୍ୱର ।

୫. ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକୁ ଦେଖିଲେ ଦୁଷ୍ଟଶକ୍ତିମାନେ ଭୟରେ ଚାଲିଯାଇଥାନ୍ତି । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକ ସେମାନଙ୍କ ପାଖରେ ରଖିଲେ ଯୋଗଶକ୍ତିର ଉତ୍ତାପକୁ ସେମାନେ ସହ୍ୟ କରି ପାରିନଥାନ୍ତି ।

୬. ଭଗବଦ୍ଗୀତା ପରେ କୁହାଯାଇଥିବା ଅତି ମହାନ ଜ୍ଞାନ ହେଉଛି ତ୍ରୈତ ସିଦ୍ଧାନ୍ତ ଜ୍ଞାନ । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥ ଗୁଡିକରେ ଶ୍ରୀକୃଷ୍ଣ ଆଗରୁ କହିନଥିବା ଜ୍ଞାନ ମଧ୍ୟ ଯୋଗୀଶ୍ୱର କହିଛନ୍ତି ।

୭. ତ୍ରୈତ ସିଦ୍ଧାନ୍ତ ଜ୍ଞାନ ମାନବ ଜୀବନର ଏକ ଉଜ୍ଜ୍ୱଳ ଆଲୋକ । ତ୍ରୈତ ସିଦ୍ଧାନ୍ତ ଆଲୋକକୁ ଯିବା ପରେ ତାହା ଐଶ୍ୱରୀୟ ଶକ୍ତି ବୋଲି ଜଣାପଡେ ।

୮. ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତାକୁ ଲେଖିଛନ୍ତି ଯୋଗୀଶ୍ୱର । ସେଥିଲାଗି ତ୍ରୈତ ସିଦ୍ଧାନ୍ତ କଣ ଆଉ କେତେ ମହାନ ତାହା ଜଣାପଡିଯାଇଛି ।

୯. ତ୍ରୈତ ସିଦ୍ଧାନ୍ତକୁ ଜାଣିପାରିଲେ,ଯୋଗୀଶ୍ୱରଙ୍କ ରଚନାକୁ ପଢିପାରିଲେ କୌଣସି ମତାବଲମ୍ବୀ ତାହା ସ୍ୱୀକାର କରିବାକୁ ବାଧ୍ୟ ହୋଇଥାଏ ଏବଂ ଆଚରଣ କରିଥାଏ ।

୧୦. ତ୍ରୈତ ସିଦ୍ଧାନ୍ତକୁ ସାକ୍ଷାତ୍ ଭଗବାନ କହିଛନ୍ତି । ତେଣୁ ପ୍ରତ୍ୟେକ ମତର ସାରାଂଶ ତ୍ରୈତ ସିଦ୍ଧାନ୍ତରେ  ରହିଛି ।

୧୧. ତ୍ରୈତ ସିଦ୍ଧାନ୍ତକୁ ଜଣେ ବ୍ୟକ୍ତି ଲେଖି ନାହାନ୍ତି, ଜଣେ ବ୍ୟକ୍ତିଙ୍କର ଶକ୍ତି ଲେଖିଛି । ତେଣୁ ସେଥିରେ ଥିବା ରହସ୍ୟଗୁଡିକୁ ପଢି ଜାଣନ୍ତୁ ।

୧୨. ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା, ବାଇବେଲ୍ କୋରାନରେ ରହିଛି ହେଲେ ହିନ୍ଦୁ, ମୁସ୍ଲିମ୍, କ୍ରୈସ୍ତବମାନଙ୍କୁ ତାହା ଜଣା ନାହିଁ ।

# ତ୍ରୈତ ସିଦ୍ଧାନ୍ତ

ଆଧ୍ୟାତ୍ମିକ ବିଦ୍ୟାରେ ତୃତୀୟ ସିଦ୍ଧାନ୍ତ ହୋଇ ରହିଥିବା ତ୍ରୈତ ସୃଷ୍ଟି ପ୍ରାରମ୍ଭରେ ପରମାତ୍ମା ରୋପଣ କରିଥିବା ମହାବୃକ୍ଷ ଭଳି ଥିଲା । କାଳକ୍ରମେ ତାହା ଦୁର୍ବଳ ହୋଇ ଶୁଖିଯିବା ଭଳି ସମସ୍ତଙ୍କ ପାଇଁ ଅଜଣା ରହିଗଲା । ମାୟା ପ୍ରଭାବରେ ମାନବଲୋକରେ ଅନେକକାଳ ଧରି ଅଜଣା ରହିଥିବା ତ୍ରୈତ ଏବେ କଅଁଳିଛି । ଏହି ବୃକ୍ଷ ଅଜ୍ଞାନ ନାମକ ରୋଗପାଇଁ ମହୌଷଧି ବୋଲି ଜଣାଇ ଅନେକଙ୍କ ପାଖରେ ପହଞ୍ଚାଇବା ମୋର ମହାଭାଗ୍ୟ ବୋଲି ଭାବୁଛି । କେତେ ମହାନ ମତବାଦୀମାନେ ହୁଅନ୍ତୁ, ସେମାନେ ଏହା ଆମର ବୋଲି ସ୍ୱୀକାର କରିବା ତ୍ରୈତର ମହାନତା ବୋଲି ଭାବୁଛି । ଆମ ମତ ଅଲଗା, ଆମ ଈଶ୍ୱର ଅଲଗା ବୋଲି ଏହାକୁ ଜାଣିଥିବା କେହି ମଧ୍ୟ କହି ପାରିବେ ନାହିଁ । ଏହା ସ୍ୱଚ୍ଛ ଦୈବ ଜ୍ଞାନ ବା ଐଶ୍ୱରୀୟ ଜ୍ଞାନ ହୋଇଥିବାରୁ ଜାଣିବା ଆଗରୁ ଏହା ବାବଦରେ କେଉଁଭଳି ନିନ୍ଦାକରି କହିଥିଲେ ମଧ୍ୟ, ଜାଣିବା ପରେ ନିଶ୍ଚୟ ସ୍ୱୀକାର କରିବାକୁ ବାଧ ହୋଇଥାନ୍ତି । ପ୍ରାୟ ଦୁଇହଜାର ବର୍ଷରୁ ରହିଥିବା ଅଦ୍ୱୈତ, ଦ୍ୱୈତ ସିଦ୍ଧାନ୍ତ ଜାଣିଥିବା ଲୋକମାନେ କିଛି ଅନିଚ୍ଛା ପ୍ରକାଶ କରୁଥିଲେ ମଧ୍ୟ, ସେମାନେ ବୁଦ୍ଧିରେ ବିଚାର କରି, ସ୍ୱାନୁଭବ ଅନୁସାରେ ଦେଖିଲେ ଦ୍ୱୈତ, ଅଦ୍ୱୈତ କେବଳ କଥା କହିବା ପାଇଁ ରହିଛି ସିନା, ସତ୍ୟ ନିର୍ଦ୍ଧାରଣ ଅନୁଭବ, ବାସ୍ତବ ଆଚରଣ କେବଳ ତ୍ରୈତରେ ରହିଛି ବୋଲି ଜାଣି ପାରିବେ । ଅନ୍ୟ ମତଗୁଡିକୁ ମଧ୍ୟ ନିଜଠାରେ ମିଶାଇ ପାରୁଥିବା ତ୍ରୈତ ପରମାତ୍ମା ଜଣାଇଥିବା ବାସ୍ତବ ଇନ୍ଦୁପଥ ଭାବରେ (ଜ୍ଞାନମାର୍ଗ ଭାବରେ) ସମସ୍ତଙ୍କର ଉପକାର କରିବ ବୋଲି ଭାବୁଛି ।

ଇତି

**ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

ଅବଶ୍ୟ ପାଠକରନ୍ତୁ

ପ୍ରଥମ ଦୈବଗ୍ରନ୍ଥ

ପାଠକରାନ୍ତୁ

# ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା

(୫୭୮ ଶ୍ଲୋକ ବିଶିଷ୍ଟ)

ଆଧ୍ୟାତ୍ମିକ ରଙ୍ଗମଞ୍ଚରେ ଝଞ୍ଜାତ୍ମକ ହୋଇ, ବିଜ୍ଞାନ ମଂଚରେ ବିପ୍ଳବାତ୍ମକ ହୋଇ ପାରିଛି ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା । ୫୧୬୧ ବର୍ଷରୁ ଅଜଣା ରହିଯାଇଥିବା ଐଶ୍ୱରୀୟ ରହସ୍ୟଗୁଡିକ ଏହି ଗ୍ରନ୍ଥରେ ପଦାରେ ପଡିଯାଇଛି । ଜୀବାତ୍ମା ଆଉ ପରମାତ୍ମାଙ୍କ ମଝିରେ ତୃତୀୟପାତ୍ର ହୋଇଥିବା ଆତ୍ମା କଅଣ, ତାହାର କାର୍ଯ୍ୟକଳାପ କଅଣ ତାହା ଜଣାଇଥିବା ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା ହେଉଛି ଏହି ଗୀତା । ଏହି ଭଗବଦ୍ଗୀତା ଅଦ୍ୱୈତ, ବିଶିଷ୍ଟାଦ୍ୱୈତାଦି ସିଦ୍ଧାନ୍ତଗୁଡିକୁ ଖଣ୍ଡନ କରି ତ୍ରୈତ ସିଦ୍ଧାନ୍ତ ପ୍ରତିପାଦନ କରିଛି । ଏହାର ପଠନପାଠନରେ ଐଶ୍ୱରୀୟ ଜ୍ଞାନ କହିଲେ କଅଣ ଜଣାପଡିଥାଏ ।

**ରଚୟିତା** : ତ୍ରିମତ ଏକୈକ ଗୁରୁ, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା **ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

# ଯଜ୍ଞ (ସତ କି ମିଛ)

ଯଜ୍ଞ କଅଣ ବହୁଶା ସମସ୍ତେ ଜାଣିଥିବେ । କେତେକ ମନ୍ଦିରରେ, ଆଶ୍ରମରେ କିମ୍ୱା ଆଉ କେତେକ ସ୍ଥାନରେ, ନାନା ସନ୍ଦର୍ଭରେ ହେଉଥିବା ଯଜ୍ଞକୁ ପ୍ରାୟ ସମସ୍ତେ ଦେଖିଥିବେ, ଦେଖି ନଥିବା ଲୋକେ ହୁଏତ ଖୁବ୍ କମ୍ ଥାଇପାରନ୍ତି । ଗୋଟିଏ ପୁଣ୍ୟକ୍ଷେତ୍ରରେ ଶହେ ଯଜ୍ଞ କୁଣ୍ଡରେ ପୁରୋହିତ ବ୍ରାହ୍ମଣମାନେ ବେଦମନ୍ତ୍ର ଉଚ୍ଚାରଣ ସହିତ ଯଜ୍ଞ କରୁଥିବା ମୁଁ ମଧ୍ୟ ଦିନେ ଦେଖିଛି । ଯଜ୍ଞ କିପରି କରାଯାଏ କେବଳ ବ୍ରାହ୍ମଣମାନଙ୍କୁ ଜଣାଥାଏ । ଯଜ୍ଞ ବ୍ରାହ୍ମଣମାନେ କରୁଥିବା ବେଳେ, କରାଉଥିବା ଲୋକ କେହି ମଧ୍ୟ ହୋଇପାରନ୍ତି । କାହାର କୌଣସି କାମନା ଥାଉ, କୌଣସି କାର୍ଯ୍ୟ ସୁଚ୍ଛରୁ ସମ୍ପାଦିତ ହେବା ପାଇଁ ହେଉ, କେତେକ ଲାଭଦାୟକ କାର୍ଯ୍ୟାରମ୍ଭରେ ହେଉ ଏଭଳି ଅନେକ ପ୍ରକାରର କାର୍ଯ୍ୟ ସାଧନ ନିମନ୍ତେ ଯଜ୍ଞ କରାଯାଏ ବୋଲି କିଛିଲୋକ କହୁଥିବା ଆମେ ଶୁଣିଛୁ । ଏହି ନେପଥ୍ୟରେ ଏକ କୁଟୁମ୍ୱରେ ବିବାହ ବୟସ ହୋଇଯାଇଥିଲେ ହେଁ ଗୋଟିଏ ଝିଅପାଇଁ କୌଣସି ବିବାହ ପ୍ରସ୍ତାବ ମିଳୁନାହିଁ, ତାର ବୟସ ଗଡିଯାଉଛି, କଣ କରିବା ଉଚିତ୍ ବୋଲି, ଜଣେ ବ୍ୟକ୍ତି ଜ୍ୟୋତିଷକୁ ପଚ୍ଚରିବାରୁ ଜ୍ୟୋତିଷ କହିଲେ ଯେ, "ଝିଅର ମଙ୍ଗଳଗ୍ରହ ଦୋଷ ରହିଛି, ସେଥିଲାଗି ତାର ବିବାହରେ ବିଳମ୍ୱ ହେଉଛି, ତେଣୁ ବିବାହଯଜ୍ଞ କରି, ତାପରେ ମଙ୍ଗଳପୂଜା କରିବାକୁ ପଡିବ" । ସେମାନେ ଖର୍ଚ୍ଚ ବାବଦରେ ପଚ୍ଚରିବାରୁ ମୋଟ ପଚ୍ଚଶ ହଜାର ଖର୍ଚ୍ଚ ହେବ, ୩୦ ହଜାର ବ୍ରାହ୍ମଣମାନଙ୍କ ପିଛା, ଅନ୍ୟାନ୍ୟ ଯଜ୍ଞ ସାମଗ୍ରୀ ବାବଦରେ ୨୦ ହଜାର ଟଙ୍କା ଲାଗିବ ବୋଲି କହିବା ପରେ ଝିଅର ମାଆ ବାପା ଏଥିପାଇଁ ରାଜି ହୋଇ ବିବାହଯଜ୍ଞ କରାଇଥିଲେ । ଏହିଭଳି ଲୋକମାନଙ୍କର କେତେକ କାର୍ଯ୍ୟସାଧନ ପାଇଁ ଅନେକ ପ୍ରକାରର ଯଜ୍ଞ ହୋଇଥାଏ ବୋଲି ମୁଁ ଜାଣିଛି, ଦେଖିଛି । କେତେକ କୌଣସି କାର୍ଯ୍ୟ ସାଧନ ପାଇଁ ଯଜ୍ଞ କରାଉଥିବା ବେଳେ କେତେକ ଦେବତାମାନଙ୍କ ପ୍ରିତ୍ୟାର୍ଥେ ଯଜ୍ଞ କରାଇଥାନ୍ତି, ତାଛଡା କେତେକ ଯଜ୍ଞ ସମାଜ କଲ୍ୟାଣ ପାଇଁ ମଧ୍ୟ

କରିଥାନ୍ତି । ସମାଜ ମଙ୍ଗଳ ପାଇଁ ବିଶ୍ୱଶାନ୍ତି ଯଜ୍ଞ, ଦେଶଶାନ୍ତି ଯଜ୍ଞ ନାମକ ଯଜ୍ଞ କରିଥାନ୍ତି । ଏଭଳି କେଉଁ ନାଆଁଦେଇ କୌଣସି ଯଜ୍ଞ କଲେ ମଧ୍ୟ, ଯଜ୍ଞକୁଣ୍ଡ ସେହି ଗୋଟିଏ ପ୍ରକାରର, ଋତ୍ୱିକ (ଯାଜକ ବା ଯାଜ୍ଞିକ)ମାନେ ମଧ୍ୟ ସେହିମାନେ, ଜଳୁଥିବା ଅଗ୍ନି ମଧ୍ୟ ଗୋଟିଏ, ହେଲେ ଯଜ୍ଞ କୁଣ୍ଡରେ ଅର୍ପଣ କରାଯାଉଥିବା ବସ୍ତୁ, ପଠିତ ହେଉଥିବା ମନ୍ତ୍ରରେ କିଛି ଭିନ୍ନତା ରହିଥାଏ; ତଥାପି ଯଜ୍ଞଗୁଡିକ ପ୍ରାୟ ସବୁ ଏକ ପ୍ରକାରର ।

କର୍ଣ୍ଣୁଲ୍ ଜିଲ୍ଲାରେ ଦେବତା ପ୍ରତିମା ତିଆରି ହେଉଥିବା ଏକ ଗାଆଁ ଅଛି, ସେଠାରେ ଶିଳ୍ପୀକୁଳ ବ୍ୟତୀତ ଅନ୍ୟମାନେ ମଧ୍ୟ ପ୍ରତିମାଗୁଡିଏ ତିଆରି କରି ବିକ୍ରି କରିଥାନ୍ତି । ଆମେ ସେହିଠାରୁ ଗୋଟିଏ ଶ୍ରୀକୃଷ୍ଣ ପ୍ରତିମା କିଣିଲୁ । ଶିଳ୍ପୀ କୁଳର କୌଣସି ଲୋକଠାରୁ ନକିଣି ଜଣେ ଅନ୍ୟ କୁଳର ହୋଇଥିବା ଆମର ଜଣେ ପରିଚିତ ଲୋକ ଦ୍ୱାରା ତିଆରି କରାଇଲୁ, ଦୁଇ ଦିନ ଧରି ସେଠାରେ ସେହି କୃଷ୍ଣପ୍ରତିମା ତିଆରି ହୋଇ ଶେଷରେ ପଲିସ୍ ହେବା ପର୍ଯ୍ୟନ୍ତ ଅପେକ୍ଷା କରି ରହିଲୁ । ଯେଉଁଠି ପ୍ରତିମା ତିଆରି ହେଉଥିଲା ସେହିଠାରେ ରହି ତାହା କେମିତି ତିଆରି ହେଉଛି ମୁଁ ଦେଖୁଥିଲି । ସେଠାରେ ତିଆରି ହୋଇ ରହିଥିବା ପ୍ରତିମାଗୁଡିକ ଭିତରେ ଏକ ଦେବୀ ପ୍ରତିମା ରହିଥିଲା । ମୁଁ ସେଇଠି ରହିଥିବା ସମୟରେ ଜଣେ ଲୋକ ଆସି ମୋର ଚୌଡେଶ୍ୱରୀ ପ୍ରତିମା ଦରକାର ଏବଂ ତାର ଦାମ୍ କେତେ ବୋଲି ସେହି ଶିଳ୍ପୀଙ୍କୁ ପଚାରିବାରୁ, ସେ କହିଲେ ହଁ ଅଛି, ଦର କେତେ ବୋଲି ମଧ୍ୟ ପଚାରିବାରୁ ସେ ୧୫ ହଜାର ଟଙ୍କା କହିଲେ । ପ୍ରତିମା କିଣିବାକୁ ଆସିଥିବା ଲୋକ ଜଣକ ପ୍ରତିମାର ଦର କମାଇ ୧୦ ହଜାର ନିଅନ୍ତୁ ବୋଲି କହିଲେ, ତାଙ୍କ କଥାରେ ଶିଳ୍ପୀ ଜଣକ ରାଜି ନହୋଇ, ନାଇଁ ଏତେ କମ୍ ଦରରେ ମୁଁ ଦେଇପାରିବି ନାହିଁ ବୋଲି ମନା କରିଦେଥିଲେ । ଦୁଇଘଣ୍ଟା ପରେ ଆଉଜଣେ ଲୋକ ଆସି ପେଦମ୍ମା (ସେ ଅଞ୍ଚଳର ପ୍ରସିଦ୍ଧ ଦେବୀ) ପ୍ରତିମା ଦରକାର, ଆପଣଙ୍କ ପାଖରେ ଅଛି କି? ବୋଲି ପଚାରିବାରୁ

ଶିଳ୍ପୀଜଣକ ହଁ ଅଛି କହି ପ୍ରଥମେ ଦେଖାଇଥିବା ପ୍ରତିମା ଦେଖାଇ ୧୫ ହଜାର ଟଙ୍କା ବୋଲି ଦର କହିଲେ । ଏଥର ଆସିଥିବା ଲୋକଟି ୯ ହଜାର ଟଙ୍କା ଦେବି, ଆପଣ ପ୍ରତିମା ଦେବେକି ? ବୋଲି କହିବାରୁ ଶିଳ୍ପୀ ରାଜି ହେଲେନି ଏବଂ ଗରାଖ ଜଣକ ମଧ୍ୟ ଅନ୍ୟତ୍ର ଚାଲିଗଲେ । କିଛି ସମୟ ପରେ ଆଉଜଣେ ଲୋକ ଆସି ମୋର ରାଜରାଜେଶ୍ୱରୀ ଦେବୀ ପ୍ରତିମା ଦରକାର ବୋଲି ପଚାରିବାରୁ ଶିଳ୍ପୀ ଜଣକ ପ୍ରଥମ ଓ ଦ୍ୱିତୀୟ ଗରାଖଙ୍କୁ ଦେଖାଇଥିବା ପ୍ରତିମା ତାଙ୍କୁ ମଧ୍ୟ ଦେଖାଇଥିଲେ । ଦର ମଧ୍ୟ ସେହି ୧୫ ହଜାର ଟଙ୍କା  କହିଥିଲେ । ଏଥର ଆସିଥିବା ଲୋକଟି ହଜାରେ ଟଙ୍କା କମ୍ କରି ଦେବେକି ? ବୋଲି ପଚାରିବାରୁ ଶିଳ୍ପୀ ତା କଥାରେ ରାଜି ହୋଇ ପ୍ରତିମାଟି ତାଙ୍କୁ ବିକ୍ରି କରିଦେଇଥିଲେ । ଏସବୁ ସକାଳୁ ଆରମ୍ଭ କରି ସଂଧ୍ୟା ପର୍ଯ୍ୟନ୍ତ ମୋ ସମ୍ମୁଖରେ ଘଟିଥିବା ଘଟଣା ।

ସେତେବେଳେ ସେହି ଶିଳ୍ପୀଙ୍କ ସହିତ ମୁଁ କଥା ହେଉ ହେଉ କହିଲି "ସକାଳୁ ଆରମ୍ଭ କରି ତିନିଜଣ ଲୋକ ଆସି ଜଣେ ଚୌଡେଶ୍ୱରୀ, ଆଉଜଣେ ପେଦ୍ଦମ୍ମା, ତାପରେ ଆଉଜଣେ ଆସି ରାଜରାଜେଶ୍ୱରୀ ପ୍ରତିମା ଅଛି କି କଣ ପଚାରିବାରୁ ତୁମେ ସେମାନଙ୍କୁ ଅଲଗା ଅଲଗା ପ୍ରତିମା ନ ଦେଖାଇ ସମସ୍ତଙ୍କୁ ସେହି ଗୋଟିଏ ପ୍ରତିମା ଦେଖାଉଛ, ଗୋଟିଏ ଦର ମଧ୍ୟ କହୁଛ । ସେ ତିନିଜଣ ଦେବତାଙ୍କ ଅଲଗା ଅଲଗା ପ୍ରତିମା ମାଗିବା ବେଳେ ଅଲଗା ଅଲଗା ପ୍ରତିମା କାହିଁକି ଦେଖାଉ ନାହଁ, ଏଥିରେ କିଛି ରହସ୍ୟ ଅଛିକି ?" ବୋଲି ପଚାରିଲି । ସେତେବେଳେ ସେ "ପୁରୁଷ ପ୍ରତିମା ଗୁଡିକର ଆକାର ଭିନ୍ନ ଭିନ୍ନ ଏବଂ ସେମାନଙ୍କର ଆୟୁଧ, ଅଳଙ୍କାର ମଧ୍ୟ ଭିନ୍ନ ଭିନ୍ନ । ବିଘ୍ନେଶ୍ୱର, ବୀରଭଦ୍ର, ସୁବ୍ରମଣ୍ୟମ୍ ଇତ୍ୟାଦି ଦେବତାମାନଙ୍କର ଆକାର ଭିନ୍ନ ଭିନ୍ନ, ଅଳଙ୍କାର ଏବଂ ଆୟୁଧ ମଧ୍ୟ ଭିନ୍ନ ଭିନ୍ନ ହୋଇଥିବାରୁ ସେମାନଙ୍କର ପ୍ରତିମା ଏକାଭଳି ନକରି ଅଲଗା ଅଲଗା କରିବାକୁ ପଡିବ । ହେଲେ ଦେବୀମାନଙ୍କ ପ୍ରତିମାକୁ କୌଣସି ନାମର

ଦେବୀ ସହିତ ତୁଳନା କରି କହିଲେ ମଧ୍ୟ କେହି ମିଛ ଭାବିବେ ନାହିଁ । ସେଥିଲାଗି ପ୍ରାୟ କେତେକ ସ୍ତ୍ରୀ ପ୍ରତିମାକୁ କେତେ ନାମରେ ନାମିତ କଲେ ମଧ୍ୟ କିଛି ଅସୁବିଧା ନାହିଁ । ତାକୁ ଅମୁକ ଦେବୀ କହି ଦେଖାଇହେବ” ବୋଲି କହିଲେ । ଶିଳ୍ପୀଙ୍କ କଥା ଶୁଣୁ ଶୁଣୁ ମୋର ଯଜ୍ଞକାରୀମାନଙ୍କ କଥା ମନେ ପଡିଗଲା । ଏପରି ତ ଗୋଟିଏ ଯଜ୍ଞକୁ ଦେଖାଇ ନାନା ଯଜ୍ଞ ନାମରେ କହିହେବ, ଏହା ଅମୁକ ଯଜ୍ଞ ନୁହେଁ କହିହେବ ନାହିଁ ବୋଲି ମୋତେ ବୁଝାଗଲା । ଗୋଟିଏ ସ୍ତ୍ରୀ ପ୍ରତିମାକୁ ଦେଖାଇ ତିନିଜଣ ଦେବୀଙ୍କ ନାଆଁ କହିଲେ ମଧ୍ୟ କେହି ଚିହ୍ନିପାରି କହିଲେ ନାହିଁ ଯେ, ଏହା ଅମୁକ ଦେବୀର ପ୍ରତିମା ନୁହେଁ । ଠିକ୍ ସେହିଭଳି ଗୋଟିଏ ଯଜ୍ଞକୁଣ୍ଡରେ କୌଣସି ନାଆଁ କହି, କୌଣସି ମନ୍ତ୍ର ପଢି, କୌଣସି ଯଜ୍ଞ କରିହେବ ବୋଲି ମୋତେ ସେତେବେଳର ବିଚାରରେ ବୁଝାଗଲା ।

ଅତୀତରୁ ହିଁ ମଣିଷ ଯଜ୍ଞ କରିଆସୁଛି ବୋଲି ଇତିହାସ କହୁଛି । ତ୍ରେତାଯୁଗରେ ପୁତ୍ରପାଇଁ ଦଶରଥ ଯଜ୍ଞ କରିଥିଲେ ବୋଲି ରାମାୟଣ ପଢିଥିବା ସମସ୍ତଙ୍କୁ ଜଣାଥିବ । ରାମ ଜନ୍ମହେବା ପରେ ବିଶ୍ୱାମିତ୍ର ତାଙ୍କର ଯଜ୍ଞ ରକ୍ଷା କରିବା ପାଇଁ ରାମଙ୍କୁ ତାଙ୍କ ସାଥିରେ ନେଇଥିଲେ, ସେତେବେଳେ ତ୍ରିକାଳଦର୍ଶୀ, ବ୍ରହ୍ମଜ୍ଞାନୀ, ଦଶକଣ୍ଠ ବୋଲାଉଥିବା ରାବଣ ଯଜ୍ଞ ଭଗ୍ନ କରୁଥିଲେ ବୋଲି ମଧ୍ୟ ଶୁଣିଛେ । ଏଭଳି ତ୍ରେତାଯୁଗ ଛଡା ଦ୍ୱାପର ଯୁଗରେ ମଧ୍ୟ ଅନେକ ମହର୍ଷିମାନେ ଯଜ୍ଞ କରିଥିଲେ ବୋଲି ଇତିହାସରୁ ଜଣାଯାଉଛି । ଆଜି କଳିଯୁଗରେ ମଧ୍ୟ ଅନେକ ସ୍ଥାନରେ ଅନେକ ବ୍ରାହ୍ମଣମାନେ ଯଜ୍ଞ କରୁଥିବା ବେଳେ ଅନେକ ଲୋକ କରାଉଛନ୍ତି ମଧ୍ୟ । ଅନେକ ଆଶ୍ରମରେ, ମନ୍ଦିରରେ ଯଜ୍ଞ ହେଉଥିବାର ଆମେ ସମସ୍ତେ ଜାଣିଛେ । ବେଦମନ୍ତ୍ର ଶିଖିଥିବା ଯଜ୍ଞାଚାରୀମାନେ ଋତ୍ୱିକ୍ ଭାବରେ ପରିଗଣିତ ହୋଇ ଯଜ୍ଞ କରୁଥିବା ବେଳେ, ସେମାନଙ୍କ ଦ୍ୱାରା ଅନେକ ଲୋକ ଯଜ୍ଞ କରାଇଥାନ୍ତି, ହେଲେ ସାଧାରଣ ଲୋକମାନଙ୍କୁ ଏହି

ଯଜ୍ଞ ବାବଦରେ ଜଣାନଥାଏ । ହେତୁବାଦୀ କିମ୍ବା  ନାସ୍ତିକବାଦୀ ମାନଙ୍କୁ ଯଜ୍ଞ ବାବଦରେ ବିଶ୍ୱାସ ନଥାଏ । ସତ କହିବାକୁ ଗଲେ ଯଜ୍ଞ କରାଉଥିବା ଧନୀ ଲୋକମାନଙ୍କୁ ମଧ ଯଜ୍ଞ ବାବଦରେ ଜଣାନଥାଏ । ତେଣୁ ଶିଳ୍ପୀ ଗୋଟିଏ ପ୍ରତିମାକୁ ତିନିଜଣଙ୍କୁ ଦେଖାଇ ତିନିଗୋଟି ନାଆଁ କହିବା ଭଳି ଯଜ୍ଞାଚାରୀମାନେ ମଧ ଯଜ୍ଞଗୁଡିକୁ କୌଣସି ଯଜ୍ଞ ନାଆଁରେ କରାଉଛନ୍ତି ।

ଜଣେ ସାଧାରଣ ଲୋକ ଯଜ୍ଞ ବାବଦରେ ସମ୍ପୂର୍ଣ୍ଣ ସମାଚାର ଜାଣିବାକୁ ହେଲେ, ପ୍ରଥମେ କେତେଗୋଟି ପ୍ରଶ୍ନର ସମାଧାନ କଣ ହେବ ତାହା ଜାଣିବାକୁ ହେବ । ସେହି ପ୍ରଶ୍ନଗୁଡିକ ହେଉଛି ୧) ଯଜ୍ଞ କହିଲେ କଣ? ୨) ଯଜ୍ଞ କେଉଁଠାରେ କରାଯାଏ?  ୩) ଯଜ୍ଞ କିଏ କରାଏ? ୪) ଯଜ୍ଞ କିଏ କରେ?  ୫) ଯଜ୍ଞ କେତେ ପ୍ରକାରର? ୬) ଯଜ୍ଞ ଦ୍ୱାରା କର୍ମ ଆସେ? କି କଟିଯାଏ? ୭) ଯଜ୍ଞରେ କଣ ମନ୍ତ୍ର ଆବଶ୍ୟକ? ୮) ଯଜ୍ଞ କେଉଁ ଲଗ୍ନରେ କରାଯାଏ? ୯) ଯଜ୍ଞ କେତେକାଳ (ସମୟ)ଧରି କରାଯାଏ? ୧୦) ଯଜ୍ଞରେ କଣ ହୁଏ? ୧୧) ଯଜ୍ଞରେ ସମିଧ (ଯଜ୍ଞ କାଷ୍ଠ) ଏବଂ ଅଗ୍ନି କାହାକୁ କହିବା? ୧୨) ଯଜ୍ଞ ଦ୍ୱାରା କଣ କାମନା ପୂରଣ ହୋଇଥାଏ? ୧୩) ତ୍ରିକାଳଦର୍ଶୀ  ରାବଣ କାହିଁକି ଯଜ୍ଞ ଭାଙ୍ଗି ଦେଉଥିଲେ? ଏଇଭଳି କେତୋଟି ପ୍ରଶ୍ନର ସମାଧାନ ଜାଣିବା ପରେ ଯଜ୍ଞ ବିଷୟରେ ସମ୍ପୂର୍ଣ୍ଣ ଜାଣି ପାରିବା ।

ଯଜ୍ଞ କହିଲେ ଆମ  ଆଖିକୁ ଦେଖାଯାଉଥିବା ଭଳି ଜଣାପଡେ ଯେ, ଥିବା ଜିନିଷକୁ  ନଥିବା  ଭଳି  କରିବା । ଯଜ୍ଞର ମୁଖ୍ୟ କାର୍ଯ୍ୟ ହେଉଛି ପୋଡିଦେବା (ଅଗ୍ନିରେ ଆହୁତି ଦେବା) । ଆଉ ଏକ ମୁଖ୍ୟକଥା ହେଲା ଯଜ୍ଞରେ ଅଗ୍ନି (ନିଆଁ) ନିଶ୍ଚୟ ଦରକାର । ଯଜ୍ଞର ମୁଖ୍ୟ ଜିନିଷ ହେଲା ଅଗ୍ନି ବା ନିଆଁ, ହେଉଥିବା କାର୍ଯ୍ୟ ହେଲା ପୋଡିଦେବା । ପୋଡିଦେବା ବା ଜଳାଇଦେବା ଦ୍ୱାରା ଥିବା ବସ୍ତୁ ନିଖୋଜ ହୋଇଯାଏ । ସେଠାରେ ଥିବା ଜିନିଷଗୁଡିକ ସମିଧ ଭାବରେ ଅଗ୍ନିରେ ଆହୁତି ଦେବା ଦ୍ୱାରା ଥିବା

ଜିନିଷଗୁଡିକ ବିନାଶ ବା ନିଖୋଜ ହୋଇଯାଇଥାଏ । ଅଗ୍ନି ସବୁ କିଛିକୁ ଦହନ କରିଥାଏ । ଅଗ୍ନି ଦ୍ୱାରା ବିନାଶ ଛଡା ଆଉକିଛି ଦେଖାଯାଏ ନାହିଁ । ଏହି ସୂତ୍ର ଅନୁସାରେ ଦେଖିଲେ ଯେଉଁଠି କେଉଁ ବସ୍ତୁ ହେଉ, କେଉଁ ପଦାର୍ଥ ହେଉ ନିଜର ସାମର୍ଥ୍ୟକୁ ହରାଇ, ବଦଳି ଶେଷରେ ନିଖୋଜ ହୋଇଯାଉଛି ସେଠାରେ ଯଜ୍ଞ ହେଉଛି ବୋଲି କହିପାରିବା । ଯେଉଁଠି ବିନାଶ କ୍ରିୟା ହେଉଛି, ସେଠାରେ ଯଜ୍ଞକାର୍ଯ୍ୟ ହେଉଛି ବୋଲି ହିସାବ ହେବ । ଏହି ଅନୁସାରେ ଦେଖାଯାଉଥିବା ଅଗ୍ନି ଦ୍ୱାରା ବସ୍ତୁଗୁଡିକ ଜଳିଯିବା ବ୍ୟତୀତ, ଦେଖାଯାଉ ନଥିବା ଅଗ୍ନି ଦ୍ୱାରା ହେଉଥିବା ବିନାଶ କାର୍ଯ୍ୟକୁ ମଧ୍ୟ ଯଜ୍ଞ କାର୍ଯ୍ୟ କହିପାରିବା । ଦେଖାଯାଉ ନଥିବା ଅଗ୍ନି କୌଣସି ରୂପରେ ଥାଇ ପାରେ । ଉଦାହରଣ ସ୍ୱରୁପ ୧୦୦ଜଣ ସୈନିକଙ୍କ ଉପରେ ଶତ୍ରୁବିମାନ ଉପରୁ ଶତ୍ରୁମାନେ ବୋମା ଫିଙ୍ଗିବା ବେଳେ, ବୋମା ବିସ୍ଫୋରଣ ହେବା ଦ୍ୱାରା ୧୦୦ ଜଣ ସୈନିକ ସେମାନଙ୍କର ଥିବା ଶରୀର ସ୍ଥିତିକୁ ହରାଇ, ଛିନ୍ନ ଭିନ୍ନ ହୋଇ ମୃତ୍ୟୁବରଣ କଲେ, ଏହି ଘଟଣା ମଧ୍ୟ ଏକ ପ୍ରକାରର ଯଜ୍ଞ ହେବ, ତାର ନାମ ମଧ୍ୟ ରଖିପାରିବା । ଯଥାର୍ଥ ଘଟଣା ଘଟିଥିଲେ ମଧ୍ୟ ଏହି ନରମେଧରେ ଅଗ୍ନି ଦେଖାଯାଇ ନଥାଏ । ଯଜ୍ଞରେ ଅଗ୍ନି ଯେ, କେବଳ ଜଳୁଥିବା ରୂପରେ ଦେଖାଯିବ ତାର କୌଣସି ନିୟମ ନାହିଁ । ଯଜ୍ଞ କୌଣସି ରୂପରେ ହୋଇପାରେ । ଯଜ୍ଞରେ ଯାହାସବୁ ଜଳିଯାଏ ବା ବିନାଶ ହୋଇଯାଏ ତାହା ସ୍ଥୁଳ କିମ୍ବା ସୂକ୍ଷ୍ମ ରୂପରେ ରହିପାରେ । ଏହିଭଳି ଏକ ହିସାବ କରି, ସୂତ୍ରବଦ୍ଧ ଭାବରେ ଦେଖିଲେ, ଯେଉଁଠି ଥିବା ଜିନିଷ ନଥିବା ଭଳି ହୋଇଯାଏ, ଯେଉଁଠି ଥିବା ଜିନିଷ ବିନାଶ ହୋଇଯାଏ, ଯେଉଁଠି ଏକ ପଦାର୍ଥ ହେଉ, ଏକ ବସ୍ତୁ ହେଉ ନିଜର ସାମର୍ଥ୍ୟକୁ, ରୂପକୁ ଭିନ୍ନ ରୂପରେ ବଦଳାଇ ଥାଏ ସେଠାରେ ଯଜ୍ଞ ହେଉଛି ବୋଲି ବୁଝିବାକୁ ହେବ ।

ଯଜ୍ଞକୁ ଏହିଭଳି ଭାବରେ ହିସାବ କରିବା ଦ୍ୱାରା ଯଜ୍ଞ ଶାସ୍ତ୍ରବଦ୍ଧ ଭାବରେ ରହିଥିବା ଭଳି ବୋଧ ହୁଏ । ଯଜ୍ଞ ନାମକ ପ୍ରଶ୍ନ ଆସିବା ବେଳେ, ତାହା ଏହି ଉପରୋକ୍ତ ସୂତ୍ର ଅନୁସାରେ ରହିବାକୁ ଆମେ ଶାସ୍ତ୍ରବଦ୍ଧତା ବୋଲି କହୁଛୁ । ତା ନହୋଇ, ଗୋଟିଏ ଗୋଟିଏ ଜାଗାରେ ଗୋଟିଏ ଗୋଟିଏ ପ୍ରକାରର କହିଲେ ତାହା ଶାସ୍ତ୍ରବଦ୍ଧତା ହେବ ନାହିଁ, ସେହିଭଳି ସୂତ୍ରବଦ୍ଧ ମଧ୍ୟ ହେବ ନାହିଁ । ଶାସ୍ତ୍ରବଦ୍ଧତା ଥିବା ବିଷୟ କେଉଁଠି ମଧ୍ୟ ନବଦଳି ଗୋଟିଏ ଭାବ ପ୍ରଦାନ କରିଥାଏ । ଏବେ ଆମେ କହୁଥିବା ଯଜ୍ଞର ଶାସ୍ତ୍ରବଦ୍ଧତାକୁ ଆଗରେ ପଢିବାକୁ ଥିବା ରଚନାରେ ଦେଖିବାକୁ ପାଇବେ, ସେଥିପାଇଁ ଏବେ ଯଜ୍ଞର ଏହି ଶାସ୍ତ୍ରବଦ୍ଧତା ବିଷୟରେ ନକହିଲେ, ବାହାରେ ହେଉଥିବା ଯଜ୍ଞଗୁଡିକୁ ଏକ ପ୍ରକାରରେ ଆଉ ଭଗବଦ୍ଗୀତାରେ ଭଗବାନ କହିଥିବା ଯଜ୍ଞଗୁଡିକୁ ଅନ୍ୟଏକ ପ୍ରକାରରେ କହିବାକୁ ପଡିବ, ସେଭଳି ନକହିଲେ ହେତୁବାଦୀମାନଙ୍କୁ ଜବାବ ଦେଇ ପାରିବା ନାହିଁ, ସେମାନଙ୍କୁ ତାହା ଅଶାସ୍ତ୍ରୀୟ ବୋଧ ହେବ । ଅଶାସ୍ତ୍ରୀୟ ବିଷୟକୁ କଳ୍ପନା କୁହାଯାଇଥାଏ, ସେହି ବିଷୟ ପ୍ରମାଣିତ ହୋଇନଥାଏ । ଆମେ କହୁଥିବା କଥା ଶାଶ୍ୱତ, ତାହା ପ୍ରାଣ ଥିବା, ପ୍ରତ୍ୟକ୍ଷ ପ୍ରମାଣହୋଇ, ଶାସ୍ତ୍ରୀୟତାକୁ ବହନ କରି ରହିଥାଉ ବୋଲି ଉଦ୍ଦେଶ୍ୟ ନେଇ ଆମେ ଆଗରୁ ଯଜ୍ଞ ସମ୍ବନ୍ଧୀୟ ଶାସ୍ତ୍ରବଦ୍ଧ ସୂତ୍ରକୁ କହିଛୁ ।

ଯଜ୍ଞର ଅର୍ଥ ଏବଂ ତାର ଶାସ୍ତ୍ରୀୟତା ବାବଦରେ ଜାଣିଲେ । ଅନେକ ଲୋକ ଭାବିଥାନ୍ତି ଯେ, ଯଜ୍ଞ ହେଉଛି ଦୈବାରାଧନାର ଏକ ଭାଗ । କେତେକ ଯଜ୍ଞକୁ ଅତି ପୁଣ୍ୟ ଭାବରେ, ଗୌରବପ୍ରଦ ଭାବରେ ଦେଖୁଥିବା ବେଳେ, ଆମେ ସ୍ୱତନ୍ତ୍ର ଭାବରେ ଯଜ୍ଞ ଦ୍ୱାରା ନଷ୍ଟ ହୋଇଥାଏ ବା ଯଜ୍ଞ ବିନାଶ କରିଥାଏ ବୋଲି କହିବା କେତେକଙ୍କ ପାଇଁ ଶୃତିକଟୁ ହୋଇପାରେ । ସେମାନଙ୍କୁ ଦୃଷ୍ଟିଦେଇ ସତ କଥାକୁ ଲୁଚାଇ ରଖିବା ଦ୍ୱାରା ସାରା ମାନବଜାତି ପାଇଁ ତାହା ସଦାରହସ୍ୟ ହୋଇ ରହିଯିବ । ତାଛଡା

କୁହାଯାଉଥିବା ବିଷୟ ଆଉ କିଛି ନୁହେଁ ଦୈବଜ୍ଞାନ । ଦୈବଜ୍ଞାନକୁ ଅସତ୍ୟ ଭାବରେ କହିବା ଦ୍ୱାରା ଅନେକ ଜନ୍ମପାଇଁ ପାପ ସଞ୍ଚୟ ହୋଇଯାଏ । ଯଜ୍ଞ କିଛି ସାଧାରଣ କଥା ନୁହେଁ, ଧର୍ମ ଏବଂ ଅଧର୍ମ ସମ୍ବନ୍ଧୀୟ ବିଷୟ । ବ୍ୟକ୍ତି ବିଶେଷର ଆଚରଣ ଅନୁସାରେ ଯଜ୍ଞ ଧର୍ମ କିମ୍ବା ଅଧର୍ମ ହୋଇଥାଏ । ଏହା ଧର୍ମାଧର୍ମ ବିଷୟ ତେଣୁ ଯଜ୍ଞ ବାବଦରେ ମୋତେ ଲେଖିବାକୁ ପଡିଛି ।

ଯଜ୍ଞର ଇତିହାସ ଆଲୋଚନା କଲେ ଯଜ୍ଞ ଦୁଇ ପ୍ରକାରର ବୋଲି ଜଣାଯାଏ । ଗୋଟିଏ ହେଉଛି ଦେଖାଯାଉଥିବା ଯଜ୍ଞ, ଅନ୍ୟଟି ଦେଖାଯାଉ ନଥିବା ଯଜ୍ଞ । ଦେଖାଯାଉ ନଥିବା ଯଜ୍ଞ ଦୁଇ ପ୍ରକାରର ବୋଲି କହିପାରିବା । **ଦେଖାଯାଉ ନଥିବା ସୂକ୍ଷ୍ମଯଜ୍ଞ ଦୁଇଟି ଭିତରୁ ଗୋଟିଏ କର୍ମ ନେଇ ଆସୁଥିବା ଯଜ୍ଞ ଏବଂ ଅନ୍ୟଟି କର୍ମକୁ ନିର୍ମୂଳ କରୁଥିବା ଯଜ୍ଞ ବୋଲି କହିପାରିବା** । ଯଜ୍ଞ ସ୍ଥୁଳ, ସୂକ୍ଷ୍ମ ଭେଦରେ ଦୁଇ ପ୍ରକାରର ହେବାବେଳେ, ସୂକ୍ଷ୍ମଯଜ୍ଞ ଦୁଇ ପ୍ରକାରର । ସେହି ଅନୁସାରେ ଯଜ୍ଞ ମୋଟ ତିନି ପ୍ରକାରର ବୋଲି ଜଣାଯାଉଛି । ଦେଖାଯାଉଥିବା ସ୍ଥୁଳଯଜ୍ଞ ଏକ ପ୍ରକାରର ହୋଇଥିବା ବେଳେ ସେଥିରେ ଅନେକ ପ୍ରକାରର ଯଜ୍ଞ ରହିଛି । ଯଜ୍ଞର ଅର୍ଥ ବିନାଶ ବୋଲି ଆଗରୁ ଜାଣିଛେ । ଅଗ୍ନି ଦ୍ୱାରା ବସ୍ତୁଗୁଡିକ ଜଳିଯାଉ, ବମ୍ ଦ୍ୱାରା ଲୋକମାନେ ମରିଯାଆନ୍ତୁ, ଅଟାକଳରେ ଗହମ ଅଟାରେ ପରିଣତ ହେଉ, ବଜ୍ରପାତରେ ମେଣ୍ଢାଦଳ ମରିଯାଆନ୍ତୁ, ବିଷ ପ୍ରଭାବରେ ଫସଲ କିଆରିର ପୋକମାନେ ମରିଯାଆନ୍ତୁ, ପବନରେ ଗଛଗୁଡିକ ଉପୁଡିଯାଉ ଏସବୁ ଦେଖାଯାଉଥିବା ବିନାଶକାରୀ କାର୍ଯ୍ୟଗୁଡିକୁ ସ୍ଥୁଳଯଜ୍ଞ କହିବା ଉଚିତ୍ । ପଦାର୍ଥ ହେଉ କି ବସ୍ତୁ ହେଉ, ସଜୀବ ହେଉ କି ନିର୍ଜୀବ ହେଉ ତାହା ବିନାଶ ହେବାବେଳେ ତାହାକୁ ଦେଖାଯାଉଥିବା ଯଜ୍ଞ କହିପାରିବା । ହେଲେ ଗାତ ଖୋଳି ତାକୁ ଯଜ୍ଞକୁଣ୍ଡ ବୋଲି ନାମ ଦେଇ ସେଥିରେ ବସ୍ତୁ, ବସ୍ତ୍ର, ପଦାର୍ଥ, ଫଳ, ତୈଳ, ଘୃତ, ଧାତୁ ଇତ୍ୟାଦି କ୍ରମାନ୍ୱୟରେ ଆହୁତି ଦେଇ ମନ୍ତ୍ର ପଢି, ସ୍ୱାହା କହିବା ସହିତ ପୋଡିଦେବା କାର୍ଯ୍ୟକୁ ଦେଖି ତାହା

ଯଜ୍ଞ ହେଲା ବୋଲି ସମସ୍ତେ ଭାବିଥାନ୍ତି, କିନ୍ତୁ ଅନ୍ୟ ବିନାଶକାରୀ କାର୍ଯ୍ୟକୁ କେହି ଯଜ୍ଞ ବୋଲି ଚିହ୍ନି ପାରିନଥାନ୍ତି । ଦେଖାଯାଉଥିବା ବିନାଶ କାର୍ଯ୍ୟକୁ ଯଜ୍ଞ ବୋଲି କେହି ଚିହ୍ନି ନପାରିବା ବେଳେ, ଦେଖାଯାଉ ନଥିବା ଯଜ୍ଞ ଅଛି ବୋଲି କେହି ସ୍ୱପ୍ନରେ ମଧ୍ୟ ଭାବିବେ ନାହିଁ । ମୋଟାମୋଟି ଭାବରେ ଗାତ ଖୋଳି ନିଆଁ ଜାଳି ସେଥିରେ ବସ୍ତୁ, ଧାତୁ ଇତ୍ୟାଦିକୁ ପକାଇ, ପୋଡୁଥିବା ବେଳେ ବ୍ରାହ୍ମଣମାନେ ଯଦି କିଛି ମନ୍ତ୍ର ପଢୁଛନ୍ତି ତେବେ ତାହା ଯଜ୍ଞ ବୋଲି ସମସ୍ତେ ଭାବନ୍ତି । ଏହା ଦ୍ୱାରା ଯଜ୍ଞ କହିଲେ ଭୂପୃଷ୍ଠରେ ଗୋଟିଏ ପ୍ରକାରର, ତାହା ଦେଖା ଯାଉଥିବା ଯଜ୍ଞ ଛଡା ଆଉ କିଛି ନାହିଁ ବୋଲି ସମସ୍ତେ ଭାବି ବସିଛନ୍ତି ସିନା, ଏହା ବ୍ୟତୀତ ଆଉ ଦୁଇ ପ୍ରକାରର ଯଜ୍ଞ ଅଛି ବୋଲି ଜାଣି ନାହାନ୍ତି । ଯଜ୍ଞ ପାଇଁ ଅଗ୍ନିକୁଣ୍ଡ ଥାଏ, ଋତ୍ୱିକ୍ (ପୁରୋହିତ)ମାନେ ଥା'ନ୍ତି, ବେଦମନ୍ତ୍ର ପଢାଯାଏ, ଯଜ୍ଞ ଋତ୍ୱିକମାନେ କରୁଥିବା ବେଳେ ଧନୀକ ଶ୍ରେଣୀର ଲୋକମାନେ କରାଇଥାନ୍ତି, ଯଜ୍ଞ ଦ୍ୱାରା କିଛିନା କିଛି ଲାଭ ନିଶ୍ଚୟ ଥାଏ, କରାଉଥିବା ଲୋକର କାମନା ପୂରଣ ହୁଏ ଏବଂ ଯଜ୍ଞରେ ଧନଖର୍ଚ୍ଚ ହୋଇଥାଏ ବୋଲି ସମସ୍ତେ ଜାଣନ୍ତି ।

ବାସ୍ତବରେ ଯଜ୍ଞଗୁଡିକ ଦୁଇ ପ୍ରକାରର, ତାହା ଦେଖାଯାଉଥିବା, ଦେଖାଯାଉ ନଥିବା ଯଜ୍ଞ, ତା ଭିତରୁ ଦେଖାଯାଉଥିବା ଯଜ୍ଞଗୁଡିକୁ ଭଲ ଭାବରେ ନଚିହ୍ନି କେବଳ ଗୋଟିଏ ପ୍ରକାରର ଯଜ୍ଞକୁ ଚିହ୍ନି ପାରିବା ଆଜି କାଲିର କଥା ନୁହେଁ । ପ୍ରାୟ କଳିଯୁଗ ଆରମ୍ଭରୁ ନଚିହ୍ନିବା ଛଡା ଦ୍ୱାପର ଯୁଗର ଅନ୍ତ କାଳରୁ ମଧ୍ୟ ଯଜ୍ଞ ଗୋଟିଏ ପ୍ରକାରର ବୋଲି ସମସ୍ତେ ଭାବି ଆସୁଛନ୍ତି । ଦେଖାଯାଉଥିବା ଯଜ୍ଞ ଅନେକ ପ୍ରକାରର ଅଛି ବୋଲି ନଜାଣି ଏକମାତ୍ର ଯଜ୍ଞକୁ ଆଚରଣ କରୁଥାଇ, ଅସଲି ସୂକ୍ଷ୍ମ (ଦେଖାଯାଉ ନଥିବା) ଯଜ୍ଞ ବାବଦରେ ଖାଲି ସାଧାରଣ ପ୍ରଜା କାହିକିଁ ସାଧୁ, ସ୍ୱାମୀଜୀ, ଗୁରୁମାନେ ମଧ୍ୟ ଅଜଣା ସ୍ଥିତିରେ ରହି ଆସିଛନ୍ତି । ଯଜ୍ଞ ସ୍ଥୁଳ, ସୂକ୍ଷ୍ମ ବ୍ୟତୀତ ଧର୍ମମୟ ଏବଂ ଧର୍ମହୀନ ହୋଇ ଦୁଇ ପ୍ରକାରର ରହିଥିବା ସ୍ଥଳେ, ମଣିଷ ସବୁଛାଡି

କେବଳ ସ୍ଥୁଳ ଯଜ୍ଞକୁ କିଛି ପରିମାଣରେ ଜାଣି, ତାହାକୁ ମହାନ୍ ଭାବରେ ଆଚରଣ କରିବା ଦ୍ୱାରା ଧର୍ମଠାରୁ ଖୁବ୍ ଦୂରକୁ ଯାଇ ଅଧର୍ମ ସ୍ଥିତିରେ ପହଞ୍ଚିଛି ବୋଲି ଚିହ୍ନି ପାରିଥିବା ଈଶ୍ୱର (ପରମାତ୍ମା), ଦ୍ୱାପର ଯୁଗରେ ଭଗବାନ ରୂପରେ ଆସି ଭଗବଦ୍ଗୀତା ବୋଧକରି, ସେଥିରେ ଯଜ୍ଞ ବାବଦରେ କହିଛନ୍ତି ।

ଯଜ୍ଞ କହିଲେ ଜଳାଇଦେବା, ପୋଡିଦେବା, ଥିବା ଜିନିଷକୁ ନଥିବାର କରିବା କିମ୍ବା ବିନାଶ କରିବା ବୋଲି ବୁଝିଲେ । କେତେକ ଯଜ୍ଞ କାର୍ଯ୍ୟ କରୁଥିଲେ ମଧ୍ୟ ଆମେ ଯାଗ କରୁଛୁ ବୋଲି କହିଥାନ୍ତି । ଏଭଳି କହିବାରେ କିଛି ସ୍ୱତନ୍ତ୍ର ଅର୍ଥ ଅଛି କି ? ବୋଲି କେତେକ ପଚାରି ପାରନ୍ତି, ତାର ଉତ୍ତର ଦେଖିଲେ ଏହିଭଳି ରହିଛି । ଜପ ତପ ବୋଲି ଶବ୍ଦ ଆମେ ଶୁଣୁଛେ, ଜପ ଯେଉଁ ଅର୍ଥ ଦିଏ ତପ ମଧ୍ୟ ସେହି ଅର୍ଥ ଦିଏ । ସେହିଭଳି ବ୍ରତକ୍ରତୁ, ଯାଗଯଜ୍ଞ । ଜପ ତପ ଶବ୍ଦ ଦୁଇଟି ଏକା ଅର୍ଥ ହେବା ଭଳି, ବ୍ରତ କ୍ରତୁ, ଯାଗ ଯଜ୍ଞ ମଧ୍ୟ ଏକା ଅର୍ଥ ପ୍ରଦାନ କରିଥାଏ । ହେଲେ ଏଠାରେ ଧ୍ୟାନ ଦେବା ବିଷୟ ହେଉଛି ଯାହା କିଛି ସମୟ ଧରି କରାଯାଏ ତାହା ଜପ, ଅଧିକ ସମୟଧରି କଲେ ତାହା ତପ ହୋଇଥାଏ । ଜପ, ତପର କାର୍ଯ୍ୟ ଗୋଟିଏ ହେଲେ ମଧ୍ୟ କରିବା କାଳ ଅନୁସାରେ ଏଭଳି କୁହାଯାଉଛି । ଉଦାହରଣ ସ୍ୱରୂପ ଜଣେ ଏକଘଣ୍ଟାକାଳ ଧରି ଯଦି ଧ୍ୟାନ କରେ ତାହା ତାର ଜପ ବୋଲି କହିପାରିବା, କିନ୍ତୁ ସେ ଯଦି ଏକଦିନ ଧରି କରୁଥାଏ ତେବେ ତାହା ତାର ତପ ହେବ । ସେହିଭଳି କିଛିସମୟ କରାଯାଉଥିବା ଆରାଧନାକୁ ବ୍ରତ, କେତେଦିନ ଧରି କରାଯାଉଥିବା ଆରାଧନାକୁ କ୍ରତୁ ବୋଲି କୁହାଯାଏ । ସେହିଭଳି ଗୋଟିଏ ଦିନ କରାଯାଉଥିବା ଅଗ୍ନିହୋତ୍ରକୁ ଯଜ୍ଞ, କେତେଦିନ ପର୍ଯ୍ୟନ୍ତ କଲେ ତାହା ଯାଗ କୁହାଯାଇଥାଏ । ଜପତପ, ଯାଗଯଜ୍ଞ, ବ୍ରତକ୍ରତୁ ଇତ୍ୟାଦି ଶବ୍ଦଗୁଡିକ ଯୋଡିଶବ୍ଦ ଏବଂ କାର୍ଯ୍ୟର କାଳ ପରିମାଣ ନେଇ ଏଗୁଡିକ ଯାଗ, ଯଜ୍ଞ, ବ୍ରତ, କ୍ରତୁ ଇତ୍ୟାଦି ନାମରେ ନାମିତ ହୋଇଥାନ୍ତି ।

ପୂର୍ବେ ତ୍ରେତାଯୁଗରେ ଦଶରଥ ପୁତ୍ରକାମେଷ୍ଟି (ଯାଗ) ଯଜ୍ଞ କରିଥିଲେ, ସେହି ଯଜ୍ଞର ଫଳ ସ୍ୱରୂପ ତାଙ୍କର ପୁତ୍ରମାନେ ଜନ୍ମ ହୋଇଥିଲେ ବୋଲି ରାମାୟଣରୁ ଜାଣିଛେ । ଯାଗ ନାମକ କଥା ଅନୁସାରେ ତାହା ଅନେକ ଦିନ ଧରି ହୋଇଥିଲା ତେଣୁ ସମସ୍ତେ କହନ୍ତି ଦଶରଥ ପୁତ୍ରକାମେଷ୍ଟି ଯାଗ କରିଥିଲେ । ଯାଗ ବୋଲି ଏହି ନାଆଁରେ ସେମାନେ ସେଦିନ ଯେଉଁ ଉଦ୍ଦେଶ୍ୟରେ କରିଥିଲେ ତାହା ଯାଗ (ଯଜ୍ଞ)ର ନାମରେ ହିଁ ରହିଛି, ତାହା ପୁତ୍ରକାମେଷ୍ଟି ଅର୍ଥାତ୍ ପୁତ୍ର କାମନା, ତାଙ୍କର କୌଣସି ସନ୍ତାନ ନଥିବା କାରଣରୁ ସେ ସମୟର ମହର୍ଷିମାନଙ୍କ ପରାମର୍ଶ ଅନୁସାରେ, ସନ୍ତାନ ଆଶାରେ ଦଶରଥ ପୁତ୍ରକାମେଷ୍ଟି ଯାଗ କରିଥିଲେ, ତଦ୍ୱାରା ତାଙ୍କର ପୁତ୍ରମାନେ ଜନ୍ମ ହୋଇଥିଲେ ବୋଲି ରାମାୟଣରେ ଲେଖାଯାଇଛି । ଏହି ଉଦାହରଣ ଅନୁସାରେ କହି ହୁଏ ଯେ ମଣିଷ ତାର କୌଣସି କାମନା ପୂରଣ ପାଇଁ ଯାଗ ଯଜ୍ଞାଦି କରିଥାଏ । ତେଣୁ ଯାଗ ଯଜ୍ଞଗୁଡିକ ଭୌତିକ କାମନା ପାଇଁ ସୃଷ୍ଟି ହୋଇଛି ବୋଲି ଜାଣି ହେଉଛି । ଯଜ୍ଞ ବାବଦରେ ଥିବା ଧର୍ମ, ଅଧର୍ମ କଅଣ ମଣିଷ ନଜାଣିଲେ ମଧ୍ୟ, ସେଥିରେ ତାର କମନା ପୂରଣ ହୋଇଥାଏ ବୋଲି ଜାଣିଥାଏ । ପରମାତ୍ମା ଭଗବଦ୍ଗୀତାରେ ସ୍ୱଷ୍ଟ ଭାବରେ କହିଛନ୍ତି ଯେ ଏଭଳି ଯଜ୍ଞ ଦ୍ୱାରା ମୋତେ ପାଇ ପାରିବୁ ନାହିଁ । ଏଠାରେ ମୁଖ୍ୟ ଧ୍ୟାନଦେବା ବିଷୟ ହେଉଛି ! ମଣିଷ ବାହାରେ କରୁଥିବା ସ୍ଥୁଳଯଜ୍ଞ ଦ୍ୱାରା ପରମାତ୍ମାଙ୍କୁ ପାଇପାରେ ନାହିଁ, କାରଣ ! ସେଗୁଡିକ କର୍ମ ବନ୍ଧନର ପକାଉଥିବା ଯଜ୍ଞ ।

ଆମେ ପ୍ରଥମରୁ ଯଜ୍ଞକୁ ତିନି ଭାଗରେ ବିଭାଜନ କରି, ତାହାକୁ ଦୁଇ ପ୍ରକାରର ବୋଲି କହିଛେ । ସେହି ଦୁଇ ପ୍ରକାରର ଯଜ୍ଞ ଭିତରୁ ଗୋଟିଏ ଯଜ୍ଞ କର୍ମ ଅର୍ଜନ କରେ, ଅନ୍ୟଟି କର୍ମ ରହିତ କରେ । କର୍ମରହିତ କରୁଥିବା ଯଜ୍ଞ ଦ୍ୱାରା ଶେଷରେ ପରମାତ୍ମାଙ୍କୁ ଜାଣି ହୋଇଥାଏ । କର୍ମ ବନ୍ଧନରେ

ପକାଉଥିବା ଯଜ୍ଞ ଦ୍ୱାରା ପରମାତ୍ମାଙ୍କୁ ଜାଣି ହୁଏ ନାହିଁ । ମଣିଷକୁ ଜଣାଥିବା ଯଜ୍ଞଗୁଡିକ କର୍ମ ବୃଦ୍ଧି କରିଥାଏ, ତେଣୁ ସେହି ଯଜ୍ଞଗୁଡିକୁ ଅଧର୍ମଯଜ୍ଞ ବୋଲି ଭଗବଦ୍ଗୀତାରେ ଭଗବାନଙ୍କ କହିଛନ୍ତି । କାମନା ପୂରଣ ପାଇଁ ଦଶରଥ କରିଥିବା ଯଜ୍ଞ ମଧ୍ୟ ଅଧର୍ମ ଯଜ୍ଞ ବୋଲି ଜଣାଯାଉଛି । ଶ୍ରୀରାମଙ୍କ ପିତା ସନ୍ତାନପାଇଁ ପୁତ୍ରକାମେଷ୍ଟି ଯଜ୍ଞ କରାଇଥିବା ସ୍ଥଳେ କେତେକ ରାଜାମାନେ ସେମାନଙ୍କ ରାଜ୍ୟରେ ଭଲ ବର୍ଷାହେଉ ବୋଲି ବରୁଣଯଜ୍ଞ କରିଥିଲେ । କେତେକ ବିଶ୍ୱର ମଙ୍ଗଳ କାମନା କରି ବିଶ୍ୱଶାନ୍ତି ଯଜ୍ଞ କରିଥିଲେ । ଦ୍ୱାପର ଯୁଗର ଅନ୍ତ ଏବଂ କଳିଯୁଗର ପ୍ରାରମ୍ଭରେ ପରିକ୍ଷିତ ରାଜାଙ୍କ ପୁତ୍ର ଜନ୍ମେଜୟ, ତାଙ୍କ ପିତାଙ୍କ ମରଣର କାରଣ ହୋଇଥିବା ସର୍ପକୁଳକୁ ବିନାଶ କରିବାକୁ ସର୍ପଯଜ୍ଞ କରିଥିଲେ ବୋଲି ଇତିହାସ ଅଛି । ଏହିଭଳି ଅତୀତରେ ଅନେକଲୋକ ଅନେକ କାରଣ ନେଇ ଯଜ୍ଞ କରିଥିବା ସ୍ଥଳେ, ଆଜି ମଧ୍ୟ ନାନା ସାଂସାରୀକ କାମନା ରଖି ନାନା ପ୍ରକାରର ଯଜ୍ଞ କରାଯାଉଛି । ଏହି ଅଭ୍ୟାସ ପୂର୍ବରୁ ଆଜିଯାଏଁ କେବଳ ଆମ ଭାରତ ଦେଶରେ ରହି ଆସିଛି ତା ନୁହେଁ, ଏବେ ଆମଠାରୁ ଶିଖି ବିଦେଶର କେତେକ ଲୋକେ ନାନା କାମନା ରଖି ଆମ ଦେଶରୁ ବ୍ରାହ୍ମଣମାନଙ୍କୁ ଡକାଇ ଯଜ୍ଞ କରାଉଛନ୍ତି ।

ଯଜ୍ଞ କରୁଥିବା ଲୋକମାନଙ୍କୁ ସ୍ୱତନ୍ତ୍ର ନାମରେ ଋତ୍ୱିକ୍ କହୁଛନ୍ତି । ଯଜ୍ଞ ଦ୍ୱାରା କର୍ମ ବନ୍ଧନରେ ପଡିହେବ, କର୍ମକୁ ନିର୍ମୂଳ କରିହେବ ବୋଲି ଆମେ କହୁଛୁ । **ବ୍ରହ୍ମଜ୍ଞାନୀମାନେ କର୍ମରହିତ ଯଜ୍ଞ କରୁଥିବା ସ୍ଥଳେ, ବାହ୍ୟ ଜ୍ଞାନୀମାନେ କର୍ମ ଜାତ କରାଉଥିବା ଯଜ୍ଞ କରାଇଥାନ୍ତି ।** ଯଜ୍ଞ କରୁଥିବା କୌଣସି ଲୋକକୁ ଆମେ ଋତ୍ୱିକ୍ କହିପାରିବା । ଗାଡିରେ ଗୋଟିଏ ସ୍ଥାନକୁ ଯାଉଥିବା ଯାତ୍ରୀମାନଙ୍କୁ ଡ୍ରାଇଭର୍ କୁହାନଯାଇ ଗାଡିଟି ଚଲାଉଥିବା ଲୋକକୁ ଡ୍ରାଇଭର କୁହାଯାଉଥିବା ଭଳି, ଯଜ୍ଞ କରାଉଥିବା ଲୋକ କେହିବି ହେଉ ସେମାନଙ୍କୁ ଋତ୍ୱିକ୍ କୁହାନଯାଇ ଯଜ୍ଞ କରୁଥିବା ଲୋକମାନଙ୍କୁ ଋତ୍ୱିକ୍ କୁହାଯାଏ । ଋତ୍ୱିକ୍‌ମାନେ ବେଦମନ୍ତ୍ର ଜାଣି, ଶୁଚିଶୁଭ୍ରତା ଯୁକ୍ତ ହୋଇ,

ବ୍ରାହ୍ମଣକୁଳର ହୋଇଥାନ୍ତି । ଯାତ୍ରୀମାନେ ନଥିଲେ ଗାଡି ଚାଲିବ ନାହିଁ, କାରଣ ଡ୍ରାଇଭରର କାର୍ଯ୍ୟ ନଥାଏ । ଗାଡି ଚଲାଇବା ଅଭ୍ୟାସରେ ପଡିଥିବା ଡ୍ରାଇଭର ଆଉକିଛି କରିପାରିବ ନାହିଁ । ତେଣୁ ନିଜ କାର୍ଯ୍ୟ କରିବାକୁ ହେଲେ ତାକୁ କିଛି ଯାତ୍ରୀ ଯୋଗାଡ କରିବାକୁ ହେବ । ସେହିଭଳି ଯଜ୍ଞ କରିବା ଅଭ୍ୟାସରେ ପଡିଥିବା କେତେକ ପ୍ରଜାମାନଙ୍କୁ ଯଜ୍ଞ ବାବଦରେ ବୁଝାଇ, ଯଜ୍ଞ ଦ୍ୱାରା ତେତେକ କାମନା ପୂରଣ ହୋଇଥାଏ, ଯଜ୍ଞ ଦ୍ୱାରା କୌଣସି କାର୍ଯ୍ୟ ସଫଳ ହୋଇପାରେ ବୋଲି କହିବା ଦ୍ୱାରା, ପ୍ରଜାମାନେ ନିଜ ନିଜର କାମନା ପୂରଣପାଇଁ ଯଜ୍ଞ କରିବାକୁ ରାଜି ହୋଇଯାଆନ୍ତି । ମଣିଷର ଆଶା ଦ୍ୱାରା ଆଜି ଅନେକ ସ୍ଥାନରେ ଋତ୍ୱିକ୍‌ମାନେ ଯଜ୍ଞ କାର୍ଯ୍ୟ କରୁଛନ୍ତି । ଏହିଭଳି ମଣିଷର ଆଶା ଅନୁଯାୟୀ ନୂଆ ଯଜ୍ଞମାନ ସୃଷ୍ଟିକରି ସେଗୁଡିକର ନାମକରଣ କରିଛନ୍ତି । ମଣିଷର କାମନା ବାହାନାରେ ଋତ୍ୱିକ୍‌ମାନେ ନଥିବା ଯଜ୍ଞଗୁଡିକୁ ସୃଷ୍ଟିକରି, ତଦ୍ୱାରା ଅଯଥା ଧନ ଖର୍ଚ୍ଚ କରାଉଛନ୍ତି । ଯଜ୍ଞରେ ଯାହାବି ଖର୍ଚ୍ଚ ହେଉ ତାହା ବହନ କରିବା ପାଇଁ ଯଜ୍ଞ କରାଉଥିବା ଲୋକ ରାଜିହେବା ଦ୍ୱାରା ଋତ୍ୱିକ୍‌ମାନେ ସେମାନଙ୍କର ଇଚ୍ଛା ଅନୁସାରେ ଖର୍ଚ୍ଚ କରାଉଛନ୍ତି । ଖର୍ଚ୍ଚ ଯେତେ ଅଧିକ ହେବ ଯଜ୍ଞ ମଧ୍ୟ ସେତେ ବଡଯଜ୍ଞ ହେବ ବୋଲି ସାଧାରଣ ପ୍ରଜା ଭାବିଥାନ୍ତି । ତେଣୁ ବଡଯଜ୍ଞ ପାଇଁ ବଡଫିଜ୍ (ଅଧିକ ଟଙ୍କା) ନେଇହେବ ବୋଲି ଅଯଥା ବଡଯଜ୍ଞ କହି ଅଧିକ ଖର୍ଚ୍ଚ କରାଉଛନ୍ତି ।

ମୂଲ୍ୟବାନ ମଞ୍ଜିକୁ ମାଟିରେ ବୁଣିବାବେଳେ ତାହା ନଷ୍ଟ ହୋଇଯିବା ଭଳି ଦେଖାଗଲେ ମଧ୍ୟ, ୩/୪ ମାସ ପରେ ବୁଣାଯାଇଥିବା ମଞ୍ଜି ଫସଲ ରୂପରେ ଅନେକ ଲାଭ ଦେବା ଭଳି, ଯଜ୍ଞକୁଣ୍ଡରେ ଯେତେ ଘିଅ ପୋଡିବ ସେତେ ଲାଭହେବ ବୋଲି ଋତ୍ୱିକ୍‌ମାନେ କହିଥାନ୍ତି । ସେଥିଲାଗି ଯଜ୍ଞ କୁଣ୍ଡରେ ଏକ କେଜିଏରୁ ଆରମ୍ଭକରି ଡବା ଡବା ଘିଅ ପୋଡି ଦେଉଥିବା ଲୋକମାନେ ମଧ୍ୟ ଅଛନ୍ତି, ପଟ୍ଟବସ୍ତ୍ର, ସୁନା, ଚନ୍ଦନକାଠ ମଧ୍ୟ ପକାଉଥିବା

(ଆହୁତି ଦେଉଥିବା) ଲୋକମାନେ ଅଛନ୍ତି । ଏଭଳି କରିବା ଦ୍ୱାରା ଆମେ ମୂଲ୍ୟବାନ ବସ୍ତୁ, ଉନ୍ନତ ଆହାର ପଦାର୍ଥ, ଦାମି ପଟ୍ଟବସ୍ତ୍ର ଇତ୍ୟାଦି ପୋଡି ନଷ୍ଟ କରିଦେଉଛେ । ଏହିପରି ଅନେକ ଟଙ୍କା ଖର୍ଚ୍ଚକରି ଯଜ୍ଞ କରାଇଥିବା ଜଣେ ଲୋକକୁ ଯଦି ପଚରାଯାଏ କି ଏଯଜ୍ଞରୁ ତୁମର କଣ ଲାଭ ହେଲା ? ସେତେବେଳେ ସେ ନିଶ୍ଚୟ କହିବ ଯେ, ପୂର୍ବକାଳରେ ନିଶ୍ଚୟ ଲାଭ ମିଳୁଥିଲା, ହେଲେ ଆଜି ମିଳିବ ବୋଲି ବିଶ୍ୱାସ କରିହେବ ନାହିଁ । ପୂର୍ବେ ଯଜ୍ଞକରିବା ଦ୍ୱାରା କାର୍ଯ୍ୟସାଧନ ହେବା, ଲାଭ ମିଳିବା କାମନା ପୂରଣ ହେବା ଭଳି ଆଜି ମଣିଷ କ୍ଷତି ସହିବା ଛଡା କୌଣସି ଲାଭ ପାଇପାରୁ ନାହିଁ । ଏକ କାର୍ଯ୍ୟପାଇଁ ତା ସମ୍ବନ୍ଧୀୟ ଯଜ୍ଞ କଲେ ମଧ୍ୟ କିଛି ଫଳ ମିଳୁନାହିଁ । ପୂର୍ବେ ପୁତ୍ର କାମନା କରି ବ୍ୟୟ ବହୁଳ ପୁତ୍ରକାମେଷ୍ଟି ଯଜ୍ଞ କରି ଦଶରଥଙ୍କର ପୁତ୍ରଲାଭ ହୋଇଥିଲା । ଏତେ ବଡ କାମନା ସେତେବେଳେ ପୂରଣ ହୋଇ ପାରିଥିବା ବେଳେ ଆଜି ଯଜ୍ଞ ଦ୍ୱାରା ଛୋଟ କାର୍ଯ୍ୟଟିଏ ମଧ୍ୟ ହୋଇ ପାରିବ କି ? ବୋଲି ପ୍ରଶ୍ନ କଲେ, ପୂର୍ବେ ହେଉଥିବା ଭଳି ଏବେ ହେବ ବୋଲି କୌଣସି ଭରସା ନାହିଁ । ପୂର୍ବ କାଳରେ ଯଜ୍ଞ ଯେମିତି କରୁଥିଲେ ଆଜି ଠିକ୍ ସେହିଭଳି କଲେ ମଧ୍ୟ, କେତେକ ସ୍ଥାନରେ କିଛି ଫଳ ମିଳିଲେ ମଧ୍ୟ, ବାକି ସବୁ ସ୍ଥାନରେ ନଷ୍ଟ ଛଡା କୌଣସି ଫଳ ମିଳୁନାହିଁ । ଯଜ୍ଞ କରାଉଥିବା ଲୋକର କାହିଁକି ପୂର୍ବେ ମିଳୁଥିବା ଫଳ ଭଳି ଫଳ ମିଳୁନାହିଁ ? ପୂର୍ବେ ଯଜ୍ଞ କରାଉଥିବା ଲୋକର କାମନା ପୂରଣ ହେଉଥିବା ଭଳି ଆଜି କାହିଁକି କାମନା ପୂରଣ ହେଉନାହିଁ ? ବୋଲି ପ୍ରଶ୍ନକରି ଆମେ ଆଲୋଚନା କଲେ କେତେ ଅଜଣା ରହସ୍ୟ ବହିର୍ଗତ ହୁଏ ।

ଦେଖାଯାଉଥିବା କୌଣସି ସ୍ଥୁଳଯଜ୍ଞ ହେଉ, ସେଥିରେ ସ୍ଥୁଳ ଭାବରେ କେତେ ଟଙ୍କା, କେତେ ବସ୍ତୁ, କେତେ ଘିଅ ନଷ୍ଟ କଲେ ମଧ୍ୟ, ଯଜ୍ଞରେ ଯାହା ବିନିଯୋଗ କଲେ ମଧ୍ୟ ଯଦି ଫଳ କିଛି ମିଳେ ତାହା ଅଦୃଶ୍ୟ ଭାବରେ ମିଳିଥାଏ । ଏଇଠାରେ ଏକ ସୂତ୍ର ଦେଖିବା । ଦେଖାଯାଉ

ବା ନଯାଉ ଏକ କାର୍ଯ୍ୟ ଘଟିଛି ଅର୍ଥାତ୍, ସେଠାରେ ଦେଖାଯାଉଥିବା କିମ୍ବା ଦେଖାଯାଉ ନଥିବା କେହି ଜଣେ ନିଶ୍ଚୟ ସେ କାର୍ଯ୍ୟଟି କରିଛି । ଏହି ସୂତ୍ର ଅନୁସାରେ, ଯଜ୍ଞ କରିବାବେଳେ ଯଜ୍ଞ କରୁଥିବା ଲୋକର କାମନା ନିଶ୍ଚୟ କେହିନା କେହି ପୂରଣ କରୁଛି । ତେବେ ତାହା କିଏ କରୁଛି ବୋଲି ପରିଶୀଳନ କଲେ, ବାହ୍ୟ ମନ୍ତ୍ର ପଠନ ସହିତ ଯଜ୍ଞ ହେଉଥିବା ପ୍ରତ୍ୟେକ ସ୍ଥାନରେ, ସେ ଯଜ୍ଞର ଜଣେ ଅଧିପତି ଉପସ୍ଥିତ ହୋଇଥାଏ ବୋଲି ଜଣାଯାଉଛି । ମାଟିରେ କେହି ଧନ (ସୁନା ଇତ୍ୟାଦି ଧାତୁ) ପୋତି ରଖିଥିବା ବେଳେ ସେ ସ୍ଥାନକୁ ଏକ ସୂକ୍ଷ୍ମଶକ୍ତି ଆସିଥାଏ, ସେହି ସୂକ୍ଷ୍ମଶକ୍ତି କୌଣସି ଗ୍ରହ ହୋଇପାରେ, ଭୂତ ହୋଇପାରେ । ଏଭଳି ଆସି ପହଁଞ୍ଚିଥିବା ସୂକ୍ଷ୍ମଶକ୍ତି ଗୁପ୍ତ ଧନର ରକ୍ଷଣାବେକ୍ଷଣ କରିଥାଏ । କେତେବେଳେ ଯଦି ଧନକୁ ପୋତିଥିବା ଲୋକ ଆସି ନେଇଯିବାକୁ ଚେଷ୍ଟା କରେ ବା ନେଇଯାଏ ତେବେ ସେତେବେଳେ ସେ ସୂକ୍ଷ୍ମଶକ୍ତି ତାର କିଛି କ୍ଷତି କରି ନଥାଏ, ଯଦି ତା ବ୍ୟତୀତ ଆଉକେହି ନେବାକୁ ଚେଷ୍ଟାକରେ ତେବେ ସେହି ସୂକ୍ଷ୍ମଶକ୍ତି ତାକୁ ଡରାଏ (ଭୟ ଦେଖାଏ), ନଚେତ ମାଡ ମାରିଥାଏ କିମ୍ବା ତାର କୌଣସି କ୍ଷତି କରିଥାଏ । କେତେକ ସ୍ଥାନରେ ସୂକ୍ଷ୍ମଶକ୍ତିମାନେ ମଣିଷକୁ ଜୀବନରେ ମାରିଦେଇଥିବା ସତ୍ୟ ଘଟଣା ମଧ୍ୟ ରହିଛି । ଯେମିତି ଧନ ଥିବା ଜାଗାରେ କୌଣସି ସୂକ୍ଷ୍ମଶକ୍ତି ଆପଣାଛାଏଁ ଆସି ହାଜର ହୋଇଥାଏ, ସେହିଭଳି ଏକ ଯଜ୍ଞ ହେଉଥିବା ସ୍ଥାନରେ ସେହି ଯଜ୍ଞକୁ ଆଧାର କରି ଏକ ସୂକ୍ଷ୍ମଶକ୍ତି ଆସି ହାଜର ହୋଇଥାଏ । କୌଣସି ବାହ୍ୟ ଯଜ୍ଞ ହେଉ ତାହା ବଡ ଧରଣର ହେଉ କିମ୍ବା ଛୋଟ ଧରଣର ହେଉ ସେଠାରେ ଯଜ୍ଞର ଅଧିପତି ଭାବରେ ଏକ ସୂକ୍ଷ୍ମଗ୍ରହ କିମ୍ବା ଭୂତ (ଜୀବ) ଆସି ପହଞ୍ଚିଥାଏ । ମାଟିରେ ଥିବା ନିଧିର ଅଧିକାରୀ ମୁଁ ନିଜେ ବୋଲି ସେଠାରେ ଆସି ପହଞ୍ଚିଥିବା ସୂକ୍ଷ୍ମଶକ୍ତି ଭାବୁଥିବା ଭଳି, ଯଜ୍ଞ ପାଖରେ ଆସି ସେହି ପହଞ୍ଚିଥିବା ଶକ୍ତି ନିଜେ ଯଜ୍ଞର ଅଧିପତି ବୋଲି ଭାବିଥାଏ । ଯଜ୍ଞରେ ଏକ ସୂକ୍ଷ୍ମଶକ୍ତି ଆସି ଅଧିପତି ହୁଏ ବୋଲି, ଯଜ୍ଞ କରୁଥିବା ଋତ୍ୱିକ୍‌ମାନଙ୍କୁ ମଧ୍ୟ ଜଣା ନାହିଁ ।

କେହି କେଉଁଠି କେଉଁ ଯଜ୍ଞ କରୁ, ସେଠାରେ ଯଜ୍ଞ କରୁଥିବା ଲୋକଙ୍କର ଅଜାଣତରେ ଏକ ସୂକ୍ଷ୍ମଶକ୍ତି ଆସି ରହିଥାଏ । ସେହି ସୂକ୍ଷ୍ମଶକ୍ତି ହୋଇଥିବା ଗ୍ରହ ବା ଭୂତ ମହା ବଳଶାଳୀ ହୋଇଥାଏ । ଏସବୁ ପରମାତ୍ମାଙ୍କୁ ଜଣାନଥାଇ ହୋଇନଥାଏ ବୋଲି ଆପଣମାନଙ୍କୁ ଆଉଥରେ ମନେ ପକାଇ ଦେଉଛୁ । ଆସିଥିବା ସୂକ୍ଷ୍ମଗ୍ରହ କିମ୍ୱା ଭୂତ ଯଜ୍ଞ କରୁଥିବା ଲୋକର ମନୋକାମନା (ଉଦ୍ଦେଶ୍ୟ)କୁ ଜାଣି ପାରିଥାଏ । ଯଜ୍ଞ ଶେଷ ହୋଇଯିବା ପରେ ତାର କାମନାକୁ ପୂରଣ କରେ ।

ଖଗୋଳର ଗ୍ରହଗୁଡିକ, ଭୂତଗୁଡିକ ଦୈବିପରିପାଳକ ବର୍ଗରେ ରହି ଦୈବଜ୍ଞାନଯୁକ୍ତ ହୋଇ ଥାଆନ୍ତି ବୋଲି ଆପଣ କହିଛନ୍ତି । ମହାନ ଦୈବଜ୍ଞାନ ଜାଣିଥିବା ସେମାନେ ଆପଣ କହୁଥିବା ଅଧର୍ମ ଯଜ୍ଞକୁ ଆସି, ଯଜ୍ଞର ଅଧିପତି ଭାବରେ କିପରି ରହିଥାନ୍ତି ? ସେମାନେ ଭୌତିକ ଜ୍ଞାନରେ ବୁଡି ରହିଥିବା ଲୋକମାନଙ୍କର କାମନା କିପରି ପୂରଣ କରନ୍ତି ? ବୋଲି କେତେକ ମୋତେ ପଚାରି ପାରନ୍ତି । ସେଥିଲାଗି ମୋତରଫରୁ ଭଗବାନ ଭଗବଦ୍ଗୀତାର ବିଜ୍ଞାନ ଯୋଗର ୨୦,୨୧,୨୨ ତମ ଶ୍ଳୋକରେ-

**ଶ୍ଳୋକ, ୨୦:** **କାମୈସ୍ତୈସ୍ତୈର୍ହୃତଜ୍ଞାନାଃ ପ୍ରପଦ୍ୟନ୍ତେଽନ୍ୟଦେବତାଃ ।**
**ତଂ ତଂ ନିୟମମାସ୍ଥାୟ ପ୍ରକୃତ୍ୟା ନିୟତାଃ ସ୍ୱୟା ॥**

**ଶ୍ଳୋକ, ୨୧:** **ଯୋ ଯୋ ଯାଂ ଯାଂ ତନୁଂ ଭକ୍ତଃ ଶ୍ରଦ୍ଧୟାର୍ଚ୍ଚିତୁମିଚ୍ଛତି ।**
**ତସ୍ୟ ତସ୍ୟାଚଲାଂ ଶ୍ରଦ୍ଧାଂ ତାମେବ ବିଦଧାମ୍ୟହମ୍ ॥**

**ଶ୍ଳୋକ, ୨୨:** **ସ ତୟା ଶ୍ରଦ୍ଧୟା ଯୁକ୍ତସ୍ତସ୍ୟାରାଧନମୀହତେ ।**
**ଲଭତେ ଚ ତତଃ କାମାନ୍ମୟୈବ ବିହିତାନ୍ ହି ତାନ୍ ॥**

ଏଭଳି ଯାହା କହିଛନ୍ତି ତାର ସାରାଂଶକୁ ଦେଖିଲେ ଏଠାରେ ଆସିଥିବା ପ୍ରଶ୍ନର ସମାଧାନ ହୋଇଯାଉଛି । ସେହି ସାରାଂଶ ହେଉଛି !

ପ୍ରପଞ୍ଚ ସମ୍ବନ୍ଧୀୟ ପାପାର୍ଜନ କରୁଥିବା ଅଜ୍ଞାନୀମାନେ ନାନା ଆଶାରେ ନିମଗ୍ନ ହୋଇ, ସେମାନଙ୍କର କାମନା ପୂରଣ କରିବା ନିମନ୍ତେ ଇତର ଦେବତାମାନଙ୍କୁ, ଇଚ୍ଛାମୁତାବକ ପ୍ରଣାଳୀରେ ଆରାଧନା, ଯାଗଯଜ୍ଞାଦି କରିଥାନ୍ତି । ଯିଏ ଯେଉଁ ପ୍ରକାରର ଶ୍ରଦ୍ଧା, ଭାବ ନେଇ ଆରାଧନା କରିଥାଏ ସେ ସେହି ପ୍ରକାରର ଶ୍ରଦ୍ଧାରେ ନିମଗ୍ନ ହୋଇ ସେହି ପ୍ରକାରର କାର୍ଯ୍ୟ କରିବା ଭଳି ପରମାତ୍ମା ତା ଦ୍ୱାରା କରାଇଥାନ୍ତି । ଯିଏ ଯେଉଁ ଶ୍ରଦ୍ଧାରେ ଯଜ୍ଞ, ଆରାଧନା କରେ ତାର ସେହି ଶ୍ରଦ୍ଧାର କାମନା ପୂରଣ ହେବା ଭଳି ପରମାତ୍ମା ସବୁ ବନ୍ଦୋବସ୍ତ କରି ରଖିଛନ୍ତି । ଏସବୁ ସେ କରିଛନ୍ତି ବୋଲି ଆମେ ତାଙ୍କୁ ଗୌରବପ୍ରଦ ଭାବରେ କହିଲେ ମଧ୍ୟ ବାସ୍ତବରେ ସେ କିଛି ନକରି ତାଙ୍କ ପରିପାଳକ ବର୍ଗଙ୍କ (ସୂକ୍ଷ୍ମଶକ୍ତି) ଦ୍ୱାରା କରାଇଥାନ୍ତି ।

ଭୂପୃଷ୍ଠରେ ଜ୍ଞାନ ହେଉ କି ଅଜ୍ଞାନ ହେଉ ସବୁ ପରମାତ୍ମାଙ୍କ ନିର୍ଦ୍ଦେଶରେ ବ୍ୟାପିଥାଏ । **ଅଜ୍ଞାନୀମାନଙ୍କ ପ୍ରାପଞ୍ଚିକ (ଭୌତିକ) କାମନା ପୂରଣ କରିଥାନ୍ତି ପରମାତ୍ମା । ଜ୍ଞାନୀମାନଙ୍କୁ ଜନ୍ମରହିତ କରି ନିଜଠାରେ ଐକ୍ୟ ମଧ୍ୟ କରିଥାନ୍ତି ପରମାତ୍ମା** । ଅଜ୍ଞାନୀମାନେ ଅଧର୍ମ ଯଜ୍ଞ କରିବା ବେଳେ, ଯଜ୍ଞ ଦ୍ୱାରା ପରମାତ୍ମାଙ୍କୁ ପାଇହୁଏ ନାହିଁ, କିନ୍ତୁ ପ୍ରାପଞ୍ଚିକ କାମନା ପୂରଣ ହୋଇଥାଏ, ତେଣୁ ଦୈବଦୂତ ସୂକ୍ଷ୍ମଶକ୍ତି ମାନଙ୍କ ଦ୍ୱାରା ଯଜ୍ଞ କରୁଥିବା ଲୋକର କାମନା ପୂରଣ କରିବା ବେଳେ, କଣ ପରମାତ୍ମା ମଧ୍ୟ ଅଧର୍ମକୁ ପ୍ରୋତ୍ସାହନ ଦେବା ଭଳି ହୁଏ ନାହିଁ ? ବୋଲି କେହି ସନ୍ଦେହ କରି ପାରନ୍ତି । ଏହାଏକ ମୁଖ୍ୟ ପ୍ରଶ୍ନ, ତେଣୁ ଏ ପ୍ରଶ୍ନର ସମସଧାନ ସମସ୍ତେ ନିହାତି ଜାଣିବା ଦରକାର । ସୃଷ୍ଟ୍ୟାଦିରୁ ପରମାତ୍ମା କୌଣସି କାର୍ଯ୍ୟ ନକଲେ ମଧ୍ୟ, ଆଗରୁ କଣ କିପରି ହେବ ନିର୍ଣ୍ଣୟକରି ଆଦେଶ ଦେଇଛନ୍ତି । ଏବେ ପରମାତ୍ମା କିଛି ନକଲେ ମଧ୍ୟ, ପରମାତ୍ମା କରିଛନ୍ତି ବୋଲି ଆମେ କହୁଛୁ । ବାସ୍ତବରେ ପରମାତ୍ମା କିଛି କରିନଥାନ୍ତି । ପରମାତ୍ମା ଆଗରୁ କରିଥିବା ରଚନା ଅନୁସାରେ ଭୂପୃଷ୍ଠର

ଗ୍ରହମାନେ, ଭୂତମାନେ ମଣିଷକୁ ଦେଖା ନଦେଇ କରିଥାନ୍ତି । ଅମୁକ ଗ୍ରହ କରିଛି ବୋଲି ଜାଣି ନଥିବା ମଣିଷମାନେ ସେ କାର୍ଯ୍ୟ ପରମାତ୍ମା କରିଛନ୍ତି ବୋଲି କହୁଛନ୍ତି । ସେହିଭଳି ଯଜ୍ଞ ପଛରେ କେହି ସୂକ୍ଷ୍ମଶକ୍ତି କାର୍ଯ୍ୟ କରିଛି ବୋଲି, ଯଜ୍ଞ କରୁଥିବା ଋତ୍ୱିକ୍‌ମାନଙ୍କୁ ମଧ୍ୟ ଜଣା ନାହିଁ । ଯଜ୍ଞ କରୁଥିବା ଋତ୍ୱିକ୍‌ମାନେ ଯଜ୍ଞକୁଣ୍ଡରେ ଆହୁତି ଦେଉଥିବା ବସ୍ତୁ, ବସ୍ତ୍ର ଇତ୍ୟାଦି ଦେବତାମାନେ ସ୍ୱୀକାର କରିଥାନ୍ତି, ସେମାନେ ତୃପ୍ତି ହେବା ଦ୍ୱାରା କାମନା ପରିପୂରଣ ହେଉଛି ବୋଲି ସମସ୍ତେ ଭାବିଥାନ୍ତି ।

ତ୍ରେତାଯୁଗରେ ଦଶରଥ ପୁତ୍ରକାମେଷ୍ଟି ଯାଗ କଲା ବେଳେ, ସେହି ଯାଗର କିଏ ଆଦିକର୍ତ୍ତା ଥିଲା ସେଦିନରୁ ଏଯାଏଁ କାହାକୁ ମଧ୍ୟ ଜଣାନାହିଁ । ସେଦିନ ଯାଗର ଅଧିପତି ଭାବରେ ଯେଉଁ ଭୂତ ଥିଲା, ସେହି ଭୂତ ତାଙ୍କୁ ସନ୍ତାନ ଦେଇଥିଲା । ଖାଲି ପୁତ୍ରଆଶା କାହିଁକି ଯେକୌଣସି ଆଶା ରଖି ଯଜ୍ଞ କରାଯାଇଥାଏ ବୋଲି ଜଣାଯାଉଛି । ଆଉଏକ ଜଣା ନଥିବା ବିଷୟ ହେଉଛି ! କରୁଥିବା ଯଜ୍ଞ ଋତ୍ୱିକ୍‌ମାନେ ଶ୍ରଦ୍ଧାର ସହିତ କରନ୍ତୁ, କରାଉଥିବା ଲୋକ ଶ୍ରଦ୍ଧାହୀନ ହୋଇ କେବଳ କରିବା ଉଚିତ୍ ଭାବି କରୁ ସେତେବେଳେ ସେ ଯଜ୍ଞର ଅଧିପତି ଭାବରେ ଥିବା ଗ୍ରହ କ୍ରୋଧିତ ହୋଇପାରେ । ତେଣୁ ଶ୍ରଦ୍ଧାହୀନ ହୋଇ କରୁଥିବା, କରାଉଥିବା ଲୋକମାନଙ୍କର ଘୋର କ୍ଷତି ହୋଇଥାଏ । ଯେଉଁ କାମନା ନେଇ ଯଜ୍ଞ କରାଯାଏ ତାହା ସଫଳ ହୋଇନଥାଏ । ସେଥିଲାଗି ଯଜ୍ଞ କରୁଥିବା, କରାଉଥିବା ଲୋକମାନେ ଶ୍ରଦ୍ଧାର ସହିତ କରିବା ଉଚିତ୍ । ଏବେ କେତେକ ଏକ ସୁଯୋଗ ନେଇ ଏକ ପ୍ରଶ୍ନ କରିପାରନ୍ତି । ତାହା ହେଉଛି ! ସ୍ୱୟଂ ପରମାତ୍ମା ନକଲେ ମଧ୍ୟ, ଗ୍ରହମାନେ କିମ୍ବା ଭୂତମାନେ ଯଜ୍ଞର ଅଧିପତି ଭାବରେ ରହି, ଯଜ୍ଞ କରୁଥିବା ଲୋକର କାମନା ଫଳପ୍ରଦ ହେବା ଦ୍ୱାରା, ଯଜ୍ଞ ଆଚରଣରେ ଲାଭ ଅଛି ବୋଲି ପ୍ରଜାମାନେ ଯଜ୍ଞ ପ୍ରତି ନିଶ୍ଚୟ ଆକୃଷ୍ଟ ହେବେ, ଏସବୁ ଦେଖିଲେ ଅଧର୍ମକୁ ଖଣ୍ଡନ କରି ଧର୍ମ ସ୍ଥାପନ

କରିବି ବୋଲି କହିଥିବା ପରମାତ୍ମା ଧର୍ମ ଦିଗର ? କି ଅଧର୍ମ ଦିଗର ? ବୋଲି ସନ୍ଦେହ ହେଉଛି । ଭଗବଦ୍ଗୀତାରେ ଯଜ୍ଞଗୁଡିକୁ ଅଧର୍ମ ବୋଲି ପ୍ରକଟିତ କରିଥିବା ଭଗବାନ ବ୍ରାହ୍ମଣମାନେ କରୁଥିବା ଯଜ୍ଞକୁ କାହିଁକି ଖଣ୍ଡନ କଲେ ନାହିଁ ? ବୋଲି ମଧ୍ୟ ପଚାରି ପାରନ୍ତି । ତାର ସମାଧାନ ତଳେ ଦେଖନ୍ତୁ ।

ଧର୍ମ ରହିଛି, ଅଧର୍ମ ମଧ୍ୟ ରହିଛି । ଧର୍ମ ଭାବି ଧର୍ମ ହୋଇ ନଥିବା ଆଚରି ଆଚରିତ ହେବା ହେଉଛି ଅଧର୍ମ । **ଧର୍ମ ଦ୍ୱାରା ପରମାତ୍ମାଙ୍କୁ ଜାଣିହୁଏ, ମୋକ୍ଷ ହୁଏ । ଅଧର୍ମ ଦ୍ୱାରା ମୋକ୍ଷ ମିଳେ ନାହିଁ, ପରମାତ୍ମା କଣ ବୋଲି ଜାଣି ହୁଏ ନାହିଁ । ଭଲ ଭାବରେ ପରିଶୀଳନ କଲେ ଯାହା ଧର୍ମ ନୁହେଁ ତାହା ଅଧର୍ମ । ଧର୍ମ ସ୍ଥାନରେ ଯାହା ଧର୍ମ ନୁହେଁ ତାହା ରହିଥିଲେ ତାକୁ ଅଧର୍ମ କହୁଛୁ ।** ଅଧର୍ମ ଧର୍ମର ବିରୁଦ୍ଧ ନୁହେଁ, ସେହିଭଳି ଧର୍ମ ଅଧର୍ମର ଶତ୍ରୁ ନୁହେଁ । ଧର୍ମ ଦ୍ୱାରା ଏକପ୍ରକାର ଫଳ ମିଳୁଥିବା ସ୍ଥଳେ ଅଧର୍ମ ଦ୍ୱାରା କିଛି ଭିନ୍ନଫଳ ମିଳିଥାଏ । ଧର୍ମ, ଅଧର୍ମ ଦୁଇଟିଯାକ ଗୋଟିଏ ଜାତିର, ଭିନ୍ନଜାତିର ନୁହେଁ । ଧର୍ମ ଆଚରଣ ଦ୍ୱାରା କର୍ମ ବିନାଶ ହୋଇ ମୋକ୍ଷ ମିଳେ । ଅଧର୍ମ ଆଚରଣରେ ପୁଣ୍ୟକର୍ମ ଆସି ସୁଖ ମିଳିଥାଏ । **ଧର୍ମ ଦ୍ୱାରା ମୋକ୍ଷ ମିଳୁଥିବା ସ୍ଥଳେ, ଅଧର୍ମ ଦ୍ୱାରା ମୋକ୍ଷ ହୋଇ ନଥିବା ସ୍ୱର୍ଗ ମିଳିଥାଏ । ଧର୍ମ, ଅଧର୍ମର ସମ୍ପୂର୍ଣ୍ଣ ବିପରୀତ ମନ୍ଦଗୁଣି ମାନଙ୍କୁ ଧର୍ମଶତ୍ରୁ ବୋଲି କହୁଛୁ ।** ସମ୍ପୂର୍ଣ୍ଣ ଅଜ୍ଞାନୀ ମାନଙ୍କର ଧର୍ମରେ ଇଚ୍ଛା ନଥାଏ କି ଅଧର୍ମରେ ନଥାଏ, ଉଭୟକୁ ସେମାନେ ଘୃଣା କରନ୍ତି, ସେଇମାନେ ହିଁ ପାପ ଅର୍ଜନ କରି ନର୍କଭୋଗ କରିଥାନ୍ତି । ଏବେ ମଣିଷକୁ ତିନି ଭାଗରେ ବିଭାଜନ କରି ପାରିବା । ଗୋଟିଏ ଭାଗରେ ଧାର୍ମିକ, ଆଉ ଗୋଟିଏ ଭାଗରେ ଅଧର୍ମୀ ଏବଂ ତୃତୀୟ ଭାଗରେ ତିନିଧର୍ମର ବ୍ୟତିରେକୀ (ବିଭିନ୍ନତା ଉତ୍ପାଦନ କାରୀ) । **ଏହି ତିନି ପ୍ରକାରର ମନୁଷ୍ୟମାନଙ୍କ ଭିତରୁ ଧାର୍ମିକକୁ ମୋକ୍ଷ ମିଳେ,**

**ଅଧର୍ମୀ ମାନଙ୍କୁ ସ୍ୱର୍ଗ ମିଳେ, ଧର୍ମଶତ୍ରୁ ମାନଙ୍କୁ ନର୍କ ମିଳେ ।** ମୋକ୍ଷ, ସ୍ୱର୍ଗ, ନର୍କ ନାମକ ତିନିଗୋଟି ଅନୁଭବକୁ ପରମାତ୍ମା ତାଙ୍କ ଜ୍ଞାନରେ ବ୍ୟାଖ୍ୟା କରିଛନ୍ତି । ମଣିଷ ତାର ଶ୍ରଦ୍ଧାକୁ ଧର୍ମ ଉପରେ କେନ୍ଦ୍ରିକୃତ କରି ମୋକ୍ଷ ପାଇପାରିବ । ସେହିଭଳି ଅଧର୍ମରେ ନିଜର ଶ୍ରଦ୍ଧାକୁ ଲଗାଇ ସ୍ୱର୍ଗ ପାଇପାରିବ । ସମ୍ପୂର୍ଣ୍ଣ ଅଜ୍ଞାନୀ ପ୍ରାପଞ୍ଚିକ ବିଷୟ ଉପରେ ଶ୍ରଦ୍ଧା ରଖି ନର୍କ ଭୋଗ କରିବ । ଏହି ତିନି ବିଷୟ ଉପରେ ପରମାତ୍ମା ଯାହାର ଶ୍ରଦ୍ଧା ତା ଉପରେ ଛାଡି ଦେଇଛନ୍ତି ।

ଭାରତର ରାଷ୍ଟ୍ରପତି ହେବାପାଇଁ କେତେକ ଯୋଗ୍ୟତା ଆବଶ୍ୟକ । ରାଷ୍ଟ୍ରପତି ପଦବୀକୁ ଯିବାକୁ ହେଲେ ସେ ପ୍ରଥମେ ଭାରତର ନାଗରୀକ ହୋଇଥିବେ, ତାଙ୍କର ବୟସ ଷାଠିଏ ବର୍ଷରୁ ଉର୍ଦ୍ଧ୍ୱ ହୋଇଥିବ ଇତ୍ୟାଦି ଯୋଗ୍ୟତା ଗୁଡିକ ଆବଶ୍ୟକ । ସେହିଭଳି ଜଣେ ପରମାତ୍ମା ହେବାପାଇଁ (ପରମାତ୍ମାରେ ଲୀନହେବା ବା ମୋକ୍ଷ ପାଇବାପାଇଁ) କେତେକ ଯୋଗ୍ୟତା ଆବଶ୍ୟକ । ସେ ପ୍ରଥମେ ଯୋଗୀ ହୋଇଥିବା ଆବଶ୍ୟକ, ତାର କର୍ମ ନିର୍ମୂଳ ହୋଇଥିବା ଆବଶ୍ୟକ, ତାର ଶେଷ ମରଣ ସମୟରେ ଦିନବେଳା, ଶୁକ୍ଳପକ୍ଷ, ଉତ୍ତରାୟଣ ଏବଂ ସେ ଅଞ୍ଚଳରେ ସୂର୍ଯ୍ୟରଶ୍ମି ପଡିଥିବା ଆବଶ୍ୟକ, ତେବେଯାଇ ସେ ମୋକ୍ଷ ପାଇପାରିବ । ଭାରତର ନାଗରୀକ ନହୋଇ, ଷାଠିଏ ବର୍ଷ ବୟସ ହୋଇନଥିବା ବେଳେ ଯେପରି ଜଣେ ରାଷ୍ଟ୍ରପତି ହୋଇପାରିବ ନାହିଁ ସେହିଭଳି ଜଣେ ଯୋଗୀ ନହୋଇ, ତାର କର୍ମ ନିର୍ମୂଳ ନହୋଇ, ମୃତ୍ୟୁବରଣ କରିବା ବେଳ ଉଚିତ୍‌ବେଳ ହୋଇନଥିବା ବେଳେ ସେ ପରମାତ୍ମା ହେବାପାଇଁ (ମୋକ୍ଷ, ଜନ୍ମରହିତ, ସର୍ବବ୍ୟାପି ହେବା ପାଇଁ) ଯୋଗ୍ୟ ହୋଇପାରିବ ନାହିଁ । ଧର୍ମ ଆଚରଣ କରି ଦୈବତ୍ୱରେ ପହଞ୍ଚିବା ପାଇଁ ଯାହାର ମୋକ୍ଷାଶା ଅଛି ସେ ପରମାତ୍ମାଙ୍କର ପ୍ରିୟ ହୋଇଥାଏ । ଦୈବତ୍ୱର ମୂଲ୍ୟ ଯାହାକୁ ଜଣା ନାହିଁ, ଯାହାର ମୋକ୍ଷ ଉପରେ ଆଶା ନାହିଁ, ଯିଏ ଧର୍ମ କଣ ଜାଣିବାକୁ ଚାହେଁ ନାହିଁ, ସେ ଈଶ୍ୱରଙ୍କ ପ୍ରିୟ ପାତ୍ର ନୁହେଁ ।

ଏହି ପ୍ରକାରର ଲୋକମାନଙ୍କୁ ଈଶ୍ୱର ବା ପରମାତ୍ମା ସେମାନଙ୍କ ଶ୍ରଦ୍ଧାଥିବା ବାଟରେ ଚାଲିବା ଭଳି କରିଥାନ୍ତି । ପରମାତ୍ମାଙ୍କର ଅପ୍ରିୟ ପାତ୍ରମାନେ ତାଙ୍କ ଦିଗରେ ଯାଇ ନପାରିବା ଭଳି ପରମାତ୍ମା ମାୟାକୁ ତିଆରି କରି ରଖିଛନ୍ତି । ଯିଏ ପରମାତ୍ମାଙ୍କ ଉପରେ ଶ୍ରଦ୍ଧା ରଖେ ତାର ସବୁ ପ୍ରକାର ବନ୍ଧନକୁ ମାୟା ଖୋଲି ଦେଇଥାଏ, ତାକୁ ପରମାତ୍ମା ନିକଟକୁ ଯିବାବାଟ ଦେଖାଇଥାଏ । ଏହି ବିଷୟ ଜାଣିଥିବା ଜଣେ ଜ୍ଞାନୀ ତାଙ୍କ ପଦ୍ୟରେ–

**ପତି ରାଜି ହେଲେ ସତୀ ରାଜି ହୁଏ ।**
**ଦୁହେଁ ମଣିଗଲେ ମୁକ୍ତି ମିଳିଯାଏ ॥**
**ପତି ସତୀ ନ୍ୟାୟ ମୋକ୍ଷର ଆୟଣ ।**
**ଦୈବତ୍ୱରେ ଐକ୍ୟ ବୁଝରେ ବେମନ ॥**

ବୋଲି ଲେଖିଛନ୍ତି । ପତି ହେଉଛନ୍ତି ପରମାତ୍ମା, ସତୀ ହେଉଛି ମାୟା, ପତି ରାଜିହେଲେ... ଅର୍ଥାତ୍ ପରମାତ୍ମାଙ୍କର ପ୍ରିୟପାତ୍ର ହେଲେ ମାୟା ମଧ୍ୟ ସମ୍ମତି ପ୍ରଦାନ କରି ସବୁ ପ୍ରକାର ବନ୍ଧନରୁ ମୁକୁଳାଇ ଦେଇଥାଏ, ଏଭଳି ମାୟା ଦ୍ୱାରା ମୁକୁଳିତ ହୋଇଥିବା ମଣିଷ ପରମାତ୍ମାରେ ମିଶି ଅର୍ଥାତ୍ ମୋକ୍ଷ ପାଇଥାଏ ବୋଲି ଏହି ପଦ୍ୟର ଭାବାର୍ଥ ରହିଛି । ମାୟା ତାର ବନ୍ଧନରୁ ନଛାଡିବା ଯାଏଁ କେହି ମାୟାକୁ ଡେଇଁ ଯାଇପାରିବେ ନାହିଁ ବୋଲି ଭଗବତ୍ ଗୀତାର ବିଜ୍ଞାନ ଯୋଗରେ ଥିବା ୧୪ତମ ଶ୍ଲୋକରେ ମଧ୍ୟ କୁହାଯାଇଛି ।

**ଶ୍ଲୋକ;** **ଦୈବିହ୍ୟେଷା ଗୁଣମୟି ମମ ମାୟା ଦୂରତ୍ୟୟା ।**
**ମାମେବ ଯେ ପ୍ରପଦ୍ୟନ୍ତେ ମାୟାମେତାଂ ତରନ୍ତି ତେ ॥**

**ଭାବାର୍ଥ :** "ମୁଁ ତିଆରି କରି ରଖିଥିବା ମାୟା ଗୁଣପୂର୍ଣ୍ଣ ଏବଂ ବଳଶାଳୀ, ତାକୁ ଅତିକ୍ରମ କରିବା ଦୁଃସାଧ୍ୟ । କେହି ତାକୁ ଅତିକ୍ରମ କରିପାରନ୍ତି

ନାହିଁ, ହେଲେ ଯିଏ ମୋତେ ଆରାଧନା କରେ ସେ ମାୟାକୁ ଅତିକ୍ରମ କରିପାରେ ।" ମୋର ଆରାଧକକୁ ମାୟା କୌଣସି ବନ୍ଧନରେ ନପକାଇ ଛାଡି ଦେଇଥାଏ । ଏହି ଅନୁସାରେ ମାୟା ମଣିଷକୁ ବନ୍ଧନରେ ପକାଇବା ପାଇଁ ଯଜ୍ଞ ନାମକ ଜାଲ ବିଛାଇ ରଖିଛି ବୋଲି ସ୍ପଷ୍ଟ ବୁଝାଯାଉଛି । ଯିଏ ଦୈବଧର୍ମ କଅଣ ଜାଣି ନାହିଁ, ଦୈବଙ୍କୁ ଆରାଧନା କରେ ନାହିଁ ତାକୁ ମାୟା ଦୈବମାର୍ଗରେ ଯିବାକୁ ନଦେଇ ଏଭଳି ଯଜ୍ଞରେ ଲଗ୍ନ କରୁଛି । ଦୈବାରାଧନାରେ ଯଜ୍ଞ ଏକ ମୁଖ୍ୟ କାର୍ଯ୍ୟ ବୋଲି ମାୟା ବୋଧ କରାଇବା ଦ୍ୱାରା ଯଜ୍ଞ ହିଁ ଉତ୍କୃଷ୍ଟ ମାର୍ଗ ବୋଲି ମଣିଷ କହିପାରୁଛି । ପରମାତ୍ମା ନିଜର ମାୟା ଦ୍ୱାରା ମଣିଷର ଯଜ୍ଞ ଉପରେ ଶ୍ରଦ୍ଧା ଜାତ କରାଇଥାନ୍ତି । ସେଥିଲାଗି ଯଜ୍ଞକୁ ଅଧର୍ମ ବୋଲି କହିଥିବା ପରମାତ୍ମା, ତାହାକୁ ସମ୍ପୂର୍ଣ୍ଣ ଖଣ୍ଡନ କରି ମଣିଷ ତାହା କରିବା ଉଚିତ୍ ନୁହେଁ ବୋଲି କହିନାହାନ୍ତି, କିନ୍ତୁ ଯେଉଁମାନେ ତାଙ୍କର ଅପ୍ରିୟ, ସେମାନଙ୍କୁ ନିଜ ଦିଗରେ ଆସିବାକୁ ନଦେବା ପାଇଁ ମାୟା ଦ୍ୱାରା ଯଜ୍ଞକୁ ଧର୍ମ ବୋଲି ସେମାନଙ୍କଠାରେ ବିଶ୍ୱାସ ଅଣାଉଛନ୍ତି । ଯଜ୍ଞ ଏକ ଅଧର୍ମ କାର୍ଯ୍ୟ ବୋଲି କହିଥିବା ପରମାତ୍ମା ଯଜ୍ଞ କରିବା ଉଚିତ୍ ନୁହେଁ ବୋଲି କହିନାହାନ୍ତି । ଯାହାର ଶ୍ରଦ୍ଧା ଯେଉଁଭଳି ତାକୁ ସେହିଭଳି ଆରାଧନାରେ ରହିବା ଭଳି କରି, ତାର କାମନାକୁ ମଧ୍ୟ ପୂରଣ କରାଉଛନ୍ତି । ଯଜ୍ଞ ଦ୍ୱାରା ସେ ଜଣାପଡନ୍ତି ନାହିଁ, ଯଜ୍ଞ ଅଧର୍ମ, ତଦ୍ୱାରା ପୁଣ୍ୟ ମିଳେ ବୋଲି କହିଛନ୍ତି । ଅଧର୍ମ ହୋଇଥିବା ଯଜ୍ଞଗୁଡିକ ପାପ କାର୍ଯ୍ୟ ବୋଲି ମଧ୍ୟ କେଉଁଠି କହିନାହାନ୍ତି । ଯଜ୍ଞ ଧର୍ମ ନହେଲେ ମଧ୍ୟ ଧର୍ମ ବିରୁଦ୍ଧ ବୋଲି ଆମେ କହି ପାରିବା ନାହିଁ । ଯାହା ଧର୍ମ ନୁହେଁ ତାହା ଅଧର୍ମ ହୋଇପାରେ ସିନା ଧର୍ମ ବିରୁଦ୍ଧ ନୁହେଁ । ଏହିଠାରେ କେହି ଏକ ପ୍ରଶ୍ନ ପଚାରିବାର ସୁଯୋଗ ପାଇପାରନ୍ତି । ତାହା ହେଉଛି ଧର୍ମର ବ୍ୟତିରେକ ଅଧର୍ମ ବୋଲି ଏପର୍ଯ୍ୟନ୍ତ ଆମେ ଭାବୁଥିଲୁ, କିନ୍ତୁ ଯାହା ଧର୍ମ ନୁହେଁ ତାହା ଅଧର୍ମ, ଏହା ଧର୍ମର ବ୍ୟତିରେକ ନୁହେଁ ବୋଲି ଆପଣ କହୁଛନ୍ତି ତେବେ ଧର୍ମର ବ୍ୟତିରେକ (ବିପରୀତ) କଅଣ ? ଏହାର ସମାଧାନ ହେଉଛି !

ଧର୍ମ ଜୀବ ପାଇଁ ମୋକ୍ଷ ଆଣିଦେଇଥାଏ । ଏହାକୁ ଆଧାର କରି ଜାଣିବା ଉଚିତ୍ ଯେ, ମୋକ୍ଷ ବଦଳରେ ଯାହା ଜନ୍ମ ଆଣି ଦେଇଥାଏ ତାହା ଧର୍ମର ବ୍ୟତିରେକ । ଯଜ୍ଞ ମଣିଷକୁ ପୁଣ୍ୟ ଦ୍ୱାରା ଛନ୍ଦି ଦେଉଥିବାରୁ, ପୁଣ୍ୟ ଅନୁଭବ କରିବା ପାଇଁ ମଣିଷକୁ ଜନ୍ମନେବାକୁ ପଡିବ, ତେଣୁ ଅଧର୍ମ ଯଜ୍ଞ ଧର୍ମର ବ୍ୟତିରେକ ହେଉଛି ! ବୋଲି କେତେକ ପଚ୍ଚରି ପାରନ୍ତି । ଆପଣ ଠିକ୍ ଏଭଳି ଭାବିଲେ ଅଧର୍ମ ଧର୍ମର ବିପରୀତ ବୋଲି ଆମେ ମଧ୍ୟ ସ୍ୱୀକାର କରିବୁ, କିନ୍ତୁ କେତେକ ସନ୍ଦର୍ଭରେ ବୁଝିବାପାଇଁ ଧର୍ମର ବିରୁଦ୍ଧ ଅଧର୍ମ କହିଲେ ଚଳିବ, କିନ୍ତୁ ଏହା ଶାସ୍ତ୍ର ସମ୍ମତ ନୁହେଁ । "ବ୍ରହ୍ମବିଦ୍ୟା ଅନୁସାରେ ଧର୍ମର ବିରୁଦ୍ଧ ଅଧର୍ମ କହିବା ଉଚିତ ନୁହେଁ । ପଦ୍ଧତି ପ୍ରକାରରେ ସତ୍ୟକୁ ଏଭଳି ଭାବରେ ସ୍ୱୀକାର କରିବାକୁ ପଡିବ ବୋଲି ଗୋଟିଏ ଦିଗରେ ଆପଣ କହୁଥିବା ବେଳେ, ଆଉ ଗୋଟିଏ ଦିଗରେ ଏହା ଅସତ୍ୟ, ଶାସ୍ତ୍ରବଦ୍ଧ ନୁହେଁ କହିବା ଆପଣ ଦୁଇଟି ଜିଭରେ କଥା କହିବା ଭଳି ହେଉଛି" ବୋଲି କେହି ମୋତେ ପଚ୍ଚରି ପାରନ୍ତି । ଏହାର ସମାଧାନ କରିବା ମୋ କର୍ତ୍ତବ୍ୟ, ତେଣୁ ଆପଣମାନେ ବୁଝିବା ପାଇଁ ଗୋଟିଏ ଉଦାହରଣ କହୁଛି ଦେଖନ୍ତୁ ।

ପୂର୍ବେ ବଡ ବଡ ଯୋଗୀମାନେ ସେତେବେଳର ପରିପାଳକ ରାଜାମାନଙ୍କ ପାଖକୁ ଯାଉଥିଲେ । ଅମୁକ ମହର୍ଷି କିମ୍ବା ଅମୁକ ଯୋଗୀ ତାଙ୍କ ଘରକୁ ଆସୁଛନ୍ତି ଜାଣି ସେମାନଙ୍କୁ ସାଦର ଆହ୍ୱାନ କରି, ଉଚ୍ଚ ପିଠରେ ବସାଇ, ଥାଳିରେ ସେମାନଙ୍କ ପାଦ ରଖି ଧୋଇଦେଉଥିଲେ । ପାଦ ଧୁଆ ପାଣିକୁ ସେଠିକାର ସମସ୍ତେ ନେଇ ନିଜ ନିଜର ମୁଣ୍ଡରେ ସିଞ୍ଚୁଥିଲେ । ଏଭଳି କରିବା ଦ୍ୱାରା ଯୋଗୀଙ୍କ ପାଦ ଧୂଳି ପାଣିରେ ମିଶିଥାଏ, ଯୋଗୀଙ୍କ ପାଦ ଧୂଳିରେ ଥିବା ଶକ୍ତି ସେହି ପାଣିରେ ସମାନ ଭାବରେ ମିଶିଥାଏ, ତାକୁ ନେଇ ମୁଣ୍ଡରେ ସିଞ୍ଚିବା ଦ୍ୱାରା ଯୋଗୀଙ୍କ ପାଦଧୂଳିରେ ମିଶିଥିବା ଯୋଗଶକ୍ତି ମୁଣ୍ଡରେ ଥିବା କର୍ମକୁ ବିନାଶ କରିଥାଏ ବୋଲି ସେମାନଙ୍କର

ଧାରଣା ରହିଥିଲା । ଏସବୁ ସେ କାଳରେ ଅତି ଆନନ୍ଦରେ କରୁଥିଲେ । ଏହି ବିଧି ଠିକ୍ ବୋଲି ଏକ ରାଜପରିବାର ମଧ୍ୟ ଏହି ବିଧି ଅନୁସାରେ କାର୍ଯ୍ୟ କରିଥିଲେ । ପରଦିନ ଆଉଏକ ରାଜ୍ୟର ରାଜା ମହର୍ଷି ଆସିଥିବା ରାଜାଙ୍କ ଘରକୁ ଆସିଥିଲେ । ପାଖ ରାଜ୍ୟର ରାଜାଙ୍କ ଆସିବା ଖବର ଜାଣିପାରି ରାଜା ତାଙ୍କୁ ଆଦର ଏବଂ ଗୌରବ ପୂର୍ଣ୍ଣ ଭାବରେ ପାଛୋଟି ଆଣିବା ପାଇଁ ନିଜ ପରିବାର ଏବଂ ରାଜ୍ୟର ଅନ୍ୟ କେତେକଙ୍କ ସହିତ ରାଜମହଲଠାରୁ କିଛି ଦୂରକୁ ଯାଇଥିଲେ । ପାଖ ରାଜ୍ୟର ରାଜା ଆସିବା ପରେ ତାଙ୍କୁ ଉଚିତ ସମ୍ମାନ ଦେଇ ପାଛୋଟି ଆଣିବା ପରେ ରାଜମହଲକୁ ପ୍ରବେଶ କରିବା ପୂର୍ବରୁ ତାଙ୍କ ଗୋଡ ଧୋଇଦେଇଥିଲେ । ଏହିଠାରେ ଆମ ମନରେ ଏକ ପ୍ରଶ୍ନ ଆସେ । କଣନା !

ପ୍ରଥମ ଦିନ ଆସିଥିବା ମହର୍ଷିଙ୍କ ପାଦଧୋଇଦେବା ଏବଂ ପରଦିନ ଆସିଥିବା ରାଜାଙ୍କ ପାଦ ଧୋଇ ଦେବାରେ ଭିନ୍ନତା ଦେଖାଯିବାରେ କି ରହସ୍ୟ ରହିଛି ? ଏହାର ସମାଧାନ ହେଉଛି ଖାଲି ସେତେବେଳେ କାହିଁକି ଆଜି ମଧ୍ୟ ଆମ ପିଲାମାନେ ଘର ଭିତରକୁ ଆସିବା ଆଗରୁ ଗୋଡ ଧୋଇ ଆସିବା ଉଚିତ୍ ବୋଲି ସେମାନଙ୍କୁ ଶିକ୍ଷା ଦେଉଛେ । ଏବେ ମଧ୍ୟ କେହି କୁଣିଆ ଘରକୁ ଆସିଲେ ଆମେ ସେମାନଙ୍କ ଗୋଡ ଧୋଇ ପାଦ ପୋଛିବା ରୀତିକୁ ମନେ ରଖିଛେ । ଏହା ଏକ ସମ୍ମାନପ୍ରଦ ଆଚରଣ ହେଲେ ମଧ୍ୟ ଆଜିର କାଳରେ ଏହି ଆଚରଣ ଲୋପ ପାଇବାକୁ ବସିଛି । ମୁଁ ଛୋଟ ଥିବାବେଳେ ଘରେ ପ୍ରବେଶ କରିବା ଆଗରୁ ଗୋଡଧୋଇ ଆସିବା ଉଚିତ୍, ନଚେତ ଘର ଭିତରକୁ ଶନି ଚାଲିଆସିବେ ବୋଲି କହୁଥିବା ଶୁଣିଛି । ଘର ବାହାରେ ଗୋଡଧୋଇ ଆସିଲେ ଶନିଶ୍ଚର ବାହାରକୁ ଚାଲିଯାଆନ୍ତି ବୋଲି ମଧ୍ୟ କହନ୍ତି । ନଳ ଚରିତ ନାମକ ଗ୍ରନ୍ଥରେ ନଳ ଘରଭିତରକୁ ଗୋଡ ଧୋଇ ଆସିଥିଲେ ମଧ୍ୟ ତାଙ୍କ ପାଦ ଗୋଇଠି ଭାଗରେ ସୁଚୀମୁନ ଭଳି ଜାଗାଟିଏ ଅଧୁଆ ରହିଯାଇଥିବାରୁ ନଳଙ୍କ ଘରକୁ ଶନି ଆସିଥିଲେ,

ନଳଙ୍କୁ ରାଜ୍ୟଭ୍ରଷ୍ଟ କରି ନାନା ଯାତନା ଦେଇଥିଲେ ବୋଲି ଲେଖାଅଛି । ସେଥିଲାଗି କେହି ଘର ଭିତରକୁ ଆସିବା ଆଗରୁ ଗୋଡଧୋଇ ଆସିବା ରୀତି ଆମର ପରମ୍ପରା ହୋଇ ଆସିଛି ।

ଯୋଗୀଙ୍କ ପାଦଧୂଳିରେ ଜ୍ଞାନଶକ୍ତି ବା ଯୋଗଶକ୍ତି ଥାଏ ବୋଲି ଯେଉଁମାନେ ଜାଣିଥିଲେ ସେଦିନ ଯୋଗୀଙ୍କୁ ସାଦରେ ଘର ଭିତରକୁ ନେଇ ପାଦ ଧୋଇଦେଇଥିଲେ । ଯିଏ ଯୋଗୀ ନୁହନ୍ତି, ସେ କେହିବି ହୁଅନ୍ତୁ ତାଙ୍କ ପାଦ ଧୂଳିରେ ଯୋଗଶକ୍ତି ନାହିଁ ବୋଲି ଜାଣି ଘର ବାହାରେ ଗୋଡ ଧୋଇଥିଲେ । ଯୋଗୀ ଏବଂ ରାଜା ଉଭୟ ମଣିଷ ହେଲେ ମଧ୍ୟ ସେମାନଙ୍କଠାରେ ଥିବା ଭିନ୍ନତା ଅନୁସାରେ ଜଣଙ୍କର ଘର ଭିତରେ ଆଉ ଜଣଙ୍କର ଘର ବାହାରେ ଗୋଡ ଧୁଆ ଯାଇଥିଲା । ଗୋଡ ଧୋଇ ଘର ଭିତରକୁ ଯିବା ସମସ୍ତଙ୍କର ଆମୋଦ ଯୋଗ୍ୟ ନିୟମ ହୋଇଥିବାବେଳେ, ଏହି ସୂତ୍ର କେବଳ ଯୋଗୀଠାରେ କାହିଁକି ଲାଗୁ ହେଲା ନାହିଁ? ବୋଲି କେହି ପଚାରି ପାରନ୍ତି । ଏଠାରେ ସେମାନଙ୍କଠାରେ ଥିବା ଭିନ୍ନତା ନେଇ ସୂତ୍ର କାର୍ଯ୍ୟକଲା ନାହିଁ ବୋଲି କହିପାରିବା । ସେହିଭଳି ଅଧର୍ମ ଜନ୍ମର କାରଣ ହେଲେ ମଧ୍ୟ, ଥିବା ଚାରିଗୋଟି ଅଧର୍ମକୁ ଧର୍ମ ବିରୁଦ୍ଧ ବୋଲି କହି ପାରିବା ନାହିଁ । ପାଦଧୂଳିରେ ଲାଗିରହି ଶନିଶ୍ଚର ଘରକୁ ଚାଲିଆସନ୍ତି କଥାଟି ଯେମିତି ଯୋଗୀଙ୍କ ପାଇଁ ଲାଗୁ ହୁଏନାହିଁ ସେହିଭଳି ଅଧର୍ମ ପାଇଁ ଧର୍ମବିରୁଦ୍ଧ କଥାଟି ଲାଗୁ ହେବନାହିଁ । ଏଠାରେ ଆଉ ଏକ ପ୍ରଶ୍ନ ଉତ୍ପନ୍ନ ହୁଏ ଯେ, ଯୋଗୀ ପାଦରେ ଯୋଗବଳ ରହିଛି ତେଣୁ ଘର ବାହାରେ ଯୋଗୀର ପାଦଧୋଇବା ନିୟମ ଲାଗୁ ହେଲା ନାହିଁ, କିନ୍ତୁ ଅଧର୍ମଗୁଡିକ ଧର୍ମ ବିରୁଦ୍ଧ ନୁହେଁ ବୋଲି କହିବା ପାଇଁ ତାର କଣ ବିଶେଷତା ଅଛି ? ବୋଲି ପଚାରିଲେ, ତାହାର ସମାଧାନ ଦେଖନ୍ତୁ ।

ଧର୍ମର ବିପରୀତ (ଓଲଟା) କର୍ମ ବୋଲି କହିବାବେଳେ, ଯଜ୍ଞ କରିବା ଦ୍ୱାରା ମଧ୍ୟ ପୁଣ୍ୟକର୍ମ ମିଳିଥାଏ, ତେଣୁ ଏହା ଠିକ୍ ହେବାବେଳେ

ଯଜ୍ଞ ତ ଧର୍ମ ବିରୁଦ୍ଧ ହେବ ! କହିଲେ, ଯଜ୍ଞଗୁଡିକ ବାସ୍ତବରେ ଶାସ୍ତ୍ରବଦ୍ଧ ଭାବରେ ଧର୍ମର ଓଲଟା ନୁହେଁ ବୋଲି କହିପାରିବା । କେମିତି କି ! ଧର୍ମର ବ୍ୟତିରେକ (ଓଲଟା) କର୍ମ । ଏଠିକାର ସମସ୍ୟାସବୁ ହେଉଛି କର୍ମ । କର୍ମ କଣନା ! କର୍ମ ପାପ ଆଉ ପୁଣ୍ୟର ମିଶ୍ରଣ । ପାପ ହେଉ କି ପୁଣ୍ୟ ତାହା କର୍ମ । ଭାତ (ଅନ୍ନ) ଆଉ ଡାଲି ଥିବାବେଳେ ଆମେ ସମ୍ପୂର୍ଣ୍ଣ ଭୋଜନ ବୋଲି କହିପାରିବା । ଖାଲି ଭାତ କି ଖାଲି ଡାଲିକୁ ଭୋଜନ କହି ପାରିବା ନାହିଁ । ଦୁଇଟିଯାକ ଥିବାବେଳେ କେହି ଭୋଜନ ପ୍ରସ୍ତୁତ ଅଛି ବୋଲି କହିଲେ ତାହା ଠିକ୍ ବୋଲି କହିବ । ସେହିଭଳି ପାପ ଏବଂ ପୁଣ୍ୟ ମିଶିଲେ କର୍ମ ହୋଇଥାଏ । ଖାଲି ଭାତକୁ ଯେମିତି ଭୋଜନ କହିପାରିବା ନାହିଁ, ସେମିତି କେବଳ ପୁଣ୍ୟକୁ କର୍ମ ବୋଲି କହିପାରିବା ନାହିଁ କି ଖାଲି ପାପକୁ କର୍ମ ବୋଲି କହିପାରିବା ନାହିଁ । ଧର୍ମର ବିରୁଦ୍ଧ କର୍ମ ହେବାବେଳେ, କେବଳ ପୁଣ୍ୟ ଆଣି ଦେଉଥିବା ବାହ୍ୟଯଜ୍ଞ ଧର୍ମବିରୁଦ୍ଧ ବୋଲି କିପରି କହିବା ? କହିପାରିବା ନାହିଁ ।

ଯାହା ଧର୍ମ ନୁହେଁ କି ଅଧର୍ମ ନୁହେଁ ତାହା ଧର୍ମବିରୁଦ୍ଧ । ଏହା ପାପ ପୁଣ୍ୟର ମିଶ୍ରକର୍ମ ବନ୍ଧନରେ ପକାଇଥାଏ । ତିନି ଧର୍ମ, ଚାରିଗୋଟି ଅଧର୍ମ କାର୍ଯ୍ୟ ବ୍ୟତୀତ ଅନ୍ୟ ଯେଉଁସବୁ କାର୍ଯ୍ୟ ରହିଛି ସେସବୁ କର୍ମବନ୍ଧନରେ ପକାଇ ଜନ୍ମର କାରଣ ହୋଇଥାଏ । ଉଦାହରଣ ଭାବରେ ବ୍ୟବସାୟ କାର୍ଯ୍ୟକୁ ନେବାବେଳେ ତାହା ଧର୍ମ ସମ୍ବନ୍ଧୀୟ ନୁହେଁ କି ଅଧର୍ମ ସମ୍ବନ୍ଧୀୟ ନୁହେଁ ତେଣୁ ସେହି କାର୍ଯ୍ୟକୁ ଧର୍ମବିରୁଦ୍ଧ କାର୍ଯ୍ୟ ବୋଲି କହିପାରିବା । ଏହିଭଳି ଅନେକ କାର୍ଯ୍ୟ ଧର୍ମର ବିରୁଦ୍ଧ ଭାବରେ ରହି ଧର୍ମ ବ୍ୟତିରେକ କର୍ମ ବନ୍ଧନରେ ପକାଇବା ପାଇଁ ରହିଛି । ଏଠାରେ କେତେକ ଆଉ ଏକ ପ୍ରଶ୍ନ ପଚାରିବା ସୁଯୋଗ ପାଇ ପାରନ୍ତି । ତାହା ହେଉଛି ! ଦୈବଜ୍ଞାନ ବୋଧ କରୁଥିବା ବୋଧକମାନେ ଧର୍ମ ଆଚରଣ କରନ୍ତି କି ଅଧର୍ମ ଆଚରଣ କରନ୍ତି ? ତାର ସମାଧାନ ହେଉଛି ! ଦୈବଜ୍ଞାନ ବୋଧ କରୁଥିବା

ଲୋକମାନେ ଡ୍ରାମା ଆକ୍ଟର ଭଳି କିଛି କଥାକହିବା ଶିଖି ଡ୍ରାମାରେ ଭଲ ଅଭିନୟ କରିବା ଭଳି ଜ୍ଞାନ କହିବା କୌଶଳ ଶିଖି, ଶିଖିଥିବା କଥାକୁ ହିଁ କହିଥାନ୍ତି ବା ବୋଧ କରିଥାନ୍ତି । ବୋଧ କରିବା ଚାକିରି ଯେଉଁମାନେ କରିଛନ୍ତି ସେମାନଙ୍କୁ ବୋଧକ (ଟିଚର୍) କହୁଛେ । ବୋଧକ ଶିଖିଥିବା ପାଠକୁ ସ୍କୁଲ୍‌ରେ ପଢାଇବା ଧର୍ମ କାର୍ଯ୍ୟ ନୁହେଁ କି ଅଧର୍ମ କାର୍ଯ୍ୟ ନୁହେଁ । ଜ୍ଞାନ ବୋଧ କରୁଥିବା ବ୍ୟକ୍ତି ନିଜର ଦୃଷ୍ଟିକୁ ଜ୍ଞାନ ଉପରେ ନରଖି, ଭାଷଣ ଉପରେ ରଖି, ଲୋକମାନଙ୍କର ଜ୍ଞାନ ଦରକାର, ମୋର ଟଙ୍କା ଦରକାର ସେଥିଲାଗି ବୋଧ କରୁଛି, ବୋଧ କରାଇବା ଦରମା ମିଳୁଥିବା ଚାକିରି ବୋଲି ଭାବିବା ଦ୍ୱାରା ସେ ଧର୍ମ, ଅଧର୍ମର ସମ୍ବନ୍ଧହୀନ ଭାବରେ କାର୍ଯ୍ୟ କରୁଛି । ସେଥିଲାଗି ସେ ପାପ ପୁଣ୍ୟର ମିଶ୍ରଣ କର୍ମବନ୍ଧନରେ ପଡୁଛି । ଜଣେ ସ୍ୱାମୀଜୀ ଏକ ଉପନ୍ୟାସ (ବାଣୀ ବୋଧ) କହିବା ପୂର୍ବରୁ ସମସ୍ତଙ୍କୁ ତାହା ଜଣାଇବା ଉଦ୍ଦେଶ୍ୟରେ ଏକ ବଡ ବୋର୍ଡ ଲେଖିଥିଲେ । ସେଥିରେ ଅମୁକ ସ୍ୱାମୀଜୀ ୧୬ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ୫୩ତମ ଗୀତାଯଜ୍ଞ କରିବେ ବୋଲି ଲେଖାଥିଲା । ସ୍ୱାମୀଜୀ ଭାବରେ ଥିବା ଏକ ବ୍ୟକ୍ତି ଗୀତା ବୋଧ କରିବେ ନଲେଖି ଗୀତାଯଜ୍ଞ କରିବେ ବୋଲି ଲେଖିଥିଲେ ।

ଏହି ଗ୍ରନ୍ଥର ପ୍ରାରମ୍ଭରେ ଯଜ୍ଞର ଶାସ୍ତ୍ରୀୟତାକୁ ନେଇଛେ । ସେଠାରେ ଯଜ୍ଞ କହିଲେ ଥିବା ଜିନିଷକୁ ନଥିବାର କରିବା, ବିନାଶ କରିବା କିମ୍ବା ପୋଡିଦେବା ବୋଲି କହିଛୁ ସିନା, ଯଜ୍ଞ ଏକ ଆରାଧନା ବୋଲି କେଉଁଠି କହିନାହୁଁ । ବାହ୍ୟ ଯଜ୍ଞ ବାହାରକୁ ଦେଖାଯାଏ, ତେଣୁ ସେଠାରେ କଣ ହୁଏ ସମସ୍ତଙ୍କୁ ଜଣାଥାଏ, କିନ୍ତୁ ବାହ୍ୟଯଜ୍ଞ ପରମାତ୍ମା କହିଥିବା ଜ୍ଞାନଯଜ୍ଞର ନମୁନା ଭାବରେ ତିଆରି ହୋଇଛି ବୋଲି ଜାଣିବା ଉଚିତ୍ । ଯେଉଁ ଦୃଷ୍ଟିରେ ଦେଖିଲେ ମଧ୍ୟ ଯଜ୍ଞଗୁଡିକରେ ବିନାଶ କାର୍ଯ୍ୟ ଘଟୁଥିବା ଜଣାଯାଉଛି । ଜ୍ଞାନ ବୋଧ କରୁଥିବା ବୋଧକ, ସ୍ୱାମୀଜୀମାନେ କେଉଁଠି ଆଧ୍ୟାତ୍ମିକ ଜ୍ଞାନ ବୋଧ କରିବା ପାଇଁ ଯିବାବେଳେ ଅତୀତରେ କେତେଥର

ଏ କାର୍ଯ୍ୟ କରିଥିଲେ, ଆଉ କେତେ ଥର କରିବାକୁ ଯାଉଛନ୍ତି ବୋଲି ଲେଖୁଛନ୍ତି । ୫୩ତମ ଜ୍ଞାନଯଜ୍ଞ ଅମୁକ ସ୍ୱାମୀଜୀଙ୍କ ଦ୍ୱାରା କରାଯାଉଛି ବୋଲି ଲେଖୁଛନ୍ତି । ଗୀତାବୋଧ କରୁଥିବା ସ୍ୱାମୀଜୀ ୫୩ ତମ ଗୀତାଯଜ୍ଞ ବୋଲି ଲେଖି ଅତୀତରେ ୫୨ ଥର ଗୀତା ବୋଧ କରିଛି ଏଥର ୫୩ ଥର ବୋଧ କରିବାକୁ ଯାଉଛି ବୋଲି ତାଙ୍କର ଉଦ୍ଦେଶ୍ୟକୁ ଲେଖିଛନ୍ତି । ଏହି ମଧ୍ୟ କାଳୀନ ସମୟରେ ଜଣେ ନାମି ସ୍ୱାମୀଜୀ ଅତୀତରେ ୧୪୯ଥର ଭଗବଦ୍ଗୀତା ବୋଧ କରି ଏବେ ୧୫୦ ଥର ବୋଧ କରିବାକୁ ଯାଉଛନ୍ତି ବୋଲି ଜଣାଇବା ଉଦ୍ଦେଶ୍ୟରେ ୧୫୦ତମ ଗୀତାଯଜ୍ଞ କରୁଛି ବୋଲି ଲେଖିଥିଲେ । ତାହା ଦେଖି ଜଣେ ବିଦ୍ୟାର୍ଥୀ ୧୫୦ତମ ଗୀତା ଯଜ୍ଞରେ ସ୍ୱତନ୍ତ୍ର ଭାବରେ କଣ ସବୁ ବସ୍ତୁ ପକାଇବେ (ଆହୁତି ଦେବେ), ଘିଅ କେତେ ପୋଡିବେ ବୋଲି ମୋତେ ଆସି ପଚାରିଲା । ସେ ବାଳକ ଏହି ପ୍ରଶ୍ନ ପଚାରିବା କିଛି ଭୁଲ୍ ନାହିଁ । ଯଜ୍ଞ କହିଲେ, ଅତୀତରେ ଗାତ ଖୋଳି, ନିଆଁ ଲଗାଇ, ଘିଅ ଇତ୍ୟାଦି ବସ୍ତୁଗୁଡିଏ ଆହୁତି ଦିଆଯାଏ ବୋଲି ଦେଖିଥିବା ସେହି ବାଳକ, ୧୫୦ତମ ଗୀତା ଯଜ୍ଞରେ ସ୍ୱତନ୍ତ୍ର ଭାବରେ କଣ ସବୁ ଆହୁତି ଦିଆଯିବ ପଚାରିବା ଏକ ହେତୁବଦ୍ଧ ପ୍ରଶ୍ନ, ଏଥିରେ ତାର ଭୁଲ୍ ନାହିଁ, କିନ୍ତୁ ବୋଧକ ଏଠାରେ ତାହା ଯଜ୍ଞ ବୋଲି ଲେଖିବା ଭୁଲ୍ । ସେହି ବିଦ୍ୟାର୍ଥୀକୁ ମୁଁ "ଏଠାରେ ଘିଅ ଆହୁତି ଦିଆଯିବ ନାହିଁ, ବସ୍ତୁ, ବସ୍ତ୍ରାଦି ଆହୁତି ଦିଆଯିବ ନାହିଁ.." କହୁ କହୁ, ସାଙ୍ଗେ ସାଙ୍ଗେ ସେ କହିଲା **"ତେବେକଣ ୧୫୦ଥର ଭଗବଦ୍ଗୀତାକୁ ଯଜ୍ଞକୁଣ୍ଡରେ ପକାଇ ଦିଆଯିବ? କି ୧୫୦ଟି ଭଗବଦ୍ଗୀତା ଯଜ୍ଞ କୁଣ୍ଡରେ ପକାଇ ଦିଆଯିବ?"** ତା କଥା ଶୁଣି ଗୋଟିଏ ଦିଗରେ ମୋତେ ହସ ଲାଗୁଥିଲେ ମଧ୍ୟ ତାର ପ୍ରଶ୍ନ ଭୁଲ୍ ନୁହେଁ, ତେଣୁ ତାକୁ କହିଲି "ସେଠାରେ ପ୍ରବଚନ ଦେବାକୁ (ଗୀତା ପ୍ରବଚନ ଦେବାକୁ) ଯାଉଥିବା ସ୍ୱାମୀଜୀ ଏହା ପୂର୍ବରୁ ଅନେକ ସ୍ଥାନରେ ୧୪୯ ଥର ଗୀତା ବୋଧ କରି ଶେଷରେ

୧୫୦ଥର ଗୀତା ବୋଧ କରିବାକୁ ଯାଉଛନ୍ତି ତ ସେଥିଲାଗି ୧୫୦ତମ ଗୀତାଯଜ୍ଞ ବୋଲି ଲେଖିଛନ୍ତି" । ଏଥର ସେ ଆଶ୍ଚର୍ଯ୍ୟ ହୋଇ ପଚାରିଲା "୧୫୦ତମ ଗୀତାଯଜ୍ଞ ବୋଲି ସେ କାହିଁକି ଲେଖିଛନ୍ତି ? ଗୀତା ଜ୍ଞାନ ବୋଧ ବୋଲି ତ ଲେଖିପାରି ଥାଆନ୍ତେ ! ଗୀତା ଜ୍ଞାନ ବୋଧ କରୁଥିବା ବେଳେ, ବାହାରେ କରାଯାଉଥିବା ଯଜ୍ଞ ନାଆଁ କାହିଁକି ଲେଖିଛନ୍ତି ? ୧୫୦ତମ ଗୀତାଯଜ୍ଞ କହିଲେ ୧୫୦ଥର ଗୀତାକୁ ପୋଡିଦେବା ଭଳି ଅର୍ଥ ବୁଝାପଡୁଛି । ସେ ସ୍ୱାମୀଜୀ ଏଭଳି ଲେଖିଲେ କିଛି ଜଣା ନଥିବା ଆମେମାନେ କିପରି ବୁଝିବୁ ? ଯଜ୍ଞ କହିଲେ ପୋଡିବା ବା ଜଳାଇଦେବା ବୋଲି ସମସ୍ତଙ୍କୁ ବୁଝାପଡୁଥିବା ବେଳେ, ୧୫୦ତମ ଗୀତାଯଜ୍ଞ ବୋଲି ଲେଖିଲେ ୧୫୦ଥର ଗୀତାକୁ ପୋଡିବା ନବୁଝି ଆଉ କଣ ବୁଝିବୁ ? ସେ ୧୫୦ଥର ଗୀତାଜ୍ଞାନ ବୋଧ କରିବା କଥାକୁ ଯେଉଁଭଳି ଲେଖିଛନ୍ତି ସେ କଥାର କିଛି ଆଧାର ଅଛି ?" ବୋଲି ପଚାରିଲା, ତାକଥା ଶୁଣି ଶେଷରେ ମୁଁ ତାକୁ କହିଲି ଯେ, ସେ ସ୍ୱାମୀଜୀ ସେଭଳି ଲେଖିବା ଭୁଲ୍, ଗୀତାକୁ ପୋଡିବୁ ବୋଲି ବୁଝାଯାଉଛି, ତୋ ପ୍ରଶ୍ନ ମଧ୍ୟ ଠିକ୍, ସେ ସେଭଳି ଲେଖିବା ଉଚିତ୍ ହୋଇ ନାହିଁ ।

ଦେଖାଯାଉଥିବା ଯଜ୍ଞ, ଦେଖାଯାଉ ନଥିବା ଯଜ୍ଞ ଭେଦରେ ଯେଉଁ ଦୁଇ ପ୍ରକାରର ଯଜ୍ଞ ରହିଛି ତା ଭିତରୁ ଦେଖାଯାଉଥିବା ବାହ୍ୟଯଜ୍ଞ ବିଷୟ ଏପର୍ଯ୍ୟନ୍ତ ଆଲୋଚନା କଲେ । ପରମାତ୍ମା ଯଜ୍ଞଗୁଡିକ ବାବଦରେ ଗୀତାରେ କହିଛନ୍ତି । ଭଗବଦ୍ଗୀତାରେ ଦ୍ରବ୍ୟଯଜ୍ଞ, ଜ୍ଞାନଯଜ୍ଞ ବୋଲି ଦୁଇଟି ଦେଖାଯାଉ ନଥିବା ଯଜ୍ଞ ବିଷୟରେ କହିଥିଲେ ମଧ୍ୟ, ସେହି ଦୁଇଟି ଯଜ୍ଞ ଭିତରୁ ଜ୍ଞାନଯଜ୍ଞ ଶ୍ରେଷ୍ଠ ଅର୍ଥାତ୍ ଦ୍ରବ୍ୟଯଜ୍ଞ ଅପେକ୍ଷା ଜ୍ଞାନଯଜ୍ଞ ଶ୍ରେଷ୍ଠ । ପରମାତ୍ମା କହିଥିବା ଦୁଇ ଯଜ୍ଞ ଆମ ଶରୀର ଭିତରେ ଦେଖାନଯାଇ ହେଉଛି । ଦେଖାନଯାଇ କିପରି ହେଉଛି ତାହା ସମସ୍ତଙ୍କୁ ଜଣା ନାହିଁ । ତେଣୁ ଜ୍ଞାନ ଜଣାଥିବା କେତେକ ଜ୍ଞାନୀମାନେ

ପରମାତ୍ମା କହିଥିବା ଅଦୃଶ୍ୟ ଯଜ୍ଞକୁ ନିଜର ଜ୍ଞାନ ଦୃଷ୍ଟି ଦ୍ୱାରା ଜାଣି ସାଧାରଣ ପ୍ରଜାମାନଙ୍କୁ ତା ବାବଦରେ ଜଣାଇବା ନିମନ୍ତେ ବାହ୍ୟତଃ ଯଜ୍ଞ କୁଣ୍ଡ ତିଆରି କରି, ସେଥିରେ ନିଆଁ ଲଗାଇ, ଅନେକ ପ୍ରକାରର ବସ୍ତୁ, ଘିଅ, ବସ୍ତ୍ର, ଔଷଧ, ଧାତୁ ଇତ୍ୟାଦି ଜଳାଇ ଦେଖାଇଥିଲେ । ଏଭଳି ଦେଖାଇବା ଦ୍ୱାରା ଯଜ୍ଞର ନମୁନାକୁ ମଣିଷ ବୁଝିପାରିବ ବୋଲି ସେମାନଙ୍କର ଉଦ୍ଦେଶ୍ୟ ଥିଲା । ପ୍ରଥମେ ଯଜ୍ଞର ନମୁନା ଦୃଶ୍ୟକୁ ମଣିଷ ଦେଖିବା ପରେ ଯଜ୍ଞ କହିଲେ କଣ ?, ସେଥିରେ ଥିବା ଅଗ୍ନି କାହାର ସଙ୍କେତ ? ଆହୁତି ଦିଆଯାଉଥିବା ବସ୍ତୁ, ବସ୍ତ୍ରାଦି କଣ ବୁଝାଏ ? ଯଜ୍ଞ କରୁଥିବା ଋତ୍ୱିକ୍‌ମାନେ କାହାର ସଙ୍କେତ ? ଇତ୍ୟାଦି ବାହ୍ୟ ବିଷୟଗୁଡ଼ିକ ବାହ୍ୟଯଜ୍ଞରୁ ଜାଣି ପାରିଲେ, ଶରୀର ଭିତରେ ହେଉଥିବା ଯଜ୍ଞକୁ ସହଜରେ ବୁଝିହେବ । ପରମାତ୍ମା ଶରୀର ଭିତରେ ହେଉଥିବା ଜ୍ଞାନଯଜ୍ଞକୁ ଭଗବଦ୍ଗୀତାରେ ବୁଝାଇଥିବା ବେଳେ ତାହା କେହି ମଧ୍ୟ ଚିହ୍ନିପାରି ନାହାନ୍ତି । ଜ୍ଞାନ ଉପରେ ଶ୍ରଦ୍ଧା ଜାତ ହୋଇଥିବା ଖୁବ୍ କମ୍ ଲୋକ ସେହି ଶରୀରାନ୍ତର୍ଗତ ଜ୍ଞାନଯଜ୍ଞକୁ ଚିହ୍ନି ପାରିଛନ୍ତି । ଶରୀରାନ୍ତର୍ଗତ ଜ୍ଞାନଯଜ୍ଞକୁ ଗ୍ରହଣ କରିପାରିଥିବା ଜ୍ଞାନୀମାନେ ତାହା ମଣିଷକୁ ବୋଧ କରାଇବା ପାଇଁ, ପରମାତ୍ମା କହିଥିବା ଜ୍ଞାନଯଜ୍ଞ ଭଳି ହୋଇଥିବା ବାହ୍ୟ ଯଜ୍ଞକୁ ନିର୍ମାଣ କରି ଦେଖାଇଥିଲେ । ବାହ୍ୟଯଜ୍ଞର ପ୍ରତି ବିଷୟକୁ ଶରୀରାନ୍ତର୍ଗତ ଯଜ୍ଞ ସହିତ ତୁଳନା କରି ଦେଖାଇବା ଦ୍ୱାରା, ଭଗବଦ୍ଗୀତାରେ କୁହାଯାଇଥିବା ଜ୍ଞାନଯଜ୍ଞକୁ ସମସ୍ତେ ବୁଝିପାରିବେ ବୋଲି ଭାବିଥିଲେ । ଏହି ଭାବନା କରିଥିବା ଜ୍ଞାନୀମାନେ ବାହ୍ୟତଃ ଯଜ୍ଞକୁଣ୍ଡ ତିଆରି କରି, ସେଥିରେ ଅଗ୍ନି ସଂଯୋଗ କରି, ମନ୍ତ୍ର ପଢି ସେଥିରେ ସମିଧଗୁଡ଼ିକୁ ଆହୁତି ଦେଇ ଦେଖାଇଥିଲେ । ମୋଟାମୋଟି ଭାବରେ ସୂକ୍ଷ୍ମ ଭାବରେ ଥିବା ବିଷୟକୁ ସ୍ଥୁଳ ଭାବରେ ଦେଖାଇଥିଲେ । ସେଦିନ ଭଲ ଉଦ୍ଦେଶ୍ୟ ନେଇ ସୃଷ୍ଟି ହୋଇଥିବା ବାହ୍ୟଯଜ୍ଞ ଆଜି ଥିଲେ ମଧ୍ୟ, ତାହା ଶରୀରାନ୍ତର୍ଗତ ଜ୍ଞାନଯଜ୍ଞର ନମୂନା

ବୋଲି କାହାକୁ ଜଣା ନାହିଁ । ପରମାତ୍ମା କହିଥିବା ତିନି ଧର୍ମର ସାରାଂଶ ଜ୍ଞାନଯଜ୍ଞ, ପୂର୍ବେ ତ୍ରେତାଯୁଗରୁ ଅନର୍ଥ ହୋଇ, ବାହ୍ୟଯଜ୍ଞ ଭାବରେ ବଦଳି ଚାରିଗୋଟି ଅଧର୍ମ ଭିତରୁ ଗୋଟିଏ ଅଧର୍ମ ହୋଇ ରହିଛି ।

ଭଗବଦ୍ଗୀତରେ ପରମାତ୍ମା ଜଣାଇଥିବା ଶରୀରାନ୍ତର୍ଗତ ଜ୍ଞାନଯଜ୍ଞକୁ ବୁଝିପାରିଥିବା ଜ୍ଞାନୀମାନେ, ପ୍ରଜାମାନଙ୍କୁ ଜ୍ଞାନଯଜ୍ଞ ବାବଦରେ ଜଣାଇବା ପାଇଁ, ବାହ୍ୟଯଜ୍ଞ ସୃଷ୍ଟି କରି ବୁଝାଇବାକୁ ଚେଷ୍ଟାକରିବା ସେମାନଙ୍କର ଭଲ ଉଦ୍ଦେଶ୍ୟ ବିଫଳ ହୋଇଯାଇଛି । ଶରୀର ଭିତରର ଧର୍ମ ବାହାରେ ଅଧର୍ମ ହୋଇ ରହିଯାଇଛି । ଜ୍ଞାନୀମାନଙ୍କର ଏହି ସୁ ଉଦ୍ଦେଶ୍ୟ ବିଫଳ ହେବାର କାରଣ କଣ ହୋଇପାରେ ବୋଲି ବିଚାର କଲେ, ଆଜି ପର୍ଯ୍ୟନ୍ତ ଜ୍ଞାନୀମାନେ ମଧ୍ୟ ଚିହ୍ନି ପାରିନଥିବା ଗୋଟିଏ ବିଷୟ ବହିର୍ଗତ ହେଉଛି, ତାହା ହେଉଛି–

ପରମାତ୍ମା ଭଗବଦ୍ଗୀତାରେ ଶରୀରାନ୍ତର୍ଗତ ଜ୍ଞାନଯଜ୍ଞ ଜଣାଇବା ସମୟରେ, ଜ୍ଞାନଯଜ୍ଞକୁ ବିବରଣାତ୍ମକ ଜଣାଇବା ପାଇଁ ଧର୍ମସମ୍ବନ୍ଧ ନଥିବା ଦ୍ରବ୍ୟଯଜ୍ଞକୁ ନମୁନା ଭାବରେ କହିଛନ୍ତି । ପରମାତ୍ମା କହିଥିବା ଦ୍ରବ୍ୟଯଜ୍ଞର ନମୁନା ଅନୁସାରେ କେହି ମଧ୍ୟ ଜ୍ଞାନଯଜ୍ଞକୁ ବୁଝିପାରିବେ ବୋଲି, ସେତେବେଳେ ଦ୍ରବ୍ୟଯଜ୍ଞ ପ୍ରସ୍ତାବିତ ହୋଇଥିଲା । ଜ୍ଞାନଯଜ୍ଞକୁ ମଣିଷ ବୁଝିପାରିବା ଭଳି, ଦ୍ରବ୍ୟଯଜ୍ଞକୁ ତୁଳନା କରି ପରମାତ୍ମା ଗୀତାରେ କହିଛନ୍ତି ବୋଲି ଜାଣିପାରିଥିବା ଜ୍ଞାନୀମାନେ, ନିଜ ଚେଷ୍ଟାରେ ବାହ୍ୟଯଜ୍ଞ ସୃଷ୍ଟି କରିଥିଲେ । ହେଲେ ଏହା ସମ୍ପୂର୍ଣ୍ଣ ମାନବୀୟ ଚେଷ୍ଟା ହୋଇଥିବାରୁ, ତାହା ସେମାନଙ୍କ ଭାବ ଅନୁସାରେ ପ୍ରଜାମାନଙ୍କୁ ବୁଝାନପଡି, ଆଜି ଅଧର୍ମ ହୋଇ ରହିଯାଇଛି । ପରମାତ୍ମା ଜ୍ଞାନଯଜ୍ଞର ତୁଳନାରେ ଦ୍ରବ୍ୟଯଜ୍ଞ ବିଷୟ କହିଛନ୍ତି । ହେଲେ ତାହା ମଣିଷ ଗ୍ରହଣ ନକରି, ସ୍ୱଚେଷ୍ଟାରେ ବାହ୍ୟଯଜ୍ଞକୁ ଜ୍ଞାନଯଜ୍ଞ ସହିତ ତୁଳନା କରିଛି । ଏଠାରେ ପରମାତ୍ମା ତୁଳନା କରିଥିବା ଦ୍ରବ୍ୟଯଜ୍ଞ, ମଣିଷ ତୁଳନା କରିଥିବା ବାହ୍ୟଯଜ୍ଞ ଦୁଇଟିଯାକ ଶରୀରାନ୍ତର୍ଗତ

ଜ୍ଞାନଯଜ୍ଞକୁ ବୁଝାଇ ପାରୁଥିଲେ ମଧ୍ୟ, ପରମାତ୍ମାଙ୍କ ଦ୍ରବ୍ୟଯଜ୍ଞ ତୁଳନାକୁ ମଣିଷ ଚିହ୍ନିପାରି ନାହିଁ; ତଥାପି ମଣିଷ ବାହ୍ୟଯଜ୍ଞକୁ ଜାଣିଥିଲେ ମଧ୍ୟ ତାହା ଜ୍ଞାନଯଜ୍ଞର ତୁଳନା ବୋଲି ଚିହ୍ନିପାରି ନାହିଁ ।

ଏସବୁକୁ ଭଲ ଭାବରେ ବିଚାର କରିପାରୁଥିବା ବୁଦ୍ଧିରେ ଦେଖି ପାରିଲେ, ପ୍ରକୃତ ଜ୍ଞାନଯଜ୍ଞ ସ୍ୱତନ୍ତ୍ର ହୋଇଥିବା ବେଳେ, ତାପାଇଁ ପରମାତ୍ମା ତାଙ୍କ ଗୀତାରେ ଅଲଗା ଉଦାହରଣ ଦେଇଥିବା ସ୍ଥଳେ, ମଣିଷ ତା ଚେଷ୍ଟାରେ ଅଲଗା ଉଦାହରଣ ତିଆରି କରିଛି । ଏବେ ପ୍ରକୃତ ଜ୍ଞାନଯଜ୍ଞକୁ ବାଦ୍‌ଦେଇ ପରମାତ୍ମା ଆଉ ମଣିଷ ଗଢିଥିବା ଉଦାହରଣ (ନମୁନା) କୁ ପରିଶୀଳନ କରିବା । ପରମାତ୍ମା ଦେଇଥିବା ଦ୍ରବ୍ୟଯଜ୍ଞର ନାଆଁଟି ଭଗବତ୍ ଗୀତାର ଜ୍ଞାନଯୋଗରେ ଥିବା ୩୩ତମ ଶ୍ଳୋକରେ କୁହାଯାଇଛି ।

**ଶ୍ଳୋକ : ଶ୍ରେୟାନ୍ ଦ୍ରବ୍ୟମୟାଦ୍ ଯଜ୍ଞାତ୍ ଜ୍ଞାନଯଜ୍ଞଃ ପରନ୍ତପ ! ।**
**ସର୍ବଂ କର୍ମାଖିଳଂ ପାର୍ଥ ଜ୍ଞାନେ ପରିସମାପ୍ୟତେ ॥**

ଏହି ଶ୍ଳୋକରେ ଦ୍ରବ୍ୟଯଜ୍ଞ ଏବଂ ଜ୍ଞାନଯଜ୍ଞ ବୋଲି ଦୁଇଟି ନାମ ବାହାରକୁ ଆସିଛି । ଦ୍ରବ୍ୟଯଜ୍ଞଠାରୁ ଜ୍ଞାନଯଜ୍ଞ ଶ୍ରେଷ୍ଠ, ଏହା ମଧ୍ୟ ଶ୍ଳୋକରେ କୁହାଯାଇଛି । ଏଠାରେ ଦୁଇଟି ଯଜ୍ଞର ନାଆଁ କହି ପରମାତ୍ମା ଜ୍ଞାନଯଜ୍ଞକୁ କାହିଁକି ବଡ ବୋଲି କହିଛନ୍ତି ? ଶରୀରରେ ଯଜ୍ଞ ହୁଏ, ତାର ନାଆଁ ମଧ୍ୟ ଅଛି ବୋଲି ମଣିଷକୁ ଜଣା ନଥିବାବେଳେ, ଦୁଇଟି ଯଜ୍ଞର ନାଆଁ କହି, ତାଭିତରୁ ଗୋଟିଏ ମହାନ୍ କହିବାରେ କି ରହସ୍ୟ ଅଛି ? ଏମିତି ଦୁଇଟି ଯଜ୍ଞର ନାଆଁ ନକହି ପରମାତ୍ମା ସିଧା ଗୋଟିଏ ଯଜ୍ଞ (ଜ୍ଞାନଯଜ୍ଞ)ର ନାଆଁ କାହିଁକି କହିଲେ ନାହିଁ ? ଏଠାରେ ଜ୍ଞାନଯଜ୍ଞ ପାଇଁ ଉଦାହରଣ ଦେବା କଣ ଦରକାର ଥିଲା ? ବୋଲି ପ୍ରଶ୍ନ କରି ଦେଖିଲେ– ଏକାଭଳି ଦେଖାଯାଉଥିବା ଯାଆଁଳା (ଯମଜ) ଛୁଆ ଦୁଇଟିଙ୍କ ଭିତରୁ କିଏ ବଡ କିଏ ସାନ ଜାଣିବା କାଠିକର ହୋଇଥାଏ । ସେହିଭଳି ଏକ ପ୍ରକାରର ଦେଖାଯାଉଥିବା କିଛି

ଦୁଇଟିରୁ ଅସଲି ଆଉ ନକଲିକୁ ଚିହ୍ନିପାରିବା ସମସ୍ତଙ୍କ ପକ୍ଷେ ସମ୍ଭବ ହୋଇନଥାଏ, ହେଲେ ଦୁଇଟି ବସ୍ତୁକୁ ତିଆରି କରିଥିବା ଲୋକ ଜାଣିଥାଏ ଯେ, କଣ ଅସଲି ଆଉ କଣ ନକଲି । ଏବେ ପରମାତ୍ମା ଦୁଇଟି ଯଜ୍ଞର ପ୍ରସ୍ତାବ କାହିଁକି ଆଣିଛନ୍ତି, ଭଲରେ ବୁଝିବାପାଇଁ ଏକ ଛୋଟ ଉଦାହରଣରୁ ଆମେ ଜାଣିବା ।

ଗୋଟିଏ ଗାଆଁର ଜଣେ ବଣିଆ ସାରା ଦୁନିଆରେ କେହି ତିଆରି କରିନଥିବା, କେହି କରି ନପାରିବା ଭଳି ସୁନାହାରଟିଏ ତିଆରି କରିଥିଲା, ସେହି ସୁନା ହାରରେ ସେ ନବରତ୍ନ ମଧ୍ୟ ଖଞ୍ଜିଥିଲା । ନଅଟି ରତ୍ନକୁ ସେ ସେଥିରେ ଖଞ୍ଜିବାବେଳେ ଗୋଟିଏ ପାଖରେ ଜ୍ୟୋତିଷ ଶାସ୍ତ୍ର, ଆଉ ଗୋଟିଏ ପାଖରେ ବ୍ରହ୍ମବିଦ୍ୟା ଶାସ୍ତ୍ରକୁ ଅନୁସରଣ କରି ଖଞ୍ଜିଥିଲା । ଦୁଇ ଶାସ୍ତ୍ରର ସମ୍ମିଶ୍ରଣରେ ନବରତ୍ନକୁ ହାରରେ ଖଞ୍ଜିବା ଯୋଗୁଁ ସେ ହାରରେ ଏକ ସ୍ୱତନ୍ତ୍ର ଶକ୍ତି ସୃଷ୍ଟି ହୋଇଥିଲା । ଜ୍ୟୋତିଷ ଶାସ୍ତ୍ର ଆଧାରରେ କର୍ମ ନାମକ କାଠକୁ, ବ୍ରହ୍ମବିଦ୍ୟା ଶାସ୍ତ୍ର ଆଧାରରେ କର୍ମ ବିନାଶ କରିପାରୁଥିବା ଜ୍ଞାନାଗ୍ନିକୁ ହାର ଭିତରକୁ ଆଣି ପାରିବା ଭଳି କରୁଥିବା ଦ୍ୱାରା, ସେ ହାର ଏକ ଅଦ୍ଭୁତ ହାର ହୋଇପାରିଥିଲା । ବଣିଆ ତିଆରି କରିଥିଲେ ମଧ୍ୟ ତାହା ଯିଏ ପିନ୍ଧିବ ତାର ଶରୀରର ରୋଗ ଦୂର ହୋଇଯିବା ଭଳି ଶକ୍ତି ସେହି ହାରରେ ରହିଥିଲା । ହାରର ଏଭଳି କରାମତି ଅଛି ବୋଲି ବଣିଆକୁ ଜଣାଥିଲା । ହାରକୁ ତିଆରି କରିଥିବା ବଣିଆ ତାହା କେଉଁଠି କାହାକୁ ବିକ୍ରି କରିଦେବ ବୋଲି ଭାବିଥିଲା । ହାରକୁ ଯିଏ କିଣିବ ତାର ରୋଗ ଦୂର ହୋଇଯିବ ବୋଲି ଜାଣିଥିବା ବଣିଆ ତାହା ବାହାର ପ୍ରଜାମାନଙ୍କୁ ଜଣାଇଲା । ହାରଟି କିଣୁଥିବା ଲୋକ ପାଇଁ ଏକ ନିୟମ ରଖିଲା । ହାରଟି ବଣିଆ ପାଖରେ ରହିବ ନଚେତ ଯିଏ କିଣିବ ତା ଶରୀରରେ ରହିବ ସିନା, ସମସ୍ତଙ୍କ ପାଖକୁ ଯିବ ନାହିଁ, କି ଗାଆଁ ଗାଆଁ ବୁଲିବ ନାହିଁ । ଏହି ନିୟମ ରଖିଥିବା ବଣିଆ ତାହା ବିକ୍ରି କରିବାକୁ ହେଲେ ସମସ୍ତେ ଦେଖିବେ,

ଧରିବେ, ଅନ୍ୟ ଗାଆଁକୁ ମଧ୍ୟ ନେଇ ଯିବାକୁ ହେବ । ନିୟମ ଅନୁସାରେ ଏହା ନିଷେଧ, ତେଣୁ ବଣିଆ ଏକ ଉପାୟ ଖୋଜି ସେହିଭଳି ଆଉଗୋଟିଏ ହାର ତିଆରି କଲା, ସେଥିରେ ମଧ୍ୟ ନକଲି ନବରତ୍ନ ଖଞ୍ଜିଲା, ଏପରି ସବୁ ନକଲି ହେଲେ ମଧ୍ୟ ଦେଖିବା ଲୋକ କେହି ଚିହ୍ନି ନପାରିବା ଭଳି ହାରଟି ତିଆରି କଲା । ନକଲି ହାରର କିଛି ନିୟମ ନାହିଁ କି ଶକ୍ତି ନାହିଁ ତେଣୁ ତାହା ସମସ୍ତଙ୍କୁ ଦେଖାଇ ହେବ, ଅନ୍ୟତ୍ର ନେଇହେବ, କେହି ବି ଛୁଇଁ ପାରିବେ ।

ବଣିଆ କରିଥିବା ଅସଲି ହାରଟିକୁ ଘରେ ରଖି ନକଲି ହାର ନେଇ ଗାଆଁ ଗାଆଁ ବୁଲି ଅସଲି ହାରର ଗୁଣ କଥା କହି ନକଲି ହାରକୁ ଦେଖାଇଲା । ଅନେକ ଗାଆଁ ବୁଲିଲେ ମଧ୍ୟ ସେ ହାରଟିକୁ କେହି କିଣିଲେ ନାହିଁ । ବଣିଆର ଏହି ପରିଶ୍ରମ ଦେଖି ତାର କେତେକ ପରିଚିତ ବନ୍ଧୁ ବଣିଆ କରିଥିବା ହାରଟି ବିକ୍ରି କରାଇଦେବା ପାଇଁ ହାର ବାବଦରେ ଲୋକମାନଙ୍କୁ କହିଲେ । ବଣିଆ ହାରଟିକୁ ହାର ବୋଲି ନକହି ସ୍ଥାନୀୟ ଭାଷାରେ ମାଳ କହୁଥିଲା । ହେଲେ ହାରଟି ବିକ୍ରି କରାଇଦେବା ପାଇଁ ଚାହୁଁଥିବା ବଣିଆର ବନ୍ଧୁମାନେ ବଣିଆ କହୁଥିବା ମାଳ ବୋଲି ନକହି ମୂଳ ବୋଲି କହୁଥିଲେ । ତେଣୁ କିଣିବାକୁ ଚାହୁଁଥିବା ଲୋକମାନେ ବଣିଆ କେଉଁ ମୂଳ ବିକ୍ରିକରିବାକୁ ଚାହୁଁଛି ବୋଲି ଭାବିଲେ । ଏହିଠାରେ ହାରର ଅର୍ଥ ଅନର୍ଥ ହୋଇଗଲା । ଶେଷରେ ହାର କଥା ଲୁଚିଯାଇ କେଉଁ ଗଛର ମୂଳ ବୋଲି ଲୋକମାନେ ବୁଝିଲେ । କାରଣ ! ବଣିଆ ଭଳି ସେମାନେ ନକଲି ହାର କାହାକୁ ନ ଦେଖାଇ କେବଳ କଥାରେ କହୁଥିଲେ, ଯାହା କହୁଥିଲେ ତାହା ମଧ୍ୟ ଠିକ୍ ଭାବରେ କହୁ ନଥିଲେ ।

ବଣିଆ ଅଦ୍ଭୁତ ହାରଟି ତିଆରି କରି ତାହା ଅନ୍ୟମାନଙ୍କୁ ଦେଖାଇବା ପାଇଁ ନକଲି ହାରଟିଏ ତିଆରି କରିଥିବା ବେଳେ, ଅନ୍ୟମାନେ ସେହି ହାର ବାବଦରେ ମୂଳ ବୋଲି ପ୍ରଚାର କରୁଥିଲେ । ଏହିଭଳି ଗୋଟିଏ

ହାର ଜଣକ ଦ୍ୱାରା ମାଳ କୁହାଯାଇ ଶେଷରେ ଅନ୍ୟମାନଙ୍କ ଦ୍ୱାରା ମୂଳ ପାଲଟି ଗଲା । ଏହି କାହାଣୀରୁ କଣ ଜଣାପଡୁଛି କି ! ବଣିଆ ରୋଗହର ଅଦ୍ଭୁତହାର ତିଆରି କରିଥିବା ଭଳି, ପରମାତ୍ମା କର୍ମ ନିର୍ମୂଳ କରିପାରୁଥିବା ଜ୍ଞାନକୁ ଶରୀରରେ ତିଆରି କରିଛନ୍ତି । ବଣିଆ ତାର ଅଦ୍ଭୁତ ହାର ବାହାରକୁ ବାହାର ନକରି, ତା ବାବଦରେ ଅନ୍ୟମାନେ ଜାଣିବା ପାଇଁ, ନକଲି ହାର ତିଆରି କରିଥିବା ଭଳି, ପରମାତ୍ମା ମଧ୍ୟ ଜ୍ଞାନଯଜ୍ଞକୁ ସମସ୍ତେ ବୁଝିବା ପାଇଁ, ଦ୍ରବ୍ୟଯଜ୍ଞ ନାମକ ନକଲିଯଜ୍ଞ ଶରୀରରେ ତିଆରି କରି ରଖିଛନ୍ତି । ଦ୍ରବ୍ୟଯଜ୍ଞ କଣ ଜାଣି ପାରିଲେ, କର୍ମ ନିର୍ମୂଳ କରିପାରୁଥିବା ଜ୍ଞାନଯଜ୍ଞକୁ ସହଜରେ ବୁଝିପାରିବେ ବୋଲି ଉଦ୍ଦେଶ୍ୟ ରଖି, ବଣିଆ ନକଲି ହାର ତିଆରି କରିଥିବା ଭଳି, ପରମାତ୍ମା ଜ୍ଞାନଯଜ୍ଞକୁ ପ୍ରଜାମାନେ ବୁଝିପାରିବା ଭଳି ଦ୍ରବ୍ୟଯଜ୍ଞକୁ ଶରୀରରେ ରଖିଛନ୍ତି । ବଣିଆ କରିଥିବା ନକଲି ହାରକୁ ପ୍ରଚାର କରିବାପାଇଁ ଅନ୍ୟମାନେ ଚେଷ୍ଟାକରି ହାରର ସ୍ଥାନୀୟ ଭାଷା ମାଳ ବଦଳରେ ମୂଳ କହିବା ଭଳି, ପରମାତ୍ମା କହିଥିବା ଯଜ୍ଞକୁ ପ୍ରଚାର କରୁଥିବା ମଣିଷର ଚେଷ୍ଟା ଦ୍ରବ୍ୟଯଜ୍ଞ ନହୋଇ ବାହ୍ୟଯଜ୍ଞ ହୋଇଯାଇଛି । ଏହିଭଳି ଶେଷରେ ଅନ୍ୟମାନଙ୍କ ଚେଷ୍ଟାରେ ହାରଟି ଗଛର ମୂଳ ହୋଇଯିବା ଭଳି, ପରମାତ୍ମା ସୃଷ୍ଟି କରିଥିବା ଜ୍ଞାନଯଜ୍ଞ, ଜ୍ଞାନୀମାନଙ୍କ ବାଣୀବୋଧରେ ବଦଳି ଶେଷରେ ବାହ୍ୟଯଜ୍ଞ ହୋଇଯାଇଛି । ବଣିଆ ଅଦ୍ଭୁତ ହାର ତିଆରି କରି ତାହା ଦେଖାଇବା ପାଇଁ, ତା ବଦଳରେ ନକଲି ହାର ତିଆରି କରିଥିଲେ ମଧ୍ୟ, ମଝିରେ ତାର ବନ୍ଧୁମାନଙ୍କ ଚେଷ୍ଟାରେ ନକଲି ହାର ମଧ୍ୟ ଅଜଣା ରହିଗଲା, ଅନ୍ୟମାନେ ବଣିଆ କେଉଁ ଗଛର ମୂଳ ବିକ୍ରି କରିବ ବୋଲି ଭାବିଥିଲେ । ସେହିଭଳି ପରମାତ୍ମା ଜ୍ଞାନଯଜ୍ଞକୁ ଜଣାଇବା ପାଇଁ ଦ୍ରବ୍ୟଯଜ୍ଞ ନାମ ଦେଇ ଗୀତା ଶ୍ଳୋକରେ କହିଥିବା ବେଳେ, ଆମ ବୋଧକମାନେ ଦ୍ରବ୍ୟଯଜ୍ଞକୁ ସମ୍ପୂର୍ଣ୍ଣ ଭୁଲିଯାଇ, ଶେଷରେ ଦ୍ରବ୍ୟଖର୍ଚ୍ଚ ହେଉଥିବା ବାହ୍ୟଯଜ୍ଞକୁ ସମସ୍ତେ ବୁଝିବା ଭଳି କରିଦେଇଛନ୍ତି ।

ବଣିଆର ହାର ବେପାର କେହି ଜାଣିନପାରିବା ଛଡା ବଣିଆ କେଉଁ ଗଛର ମୂଳ ବିକ୍ରି କରୁଛି ବୋଲି ସବୁଆଡେ ପ୍ରଚାର ହୋଇଗଲା । ସେହିଭଳି ପରମାତ୍ମା ଜ୍ଞାନଯଜ୍ଞ ବାବଦରେ ଜଣାଇବା ପାଇଁ ନମୂନା ଭାବରେ ଦ୍ରବ୍ୟଯଜ୍ଞକୁ କହିଥିବା ବେଳେ, ଶେଷରେ ବଣିଆର ହାର (ମାଳ) ମୂଳ ହୋଇଯିବା ଭଳି, ଦ୍ରବ୍ୟଯଜ୍ଞ ଦ୍ରବ୍ୟ ଖର୍ଚ୍ଚ ହେଉଥିବା ବାହ୍ୟଯଜ୍ଞ ହୋଇଗଲା । ଆଜି ଭୂପୃଷ୍ଠରେ କେଉଁଠି କେହି ଯଦି କରୁଥାନ୍ତି କେବଳ ଦ୍ରବ୍ୟଖର୍ଚ୍ଚ ହେଉଥିବା ବାହ୍ୟଯଜ୍ଞ ହିଁ କରୁଛନ୍ତି । ତ୍ରେତାଯୁଗରୁ ମଣିଷ ଏହି ଅଭ୍ୟାସରେ ପଡିଆସିଛି । ପରମାତ୍ମା କହିଥିବା ଜ୍ଞାନଯଜ୍ଞକୁ ଭୁଲିଯାଇ ମଣିଷ ତାର ନିଜ ବୁଦ୍ଧିରେ କରୁଥିବା ବାହ୍ୟଯଜ୍ଞ ଗୁଡିକୁ ଦେଖିଥିବା ବ୍ରହ୍ମଜ୍ଞାନୀ, ତ୍ରିକାଳଦର୍ଶୀ ଉପାଧି ଭୂଷିତ କେହିଜଣେ ଖଣ୍ଡନ କରିବାକୁ ଉଦ୍ୟମ କରୁଥିବା ବେଳେ ତାକୁ ଏକ ରାକ୍ଷସ ଭାବରେ ପରିଗଣିତ କରିଛି । ପରମାତ୍ମା କହିଥିବା ଜ୍ଞାନଯଜ୍ଞକୁ ଛାଡି, ତାର ବ୍ୟତିରେକ ଦ୍ରବ୍ୟ ଖର୍ଚ୍ଚ ହେଉଥିବା ବାହ୍ୟଯଜ୍ଞ କରିବା ଉଚିତ ନୁହେଁ ବୋଲି କହିବାଲୋକ ଯଦି ରାକ୍ଷସ ହେବ, ତେବେ ଜ୍ଞାନହୀନ ହୋଇ ଦୈବଧର୍ମ ହୋଇନଥିବା ବାହ୍ୟଯଜ୍ଞ ଯେଉଁମାନେ କରୁଛନ୍ତି କଣ ସେମାନେ ଦେବତା ହେବେ ? ଆପଣମାନେ ବିଚାର କରନ୍ତୁ । ପରମାତ୍ମା ଭଗବଦ୍ଗୀତାରେ ମଣିଷର କର୍ମନିର୍ମୂଳ ବିଧିକୁ ତିନିଗୋଟି ଯୋଗ ମାଧ୍ୟମରେ କହିଛନ୍ତି । ତାହା ହିଁ ତିନିଗୋଟି ଧର୍ମ, ସେଗୁଡିକ ଭିତରୁ କର୍ମକୁ ଜାଳି ଦେଉଥିବା କର୍ମଯୋଗ ଏକ ଧର୍ମ ହୋଇଥିବା ବେଳେ, ବ୍ରହ୍ମଯୋଗ ଦ୍ୱିତୀୟ ଧର୍ମ ଏବଂ ଭକ୍ତିଯୋଗ ତୃତୀୟ ଧର୍ମ ହୋଇ ରହିଛି । ଏହି ତିନିଗୋଟି ଯୋଗରେ ଜୀବର କର୍ମ ବିନାଶ ହେବା ଛଡା ଆଉ କିଛି ହୋଇନଥାଏ । ଜୀବର କର୍ମ ନାଶନ ହେଉଥିବା ଏହି ତିନି ବିଧାନକୁ ମିଶାଇ ଜ୍ଞାନଯଜ୍ଞ ଭାବରେ ନାମିତ କରାଯାଇଛି । ତିନିଜଣ ଲୋକ ଅଲଗା ଅଲଗା ତିନିଗୋଟି ସ୍ଥାନରେ କାଠ ନେଇ ପୋଡିଲେ ବୋଲି ଭାବିଲେ, ସେ ତିନିଜଣ ଗୋଟିଏ ପ୍ରକାରର କାର୍ଯ୍ୟ କରିବା ଭଳି ହେବ । ତେଣୁ ତିନିଜଣଙ୍କର କାର୍ଯ୍ୟକୁ ଗୋଟିଏ

ନାମରେ ସେଠାରେ କାଷ୍ଠ ଦହନ (କାଠପୋଡି) ବୋଲି କହିପାରିବା । ସେହିଭଳି କର୍ମକୁ ବିନାଶ କରିଦେଉଥିବା ତିନି ଯୋଗକୁ ମିଶାଇ ଜ୍ଞାନଯଜ୍ଞ ବୋଲି ଗୋଟିଏ ନାମ ଦେଇ ପରମାତ୍ମା ଗୀତାରେ କହିଛନ୍ତି ।

ଜଣେଲୋକ ଗୋଟିଏ ଯୋଗ ଆଚରଣ କରୁ ବା ଦୁଇଟି ଯୋଗ ଆଚରଣ କରୁ ତାହା ତାର ଜ୍ଞାନଯଜ୍ଞ ବୋଲି କହିପାରିବା । ସେହିଭଳି କେହି ତିନିଗୋଟି ଯୋଗ ଆଚରଣ କରୁ ବା ଗୋଟିଏ କରୁ, ତାହା କର୍ମ ନାଶନ ବିଧି ହୋଇଥିବାରୁ ଗୀତାରେ ତାହାକୁ ଜ୍ଞାନଯଜ୍ଞ ଭାବେ କୁହାଯାଇଛି । ଭଗବଦ୍ଗୀତାରେ ତିନିଧର୍ମ ହୋଇଥିବା ତିନିଗୋଟି ଯୋଗରୁ କୌଣସି ଯୋଗ ଦ୍ୱାରା କର୍ମ ବିନାଶ ହେଲେ, ତାକୁ ଯଜ୍ଞ କହି, ସ୍ୱତନ୍ତ୍ର ଭାବରେ ଜ୍ଞାନଯଜ୍ଞ କୁହାଯାଇଛି । ଅଗ୍ନି ଥିବା ସ୍ଥାନରେ କିଛି ଜଳି ଯାଉଥିବା ଭଳି କର୍ମ ଜଳିଯାଉଥିବା ବିଧି ଯେଉଁଠି ରହିଛି ସେଠାରେ ଜ୍ଞାନ ନାମକ ଅଗ୍ନିରେ, କର୍ମ ନାମକ କାଠ ଜଳିଯାଉଛି । ଜ୍ଞାନ ଅଗ୍ନି ହୋଇ, କର୍ମ କାଠ ହେବାବେଳେ ତାହାକୁ ଜ୍ଞାନଯଜ୍ଞ କହିପାରିବା । ଯୋଗ ନାମକ କୁଣ୍ଡରେ, ଜ୍ଞାନ ନାମକ ଅଗ୍ନିରେ, କର୍ମ ନାମକ ସମିଧ (ପାପ ପୁଣ୍ୟ) ଜଳି, ବିନାଶ ହେବାକୁ ପରମାତ୍ମା ଜ୍ଞାନଯଜ୍ଞ କହିଛନ୍ତି ବୋଲି ଆମକୁ ବୁଝାପଡିଛି । ଏହିବିଷୟ ଭଗବଦ୍ଗୀତାର, ଜ୍ଞାନଯୋଗରେ ଥିବା ୩୭ତମ ଶ୍ଳୋକରେ କୁହାଯାଇଛି ।

**ଶ୍ଳୋକ : ଯଥୈଧାଂସି ସମିଦ୍ଧୋଗ୍ନି ର୍ଭସ୍ମସାତ୍ କୁରୁତେର୍ଜୁନ ।**
**ଜ୍ଞାନାଗ୍ନି ସର୍ବକର୍ମାଣି ଭସ୍ମସାତ୍ କୁରୁତେ ତଥା ॥**

**ଭାବାର୍ଥ :** ଯେଉଁଭଳି ଅଗ୍ନିରେ କାଠସବୁ ଜଳିଯାଇଥାଏ,ସେହିଭଳି ଜ୍ଞାନ ନାମକ ଅଗ୍ନିରେ ସମସ୍ତ କର୍ମ ଜଳି ପାଉଁଶ ହୋଇଯାଇଥାଏ ।

ଏହି ଶ୍ଳୋକର ଭାବାର୍ଥକୁ ଦେଖିଲେ ଏହା ସମ୍ପୂର୍ଣ୍ଣ ଜ୍ଞାନଯଜ୍ଞ ସମ୍ବନ୍ଧୀୟ ବିଷୟ ବୋଲି ଜଣାଯାଉଛି । ପୁଣି ଏହି ଅଧ୍ୟାୟର ୩୩ ତମ ଶ୍ଳୋକରେ

ଦ୍ରବ୍ୟଯଜ୍ଞଠାରୁ ଜ୍ଞାନଯଜ୍ଞ ଶ୍ରେଷ୍ଠ ବୋଲି କୁହାଯାଇଛି । ଏହି ଦୁଇଟି ଯଜ୍ଞକୁ ପରମାତ୍ମା ହିଁ ନାମ ଦେଇଛନ୍ତି । ଏହି ଦୁଇଟି ଯଜ୍ଞ ଶରୀର ଭିତରେ ହେଉଛି ଏବଂ ଏହାର ଅଧିପତି ହେଉଛି ଆତ୍ମା । ଏହି ବିଷୟ ଅକ୍ଷରପରବ୍ରହ୍ମ ଯୋଗ ନାମକ ଅଧ୍ୟାୟର ୪ର୍ଥ ଶ୍ଳୋକରେ ରହିଛି ।

**ଶ୍ଳୋକ: ଅଧିଭୂତଂ କ୍ଷରୋଭାବଃ ପୁରୁଷଶ୍ଚାଧିଦୈବତମ୍ ।**
**ଅଧି ଯଜ୍ଞୋହମେ ବାତ୍ର ଦେହେ ଦେହ ଭୃତାଂବର ॥**

ଏହିଶ୍ଳୋକରେ ଶରୀରର ଅଧିପତି ଭାବରେ ଥାଇ, ଆତ୍ମା ନାମ ନେଇ ରହିଥିବା ମୁଁ ଶରୀରରେ ହେଉଥିବା ଯଜ୍ଞର ଅଧିପତି ଭାବରେ ରହିଛି ବୋଲି ପରମାତ୍ମା କହିଛନ୍ତି । ତେଣୁ ଯଜ୍ଞର ଅଧିପତି ଆତ୍ମା ଏବଂ ଯଜ୍ଞ ଶରୀରରେ ହିଁ ହେଉଛି ବୋଲି ସନ୍ଦେହହୀନ ଭାବରେ ବୁଝି ହେଉଛି । ଶରୀରରେ ହେଉଥିବା ସମସ୍ତ କାର୍ଯ୍ୟ ଜୀବ ଦ୍ୱାରା ହେଉ ନାହିଁ । ଶରୀରରେ ହେଉଥିବା ବାହ୍ୟ ଇନ୍ଦ୍ରିୟ ଗୁଡିକର କାର୍ଯ୍ୟ ହେଉ, ଅନ୍ତରେନ୍ଦ୍ରିୟ ଗୁଡିକର କାର୍ଯ୍ୟ ହେଉ ସବୁକିଛି ଶରୀରାଧିପତି ଆତ୍ମା ଦ୍ୱାରା ହୋଇଥାଏ । ମୁଖ୍ୟତଃ ମନେ ରଖିବା କଥା ହେଉଛି ଶରୀରରେ ଜୀବ କିଛି ମଧ କରୁନାହିଁ । ଦ୍ରବ୍ୟଯଜ୍ଞ ହେଉ କି ଜ୍ଞାନଯଜ୍ଞ ହେଉ ତାହା ଶରୀରରେ ହେଉଅଛି । ହେଲେ ଦ୍ରବ୍ୟଗୁଡିକୁ ଅଗ୍ନିରେ ପୋଡିଦେଉଥିବା ବାହ୍ୟଯଜ୍ଞ ଶରୀରର ବାହାରେ ହେଉଛି । ପରମାତ୍ମା କହିଥିବା ଦୁଇଟି ଯଜ୍ଞ ଭିତରୁ ଦ୍ରବ୍ୟଯଜ୍ଞ ଶରୀରର ଉଦର ଭାଗର ଜୀର୍ଣ୍ଣାଶୟରେ ଏବଂ ଜ୍ଞାନଯଜ୍ଞ ମୁଣ୍ଡରେ ଥିବା ଗୁଣ ଚକ୍ରରେ ହେଉଛି ।

ପ୍ରପଞ୍ଚରେ ଯେମିତି ବଣିଆ ପାଖରେ ଏକମାତ୍ର ଶକ୍ତିଶାଳୀ ହାର ଥିଲା ସେହିଭଳି ପ୍ରପଞ୍ଚରେ ଏକମାତ୍ର ବଳଶାଳୀ ଯଜ୍ଞ ରହିଛି, ତାହା ଜ୍ଞାନଯଜ୍ଞ । ବଣିଆ ପାଖରେ ଆଉଏକ ନକଲି ହାର ଥିବା ଭଳି, ପରମାତ୍ମା କହିଥିବା ଆଉ ଆମେମାନେ କରୁଥିବା ଆଉଏକ ଯଜ୍ଞ ରହିଛି । ଜ୍ଞାନଯଜ୍ଞର

ନକଲିଯଜ୍ଞ ଭାବରେ ସେହି ଦ୍ରବ୍ୟଯଜ୍ଞ ଅଛି ବୋଲି କହିପାରିବା । ଏହି ପ୍ରପଞ୍ଚରେ ଯଦି ସର୍ବ ମୋଟ ଦୁଇଟି ଯଜ୍ଞ ଥାଏ, ସେ ଦୁଇଟିରୁ ଗୋଟିଏ ଅସଲି ଜ୍ଞାନଯଜ୍ଞ ଏବଂ ଅନ୍ୟଟି ନକଲି ଦ୍ରବ୍ୟଯଜ୍ଞ । ଏହି ଯଜ୍ଞ ଦୁଇଟିରୁ ନକଲି ଯଜ୍ଞକୁ କରିଥାଏ ଆତ୍ମା । ଅସଲି ଯଜ୍ଞଟି ଜୀବ କରିବା ପାଇଁ ନିର୍ମିତ ହୋଇଥିଲେହେଁ ଜୀବ ତାହା କରିନଥାଏ । ଶରୀରର ମୁଣ୍ଡ ଭାଗରେ ହେଉଥିବା ଜ୍ଞାନଯଜ୍ଞ ନିକଟରେ ଆହୁତିଯୋଗ୍ୟ ସମିଧ ବହୁଳ ଭାବରେ ରହିଛି, ହେଲେ ଜ୍ଞାନଯଜ୍ଞ କରିବାକୁ ଥିବା ଋତ୍ୱିକ୍ ଜୀବ ଯଜ୍ଞ କଥା ଭୁଲି ଗଭୀର ନିଦ ଶୋଇଥିବାରୁ ଯଜ୍ଞ କୁଣ୍ଡରେ ଅଗ୍ନି ଟିକିଏ ମଧ୍ୟ ନାହିଁ । ଋତ୍ୱିକ୍ ହୋଇଥିବା ଜୀବ ଯୋଗ ଆଚରଣ କରି, ଜ୍ଞାନାଗ୍ନି ଉଦ୍ଭବ କରି, କର୍ମ ନାମକ ପ୍ରଚୁର ସମିଧ ଜଳାଇବାକୁ ଥିବାବେଳେ, ଯଜ୍ଞ କୁଣ୍ଡରେ ଅଗ୍ନି ନାହିଁ, ଋତ୍ୱିକ୍ ନିଘୋଡ ନିଦରେ ଶୋଇଛି । ପ୍ରପଞ୍ଚର ଏକୈକ ପ୍ରକୃତଯଜ୍ଞ, ଜ୍ଞାନଯଜ୍ଞ ଥିବାବେଳେ, ଋତ୍ୱିକ୍ ନଥାଇ ଯଜ୍ଞକାର୍ଯ୍ୟ ବନ୍ଦ ହୋଇ ପଡିଛି ।

ବାହ୍ୟତଃ ସମସ୍ତେ ଜାଣିବା ପାଇଁ ଦ୍ରବ୍ୟଯଜ୍ଞକୁ ପରମାତ୍ମା ତିଆରି କରିଛନ୍ତି । ତେଣୁ ଦ୍ରବ୍ୟଯଜ୍ଞକୁ ଦେଖି ଜ୍ଞାନଯଜ୍ଞ କରିବେ ବୋଲି ଭାବ ନେଇ, ଆତ୍ମା ପ୍ରତିଦିନ ଦ୍ରବ୍ୟଯଜ୍ଞ କରିଚାଲିଛି । ଶରୀରର ଜୀର୍ଣ୍ଣାଶୟରେ ଆତ୍ମା ଯଜ୍ଞର ଅଧିପତି ଭାବରେ ରହି, କରୁଥିବା ଦ୍ରବ୍ୟଯଜ୍ଞକୁ ମଣିଷ ଜାଣି ପାରୁ ନାହିଁ, ଦ୍ରବ୍ୟଯଜ୍ଞକୁ ସର୍ବସାଧାରଣ ଭାବରେ ହେଉଥିବା କାର୍ଯ୍ୟ ବୋଲି ଭାବିବସିଛି । ପ୍ରତିଦିନ ହେଉଥିବା ଦ୍ରବ୍ୟଯଜ୍ଞକୁ ନିଜେ ନ କରୁଥିଲେ ମଧ୍ୟ, ଶରୀରରେ ତାହା କରୁଛି କିଏ ବୋଲି ଟିକିଏ ବିଚାର କରୁନାହିଁ । ମଣିଷ ଜନ୍ମ ହେବାଠାରୁ, ନିଜ ଶରୀର ଉପରେ ନିଜର ଧ୍ୟାନ ନଥିବା ଶିଶୁ ଦଶାରୁ ଆରମ୍ଭ କରି ଶରୀରରେ ଜୀବାତ୍ମାର ସମ୍ପର୍କ ନଥିବା ଭଳି ଦ୍ରବ୍ୟଯଜ୍ଞକୁ ଆତ୍ମା କରିଚାଲିଛି । ଶରୀରରେ ପ୍ରକୃତ ଜ୍ଞାନଯଜ୍ଞର ନମୁନା ଭାବରେ ନକଲି ଦ୍ରବ୍ୟଯଜ୍ଞ ସବୁଦିନ ହୋଇଚାଲିଥିବା ବେଳେ, ଅତି କମ୍‌ରେ ଥରେ ମଧ୍ୟ ଜୀବ ତା ବାବଦରେ ବିଚାର କରୁନାହିଁ । ସାଧାରଣ ମଣିଷ

ବ୍ୟତୀତ ଜ୍ଞାନୀମାନେ ହୁଅନ୍ତୁ, ସ୍ୱାମୀଜୀମାନେ ହୁଅନ୍ତୁ, ପିଠାଧିପତି, ହଂସ, ପରମହଂସ ଇତ୍ୟାଦି ଲୋକମାନେ ହୁଅନ୍ତୁ ଅସଲି ଜ୍ଞାନଯଜ୍ଞର ନମୁନା ଭାବେ ଥିବା ଦ୍ରବ୍ୟଯଜ୍ଞ ବାବଦରେ ଟିକିଏ ମଧ୍ୟ ବିଚାର କରୁନାହାନ୍ତି ।

ପରମାତ୍ମା ନିଜ ଗୀତାରେ କହିଥିବା, ଶରୀରରେ କର୍ମକୁ ବିନାଶ କରି ପାରୁଥିବା ଏକୈକ ଯଜ୍ଞ ହେଉଛି ଜ୍ଞାନଯଜ୍ଞ । ତାହା ପ୍ରତ୍ୟେକ ମଣିଷଠାରେ ରହିଛି ଏବଂ ତାକୁ ବୁଝିବାପାଇଁ ପ୍ରତି ମଣିଷଠାରେ ଦ୍ରବ୍ୟଯଜ୍ଞକୁ ନମୁନା ଭାବରେ ରଖିଥିଲେ ମଧ୍ୟ, କୌଣସି ମଣିଷ ତା ବାବଦରେ ଆଲୋଚନା କରିନାହିଁ, ଦ୍ରବ୍ୟଯଜ୍ଞ କଣ ଜାଣିବାକୁ ଇଚ୍ଛାକରି ନାହିଁ । ମଣିଷ ଯେଉଁ ମତରେ (ଧର୍ମରେ) ଥାଉ ତାଠାରେ ନିତ୍ୟଭାବରେ ଦ୍ରବ୍ୟଯଜ୍ଞ ହେଉଛି । ଜ୍ଞାନଯଜ୍ଞର ନମୁନା ଭାବରେ ଥିବା ଦ୍ରବ୍ୟଯଜ୍ଞ ବାବଦରେ ସମ୍ପୂର୍ଣ୍ଣ ଜାଣିବାକୁ ଇଚ୍ଛାକଲେ, ଯଜ୍ଞ କହିଲେ ପୋଡିବା ବା ଜଳାଇଦେବା ବୋଲି ଆମେ ଆଗରୁ ଜାଣିଥିଲେ । ତେଣୁ ଦ୍ରବ୍ୟଯଜ୍ଞ କହିଲେ ଦ୍ରବ୍ୟଗୁଡିକୁ ଜାଳିଦେବା, ଏହି ଦ୍ରବ୍ୟଯଜ୍ଞ ଆମ ଶରୀରର ଜୀର୍ଣ୍ଣାଶୟରେ ହେଉଛି । ଜୀର୍ଣ୍ଣ କହିଲେ ବିନାଶ ବା ନାଶନ । ଜୀର୍ଣ୍ଣାଶୟ କହିଲେ ବିନାଶ କରିବାର ଅଭିପ୍ରାୟ । ବିନାଶ କରିବାକୁ କାର୍ଯ୍ୟ ଭାବରେ ବା ବିନାଶ କରିବାର ଅଭିପ୍ରାୟ ନେଇ ରହିଥିବା ଜୀର୍ଣ୍ଣାଶୟରେ ଖାଦ୍ୟ ଯାହା ମଧ୍ୟ ପଡୁ ତାହା ବିନାଶ ହେବ । ଏହି ଅଭିପ୍ରାୟ ନେଇ ଯାହା ରହିଛି ତାହା ହେଲା ଜଠରାଗ୍ନି । ଜଠ ହେଉଛି ପେଟ, ଜଠରାଗ୍ନି ହେଉଛି ପେଟରେ ଥିବା ଅଗ୍ନି । ଜୀର୍ଣ୍ଣାଶୟରେ ଥିବା ଅଗ୍ନି ସେଠାକୁ ଆସୁଥିବା ସବୁକିଛିକୁ ପୋଡିଦେଇଥାଏ । ଶରୀରର ଅଧିପତି ଆତ୍ମା ଦ୍ୱାରା ଝରି ଆସୁଥିବା ରସର ସମ୍ମିଶ୍ରଣ ଦ୍ରବ୍ୟଗୁଡିକୁ ପୋଡିଦେବା କ୍ଷମତା ନେଇ ରହିଛି । ତିନି ରସର ସମ୍ମିଶ୍ରଣ ଅଗ୍ନିବଳ ହୋଇ ଜୀର୍ଣ୍ଣାଶୟର ଦ୍ରବ୍ୟଗୁଡିକୁ ବିନାଶ କରୁଛି । ଆତ୍ମା ଦ୍ୱାରା ଝରି ଆସୁଥିବା ଅଗ୍ନି ଜୀର୍ଣ୍ଣାଶୟ ଭିତରକୁ ଆସୁଥିବା ଚାରି ପ୍ରକାରର ସମସ୍ତ ଆହାର ପଦାର୍ଥକୁ ଜୀର୍ଣ୍ଣ କରି ଦେଉଛି । ୧) ଶ୍ୱେତସାର ୨) ପୁଷ୍ଟିସାର ୩) ଧାତୁସାର ୪) ସ୍ନେହଁସାର

ନାମକ ଚାରି ପ୍ରକାରର ଆହାରକୁ ଜଠରାଗ୍ନି ଜଳାଇ ଦେଉଛି । ପ୍ରତିଦିନ ମଣିଷର ପେଟରେ (ଜୀର୍ଣ୍ଣାଶୟରେ) ୩/୪ଥର ଦ୍ରବ୍ୟଯଜ୍ଞ ହେଉଛି ବୋଲି କହିପାରିବା । ଏହି ବିଷୟ ଭଗବଦ୍ଗୀତାର ପୁରୁଷୋତ୍ତମ ପ୍ରାପ୍ତି ଯୋଗ ନାମକ ଅଧ୍ୟାୟର ୧୪ତମ ଶ୍ଳୋକରେ କୁହାଯାଇଛି ।

**ଶ୍ଳୋକ : ଅହଂ ବୈଶ୍ୱାନରୋ ଭୂତ୍ୱା ପ୍ରାଣିନାଂ ଦେହମାଶ୍ରିତଃ ।**
**ପ୍ରାଣାପାନଂ ସମାଯୁକ୍ତଃ ପଚାମ୍ୟନ୍ନଂ ଚତୁର୍ବିଧମ୍ ॥**

**ଭାବାର୍ଥ:** "ମୁଁ ସକଳ ଜୀବରାଶିର ଶରୀରରେ ଅଗ୍ନି ହୋଇ ସେମାନେ ଖାଉଥିବା ଚାରି ପ୍ରକାରର ଆହାରପଦାର୍ଥକୁ ଜୀର୍ଣ୍ଣ କରୁଛି" ବୋଲି ଶରୀରର ଆତ୍ମା କହୁଛି । ଆତ୍ମା ତାର ରାସାୟନିକ ଅମ୍ଳ ଦ୍ୱାରା ସବୁକିଛିକୁ (କୌଣସି ଆହାରକୁ) ଚାରି ଭାଗରେ ବିଭାଜନ କରି ପୋଡିଦେଉଛି । ପ୍ରତିଦିନ ଜୀର୍ଣ୍ଣାଶୟରେ ଘଟୁଥିବା କାର୍ଯ୍ୟ ହେଉଛି ଦ୍ରବ୍ୟଯଜ୍ଞ । ଏହାର ବିଧି ଠିକ୍ ମୁଣ୍ଡରେ ହେଉଥିବା ଜ୍ଞାନଯଜ୍ଞ ଭଳି । ହେଲେ ଏହି ଦ୍ରବ୍ୟଯଜ୍ଞର ବିଧି ଭଳି ଜ୍ଞାନଯଜ୍ଞ ହୋଇପାରୁ ନାହିଁ । ଦ୍ରବ୍ୟଯଜ୍ଞର ଏକ ନମୁନା କିପରି ଜ୍ଞାନଯଜ୍ଞ ଭଳି ହେବ ଦେଖନ୍ତୁ ।

ମୁଣ୍ଡରେ ଥିବା ଚାରିଚକ୍ର ଭିତରୁ ସଭା ତଳେଥିବା ଗୁଣଚକ୍ରରେ ଜ୍ଞାନଯଜ୍ଞ ହୋଇଥାଏ । ଗୁଣଚକ୍ରରେ ଜୀବାତ୍ମା ନିବାସ କରିଥାଏ । ଜୀବାତ୍ମା ବା ଜୀବ ଗୁଣ ସମ୍ପର୍କିତ ହୋଇ କରୁଥିବା କାର୍ଯ୍ୟରୁ ପାପ, ପୁଣ୍ୟ ନାମକ ମିଶ୍ରିତ କର୍ମ ଆସିଥାଏ । ଦୁଇ ଭାଗରେ ଥିବା କର୍ମ, ପଞ୍ଚେନ୍ଦ୍ରିୟ (୫ ଗୋଟି ଜ୍ଞାନେନ୍ଦ୍ରିୟ) ଦ୍ୱାରା ସମ୍ଭବ ହୋଇଥାଏ । ମଣିଷ କରୁଥିବା କାର୍ଯ୍ୟ ଦ୍ୱାରା ସୃଷ୍ଟି ହେଉଥିବା କର୍ମ ପାଞ୍ଚ ପ୍ରକାରର ହୋଇଥିବା ଯୋଗୁଁ, ଜ୍ଞାନଯଜ୍ଞରେ ପାଞ୍ଚଗୋଟି ଇନ୍ଦ୍ରିୟଜ୍ଞାନ ଜଳିଯାଇଥାଏ ବୋଲି କହି ପାରିବା । ୫ପ୍ରକାରର ଭୌତିକ ଜ୍ଞାନ ଜଳିଯାଉଥିବାରୁ ଏହି କାର୍ଯ୍ୟକୁ ଜ୍ଞାନଯଜ୍ଞ କହୁଛୁ । ଦ୍ରବ୍ୟ ଯଜ୍ଞରେ ଚାରି ପ୍ରକାରର ଦ୍ରବ୍ୟ ଜଳିଯାଉଥିବା ବେଳେ, ଜ୍ଞାନ ଯଜ୍ଞରେ

ପାଞ୍ଚଗୋଟି ଜ୍ଞାନ ଜଳିଯାଇଥାଏ । ଦ୍ରବ୍ୟ ଯଜ୍ଞରେ ୧) ଶ୍ୱେତସାର ୨) ପୁଷ୍ଟିସାର ୩) ଧାତୁସାର ୪) ସ୍ନେହଁସାର ଜଳିଯାଉଥିବା (ଜୀର୍ଣ୍ଣ ହେଉଥିବା) ବେଳେ, ଜ୍ଞାନ ଯଜ୍ଞରେ ୧) ଆଖିର ଦୃଷ୍ଟି ଜ୍ଞାନ ୨) କାନର ଶ୍ରବଣ ଜ୍ଞାନ ୩) ଜିଭର ରୁଚି ଜ୍ଞାନ ୪) ନାକର ବାସନା ଜ୍ଞାନ ୫) ଚର୍ମର ସ୍ପର୍ଶ ଜ୍ଞାନ ଜଳିଥାଏ । ପାଞ୍ଚ ଜ୍ଞାନେନ୍ଦ୍ରିୟର ଜ୍ଞାନ ଦ୍ୱାରା ଆସୁଥିବା ପାପପୁଣ୍ୟକୁ ଦୈବଜ୍ଞାନ ନାମକ ଅଗ୍ନିରେ ଜଳାଇଦେବାକୁ ଜ୍ଞାନଯଜ୍ଞ କହୁଛୁ । ପେଟ ଭିତରେ ହେଉଥିବା ଦ୍ରବ୍ୟଯଜ୍ଞର ଋତ୍ୱିକ୍ ଆତ୍ମା ହୋଇଥିବା ସ୍ଥଳେ ମୁଣ୍ଡରେ ହେଉଥିବା ଜ୍ଞାନଯଜ୍ଞର ଋତ୍ୱିକ୍ ହୋଇଥାଏ ଜୀବ । ହେଲେ ଯେଉଁଠାରେ ମଣିଷର ଜ୍ଞାନଯଜ୍ଞ ହେବାକଥା ସେଠାରେ ଦୈବଜ୍ଞାନ ନାମକ ଅଗ୍ନି ନାହିଁ ଅର୍ଥାତ୍ ଯଜ୍ଞକୁଣ୍ଡ ହୋଇଥିବା ଗୁଣଚକ୍ରରେ ଅଗ୍ନି ନାହିଁ । ଯେଉଁ ଜୀବ ଅଗ୍ନି ଯୋଗାଡ କରିବା ଉଚିତ୍ ସେ ଜ୍ଞାନାଗ୍ନି ବାବଦରେ ବିଲ୍‌କୁଲ୍ ଚିନ୍ତା କରୁନାହିଁ, ଟିକିଏ ଚେଷ୍ଟା ମଧ୍ୟ କରୁନାହିଁ । ଯେଉଁ ଋତ୍ୱିକ୍ ବା ଜୀବ ଜ୍ଞାନଯଜ୍ଞ କରିବା ଉଚିତ୍ ସେ କର୍ମ ନାମକ କାଠ (ସମିଧ)କୁ ଏକାଠି କରିଚାଲିଛି ସିନା, ସେସବୁକୁ ଯଜ୍ଞ କୁଣ୍ଡରେ ଆହୁତି ଦେଇ ଜ୍ଞାନାଗ୍ନିରେ ପୋଡିବାକୁ ଭାବୁ ନାହିଁ, ତେଣୁ କୌଣସି ଶରୀରରେ ଜ୍ଞାନଯଜ୍ଞ ହେଉନାହିଁ ।

ଶରୀର ବାହାର ଛଡା ଶରୀର ଭିତରକୁ ଧ୍ୟାନ ଦେଉନଥିବା ମଣିଷ ଶରୀର ଭିତରର ଯଜ୍ଞ ବାବଦରେ ଆଲୋଚନା କରୁନାହିଁ । ପ୍ରତ୍ୟେକ ମଣିଷ ଜନ୍ମଠାରୁ ଆରମ୍ଭ କରି ବାଲ୍ୟକାଳରୁ ବଞ୍ଚିବା ପାଇଁ ଦରକାର ହେଉଥିବା ପାଠ ଶିଖୁଛି । ଏହିଭଳି ଜୀବନ ଆରମ୍ଭରୁ ପାଠପଢିବା ଚାକିରି ପାଇଁ, ଜୀବନ ବଞ୍ଚିବା ପାଇଁ, ସ୍ତ୍ରୀ ପିଲା ଛୁଆଙ୍କ ପାଇଁ, ପିଲାମାନେ ତା ନାଆଁ ରଖିବା ପାଇଁ ବୋଲି ମଣିଷ ଭାବୁଛି । ଏଭଳି ଭାବିବା ଦ୍ୱାରା ସାରା ଜୀବନ କାର୍ଯ୍ୟମୟ ହୋଇଯାଉଛି । ପାଠପଢା ଶେଷ ହେଉ ହେଉ ୨୫ ବର୍ଷ ବିତି ଯାଉଛି, ପାଠପଢା ପରେ ଚାକିରି ଖୋଜାରେ କିଛି ସମୟ ବିତିଯିବା ଏବଂ ଚାକିରି ପରେ ନିଜର ସ୍ଥିତିକୁ ଉଚ୍ଚକୁ ନେବା, ନାମ

କମାଇବା, ତାପରେ ସ୍ତ୍ରୀ ପିଲାଙ୍କ ପାଇଁ ଧନ ସଞ୍ଚୟ କରିବା, ପିଲାମାନଙ୍କର ଭବିଷ୍ୟତ ଦେଖିବା, ସେମାନଙ୍କୁ ଉନ୍ନତ ସ୍ଥିତିରେ ପହଞ୍ଚାଇବାକୁ ଲାଗି-ପଡିବା, ନାତି ନାତୁଣୀଙ୍କ ସ୍ନେହଁରେ ପଡିବା ସେମାନଙ୍କର ଭଲମନ୍ଦ ଚିନ୍ତା କରିବା, ଏମିତି ସବୁବେଳେ କିଛି ଗୋଟିଏ ପାଇଁ ବିକଳ ହେଉ ହେଉ ଶେଷରେ ମରିଯିବା ସମୟ ମଧ୍ୟ ଦିନେ ଆସି ପହଞ୍ଚୁଛି । ଏହିଭଳି ସବୁ ମଣିଷ ଛୋଟବେଳୁ ଆରମ୍ଭ କରି ମରିବା ପର୍ଯ୍ୟନ୍ତ, ବିଶ୍ରାମହୀନ ଭାବରେ କୌଣସିନା କୌଣସି କାର୍ଯ୍ୟପାଇଁ ବିକଳ ହେଉହେଉ ତାର ସାରା ଜୀବନ କାଳ ଶେଷ ହୋଇଯାଉଛି । କେତେକ ବଞ୍ଚିବା ପାଇଁ ସବୁଦିନ କାର୍ଯ୍ୟ ଖୋଜି ଖୋଜି ଓଜନିଆ ଜୀବନଗାଡିକୁ ଭିଡି ଭିଡି ଚଲାଇଥାନ୍ତି । କେତେକ ଅତି ସୁଖ ପାଇଁ ଲାଗିପଡିଥାନ୍ତି । ଏଭଳି ସମସ୍ତେ ବଞ୍ଚିବା ପାଇଁ ସାରା ଜୀବନ ଭୌତିକ ବିଷୟରେ ଲଗ୍ନ ହୋଇ ରହିଥାନ୍ତି ।

ଏହିଭଳି ବିଶ୍ରାମ ନଥିବା ମଣିଷ ନିଜର ମନୋଦୃଷ୍ଟିକୁ ବାହ୍ୟ ଦୁନିଆରେ ଲଗାଇ ଦେଇଥାଏ, ସେଥିଲାଗି ଯଜ୍ଞ ବାବଦରେ, ଜ୍ଞାନ ଯଜ୍ଞ, ଦ୍ରବ୍ୟ ଯଜ୍ଞ ବାବଦରେ ଚିନ୍ତା କରିବା ସ୍ଥିତିରେ ନଥାଏ । ଦ୍ରବ୍ୟଯଜ୍ଞ, ଜ୍ଞାନଯଜ୍ଞ ବିଷୟରେ ଜାଣିନଥିବା ବେଳେ ତାପାଇଁ ସେ କାହିଁକି ବା ଚେଷ୍ଟା କରିବ ! କେହି ଯଦି ଯଜ୍ଞ ବାବଦରେ ପରମାତ୍ମା ଏଭଳି କହିଛନ୍ତି ବୋଲି କହେ, ତାର ଆଶା ପ୍ରପଞ୍ଚ ଉପରେ ଥିବା ଯୋଗୁଁ ତାହା ତା ମୁଣ୍ଡକୁ ଯାଏ ନାହିଁ । ଆଉ କେତେକ ଚତୁର ଋତ୍ୱିକ୍‌ମାନେ ମଣିଷର କାମ (ଆଶା)ଗୁଣ ମଣିଷର ପିଛା ଛାଡେନାହିଁ ବୋଲି ଜାଣି, ଯଜ୍ଞ କାମନା ପୂରଣ ପାଇଁ ସୃଷ୍ଟି ହୋଇଛି, ଆମେ କରୁଛୁ, ତୁମେମାନେ କର ବୋଲି କହିବା ଦ୍ୱାରା, ମଣିଷ ତାର କାମନା ପାଇଁ ଯଜ୍ଞ କରୁଛି । ଯଜ୍ଞ ଦ୍ୱାରା କାମନା ପୁରଣ ହେଉଛି ଜାଣି ଆର୍ଥିକ ସ୍ଥିତି ଭଲଥିବା କେତେକ ଲୋକ ଯଜ୍ଞ କରାଇବା କାର୍ଯ୍ୟରେ ଲାଗି ପଡିଥିବା ବେଳେ, କେତେକ ଯଜ୍ଞ ବାବଦରେ ପ୍ରୋତ୍ସାହନ ଦେବା କାର୍ଯ୍ୟରେ ଲାଗି ପଡିଛନ୍ତି । ଏହିଭଳି ତ୍ରେତାଯୁଗରୁ ଆରମ୍ଭ କରି କାମନା

ପୂରଣ କରୁଥିବା ବାହ୍ୟଯଜ୍ଞ କରିବା ଅଭ୍ୟାସରେ ମଣିଷ ପଡିଯାଇଛି । ସେତେବେଳେ ରାଜାମାନେ କୌଣସି ଆଶାରେ ମହର୍ଷିମାନଙ୍କୁ ଡାକି ସେମାନଙ୍କ ଦ୍ୱାରା ଯଜ୍ଞ କରାଉଥିଲେ । କେତେକ ମହର୍ଷି ରାଜାମାନଙ୍କ ପାଖକୁ ଆସି ଅମୁକ ଯଜ୍ଞ କରନ୍ତୁ, ରାଜ୍ୟର ଅମୁକ ମଙ୍ଗଳ ହେବ କହି, ରାଜା ମାନଙ୍କଠାରୁ ଧନ ଆଣି, ନିଜେ ରହୁଥିବା ସ୍ଥାନରେ ଯଜ୍ଞ କରୁଥିଲେ । ଏହିଭଳି ଆରମ୍ଭ ହୋଇଥିବା ବାହ୍ୟଯଜ୍ଞ, ଯଜ୍ଞ କରୁଥିବା ଲୋକମାନଙ୍କର ବୃତ୍ତି ଭାବେ, କରାଉଥିବା ଲୋକର ଆରାଧନା ଭାବେ ବଦଳି ଯାଇଛି ।

**ଆଶାକୁ ବିନାଶ କରାଯାଉଥିବା ଦୈବାରାଧନା ଶେଷରେ ଆଶା ବିଶିଷ୍ଟ ଆରାଧନା ହୋଇଯାଇଛି ।** ଏଇ କାର୍ଯ୍ୟ କଲେ ମୋର କଣ ଲାଭ ହେବ ବୋଲି ଚିନ୍ତା କରୁଥିବା ମଣିଷ, ଏଇ ଆରାଧନାରେ, ଏଇ ଯଜ୍ଞରେ ମୋର କଣ ଲାଭ ହେବ ପ୍ରଥମେ ଚିନ୍ତା କରୁଛି । ସେଥିଲାଗି ବଣିଆ ବିକ୍ରି କରିବାକୁ ଚହୁଁଥିବା ହାର ଶେଷରେ କେଉଁ ଗଛର ମୂଳ ହୋଇଯିବା ଭଳି, ପରମାତ୍ମା କହିଥିବା କର୍ମ ନାଶକ ଜ୍ଞାନଯଜ୍ଞ ଶେଷରେ କର୍ମ ସୃଷ୍ଟି କରୁଥିବା ଯଜ୍ଞ ଭାବରେ ବଦଳି ଯାଇଛି । କର୍ମଗୁଡିକୁ ଜ୍ଞାନଯଜ୍ଞ ବିନାଶ କରେ ବୋଲି ଜଣାଇବା ପାଇଁ, ଦ୍ରବ୍ୟଗୁଡିକୁ ବିନାଶ କରୁଥିବା ଜୀର୍ଣ୍ଣାଶୟକୁ ଶରୀରରେ ନମୁନା ଭାବରେ ରଖି, ଏହା ଦ୍ରବ୍ୟଯଜ୍ଞ, ଏହାଠାରୁ ଶ୍ରେଷ୍ଠ କର୍ମଗୁଡିକୁ ବିନାଶ କରୁଥିବା ଜ୍ଞାନଯଜ୍ଞ ମଧ୍ୟ ରହିଛି ବୋଲି ଭଗବଦ୍ଗୀତାରେ ଜଣାଇ ଦେଇଥିଲେ ମଧ୍ୟ, ଭଗବଦ୍ଗୀତା ବୋଧ କରୁଥିବା ବୋଧକମାନଙ୍କୁ ଦ୍ରବ୍ୟଯଜ୍ଞ ବାବଦରେ ହେଉ କି ଜ୍ଞାନଯଜ୍ଞ ବାବଦରେ ହେଉ କିଛି ବୁଝା ପଡି ନାହିଁ । ପରମାତ୍ମା କହିଥିବା ଯଜ୍ଞ ଦୁଇଟି ସେମାନଙ୍କୁ ଦେଖା ନଯାଇ, ତା ବଦଳରେ କର୍ମ ବନ୍ଧନ ଥିବା, କାମନା ପୂରଣ କରୁଥିବା ବାହ୍ୟଯଜ୍ଞ ଭଲ ଭାବରେ ଦେଖାଯାଇଛି । ସେମାନଙ୍କ ଦୃଷ୍ଟିକୁ ବାହ୍ୟଯଜ୍ଞ ଛଡା ଶରୀରାନ୍ତର୍ଗତ ଜ୍ଞାନଯଜ୍ଞ ଦେଖା ନଯିବା ଦ୍ୱାରା, ଦ୍ରବ୍ୟଯଜ୍ଞ ବାବଦରେ ସେମାନଙ୍କୁ ଜଣା ନାହିଁ କି ଜ୍ଞାନଯଜ୍ଞ ଜଣା ନାହିଁ ।

ବାହ୍ୟଯଜ୍ଞକୁ କୌଣସି ଏକ କାମନା ପାଇଁ କରିଥାନ୍ତି । ସମାଜ ସମ୍ବନ୍ଧୀୟ ଲାଭପାଇଁ ହେଉ, ଦେଶ ସମ୍ବନ୍ଧୀୟ ଲାଭପାଇଁ ହେଉ କିମ୍ବା ନିଜର, ନିଜ କୁଟୁମ୍ବର ଲାଭପାଇଁ ବାହ୍ୟଯଜ୍ଞ କରିଥାନ୍ତି । କୌଣସି ଏକ କାମନା ପାଇଁ ଯଜ୍ଞ ହେଉଥିବା ବେଳେ, ତାହା ପୂରଣ ହୁଏ ବୋଲି ଜାଣିଲେ । ଯଜ୍ଞ ଦ୍ୱାରା ରାମ ଜନ୍ମ ହୋଇଥିଲେ ବୋଲି ତ୍ରେତାଯୁଗରୁ ଯଜ୍ଞଦ୍ୱାରା କାମନା ସିଦ୍ଧି ହୋଇଥାଏ ବୋଲି ଶୁଣିଆସୁଛେ । ଏହି ମଧ୍ୟକାଳୀନ ସମୟରେ ବର୍ଷା ହେବା ପାଇଁ ସରକାର ବରୁଣଯଜ୍ଞ କରାଇଥିବା ବେଳେ ଅନେକ ଋତ୍ୱିକ୍ ତାହା କରିଥିଲେ । ବେଳେବେଳେ ତିରୁପତି ଦେବସ୍ଥାନରେ କୌଣସି ଏକ ନାମ ଦେଇ ଯଜ୍ଞ କରୁଥିବାର ଆମେ ଦେଖୁଛେ । ସେହିଭଳି ଅନେକ ମନ୍ଦିରରେ ନାନା ପ୍ରକାରର ଯଜ୍ଞ ହେଉଥିବା ମଧ୍ୟ ଦେଖୁଛେ । ଏମାନେ ସମସ୍ତେ କେଉଁ ଏକ ଭଲ ସଂକଳ୍ପରେ ଯଜ୍ଞ କରୁଥିବା ବେଳେ, କିଛି ସିଦ୍ଧି ଲାଭ ମଧ୍ୟ ହେଉଛି । ଲାଭ ଆଶାରେ ହେଉଥିବା ସବୁ ଯଜ୍ଞ ଫଳପ୍ରଦ ହେଉନଥିଲେ ମଧ୍ୟ, କେତେକ ଯଜ୍ଞରୁ ଫଳ ମିଳୁଛି । ହେଲେ ସମ୍ପୂର୍ଣ୍ଣ କର୍ମବିରୁଦ୍ଧ ଯଜ୍ଞର ଫଳ ମିଳୁନାହିଁ । ମୋଟାମୋଟି ଭାବରେ କହିବାକୁ ଗଲେ ଶତକଡା ନବେଭାଗ ଯଜ୍ଞରୁ ସୁଫଳ ମିଳୁଛି ବୋଲି କହି ପାରିବା । ଯଜ୍ଞ କଲେ କାମନା ସିଦ୍ଧି ହୁଏ ? ବରୁଣ ଯଜ୍ଞ କଲେ ବର୍ଷା ହୁଏ ? ବୋଲି ହେତୁବାଦୀମାନେ, ନାସ୍ତିକବାଦୀମାନେ ପ୍ରଶ୍ନ କରିପାରନ୍ତି । ନାସ୍ତିକବାଦୀ ମାନଙ୍କ ପ୍ରଶ୍ନର ସମାଧାନ ମୁଁ କହିବି ନାହିଁ, କିନ୍ତୁ ହେତୁବାଦୀ ମାନଙ୍କ ପ୍ରଶ୍ନର ସମାଧାନ ନିଶ୍ଚୟ କହିବି । ନାସ୍ତିକବାଦୀମାନେ ଶାସ୍ତ୍ରବଦ୍ଧତାକୁ ଭୁଲି ପ୍ରଶ୍ନ ପଚାରନ୍ତି ତେଣୁ ସେମାନଙ୍କ ପ୍ରଶ୍ନର ସମାଧାନ କହି ପାରିବି ନାହିଁ । ହେତୁବାଦୀମାନେ ଶାସ୍ତ୍ରବଦ୍ଧ ପ୍ରଶ୍ନ ପଚାରନ୍ତି, ଶାସ୍ତ୍ରବଦ୍ଧ ସମାଧାନକୁ ସ୍ୱୀକାର କରନ୍ତି । ତେଣୁ ସେମାନଙ୍କର କୌଣସି ପ୍ରଶ୍ନର ସମାଧାନ କରିପାରିବି ।

ଆମେ ଜ୍ଞାନଯଜ୍ଞ ହୋଇ ନଥିବା ବାହ୍ୟ ଯଜ୍ଞଗୁଡିକୁ ଅଧର୍ମ ବୋଲି କହୁଥିଲେ ମଧ୍ୟ ସେଥିରେ କଣ ହେଉଛି, ତାଦ୍ୱାରା ମଣିଷ କି ଲାଭ ପାଉଛି,

କେମିତି ପାଉଛି ତାହା ଜାଣିଛୁ ବୋଲି ତା ସମ୍ବନ୍ଧୀୟ ଉତ୍ତର ଦେଇ ପାରିବୁ । ପ୍ରତି ବାହ୍ୟଯଜ୍ଞ ପଛରେ ଦେଖାଯାଉ ନଥିବା ଭୂତ କିମ୍ବା ଗ୍ରହଶକ୍ତି ନିଶ୍ଚୟ ରହିଥାନ୍ତି । ଭୂତ, ଗ୍ରହ କହିଲେ କେଉଁ ଭୂତ, ପ୍ରେତ, ଡାଆଣି, ଚଣ୍ଡି, ଚାମଣ୍ଡାଙ୍କ କଥା ଭାବନ୍ତୁ ନାହିଁ । ଭୂତ, ଗ୍ରହମାନେ ଖଗୋଳରେ ଥିବା ଶକ୍ତି ବୋଲି ମନେରଖନ୍ତୁ । ବାହ୍ୟଯଜ୍ଞ ପଛରେ ଅଦୃଶ୍ୟ ଭୂତ କିମ୍ବା ଗ୍ରହବଳ ଥାଇପାରନ୍ତି । ସେହିମାନେ ହିଁ ଯଜ୍ଞଗୁଡିକର ଅଧିପତି ଭାବରେ ଥାଆନ୍ତି । ଯଜ୍ଞ କରୁଥିବା ଋତ୍ୱିକ୍ ସେ ଯଜ୍ଞରେ କୌଣସି ଏକ ଦେବତାକୁ ରଖି, ସେହି ଦେବତା ସମ୍ବନ୍ଧୀୟ ମନ୍ତ୍ର ପଢି, ଯଜ୍ଞରେ ଆହୁତି ଦେଉଥିବା ପ୍ରତି ବସ୍ତୁ ସେ ଦେବତା ପାଖରେ ପହଞ୍ଚୁ ବୋଲି ସମର୍ପଣ କଲେ ମଧ୍ୟ, ଋତ୍ୱିକ୍ ମାନଙ୍କ ଅଜାଣତରେ, ସେମାନଙ୍କ ଆଖିକୁ ଦେଖାନଯାଇ କିଛି ଅଲଗା ହୋଇଥାଏ, ସେମାନେ ଭାବିଥିବା ଦେବତା ସେଠାରେ ନଥାନ୍ତି । ସେଠାରେ ଖଗୋଳରୁ ଆସିଥିବା ଗ୍ରହ କିମ୍ବା ଭୂତଶକ୍ତି କେହି ଜଣେ ରହି, ସେମାନେ ଆହୁତି ଦେଉଥିବା ପ୍ରତି ବସ୍ତୁକୁ ସୂକ୍ଷ୍ମ ଭାବରେ ଗ୍ରହଣ କରନ୍ତି । ଏକ ପଟ୍ଟବସ୍ତ୍ର ଯଜ୍ଞରେ ଆହୁତି ଦେବାବେଳେ ସେହି ବସ୍ତ୍ରର ଅର୍ଥ ସୂକ୍ଷ୍ମବସ୍ତ୍ର ଭାବେ ଗ୍ରହଣ କରିଥାନ୍ତି । ଏଠାରେ ସମସ୍ତେ ଏକ ବିଷୟକୁ ଗ୍ରହଣ କରିବାକୁ ହେବ । ତାହା ହେଉଛି–

ପ୍ରପଞ୍ଚରେ ଜୀବ ଥିବା, ନଥିବା କୌଣସି ପଦାର୍ଥ ହେଉ ତାର ସ୍ଥୂଳ ସୂକ୍ଷ୍ମ ଭେଦରେ ଦୁଇଟି ରୂପ ଥାଏ । ଘିଅ ଏକ ପଦାର୍ଥ, ସେ ପଦାର୍ଥରେ ଜୀବାତ୍ମା, ଆତ୍ମା ନଥିଲେ ମଧ୍ୟ ପରମାତ୍ମା ରହିଥାନ୍ତି । ଯେଉଁଠି ଜୀବ ଅଛି ସେଠି ତିନି ଆତ୍ମା ରହିଥାନ୍ତି ବୋଲି ଆଗରୁ କହିଛୁ । ଜୀବ ନଥିବା ସ୍ଥାନରେ ପରମାତ୍ମା ଥାଆନ୍ତି । ପରମାତ୍ମା ଅଣୁ ଅଣୁରେ ବ୍ୟାପି ରହିଥାନ୍ତି, ତେଣୁ କେଉଁଠି ମଧ୍ୟ ପରମାତ୍ମା ଥାଆନ୍ତି । ସେଥିଲାଗି ସବୁକିଛିକୁ ଏକ ପଦାର୍ଥ ଭାବରେ କହୁଛେ । ପଦାର୍ଥ ଶବ୍ଦକୁ ବିଭାଜନ କରି ଦେଖିଲେ ପଦ + ଅର୍ଥ = ପଦାର୍ଥ ହୋଇଥାଏ । 'ପଦ' ଅର୍ଥାତ୍ ନାମ ବିଶିଷ୍ଟ କିଛି ମଧ୍ୟ

ହୋଇପାରେ । ଅର୍ଥ କହିଲେ ଧନ ବା ସାରାଂଶ । ତେଣୁ ଏକ ପଦାର୍ଥର ସାରାଂଶ ସେଥିରେ ଥିବା ପରମାତ୍ମା ବୋଲି ଜାଣିବା ଉଚିତ୍ । ଆଖିକୁ ଦେଖାଯାଉଥିବା ଜୀବହୀନ ପଦାର୍ଥର ମଧ୍ୟ ସ୍ଥୁଳ, ସୂକ୍ଷ୍ମ ହୋଇ ଦୁଇଟି ରୂପ ରହିଛି । ଏବେ ଏକ ବାହ୍ୟଯଜ୍ଞରେ ଦ୍ରବପଦାର୍ଥ ହୋଇଥିବା ଘିଅ ଯଜ୍ଞକୁଣ୍ଡରେ ଆହୁତି ଦେବାବେଳେ, ସ୍ଥୁଳ ଭାବରେ ଦେଖାଯାଉଥିବା ଘିଅ ଜଳିଗଲେ ମଧ୍ୟ, ତାର ସୂକ୍ଷ୍ମରୂପ ରହିଛି । ଘିଅ ଜଳିଯିବା ବେଳେ ତାର ସୂକ୍ଷ୍ମରୂପ ବାୟୁ ଭାବରେ ବଦଳି ସୂକ୍ଷ୍ମ ରୂପରେ ସେ ଯଜ୍ଞର ଅଧିପତି ହୋଇଥିବା ଶକ୍ତି ପାଖରେ ପହଞ୍ଚୁଛି । ସେହିଭଳି ଯଜ୍ଞରେ ପୋଡିଯାଉଥିବା ପ୍ରତି ବସ୍ତୁ ସେଠାରେ ଥିବା ଅଧିପତି ଗ୍ରହଣ କରୁଛି । ଯଜ୍ଞରେ ଯେତେ ଭଲ ବସ୍ତୁ ଆହୁତି ଦିଆଯିବ ସେତେ ଭଲଫଳ ମିଳିବ, ଯଜ୍ଞରେ ଯେଉଁ ଦେବତାର ମନ୍ତ୍ର ଉଚ୍ଚାରଣ ହୁଏ ଆହୁତି ଦିଆଯାଉଥିବା ବସ୍ତୁଗୁଡିକ ସେହି ଦେବତା ଗ୍ରହଣକରେ ବୋଲି ଯଜ୍ଞ କରୁଥିବା ଲୋକମାନେ ଭାବିନ୍ତି । ଋତ୍ୱିକ୍‌ମାନେ ଭଲ ବର୍ଷା ହେବାପାଇଁ ଯଜ୍ଞ କରୁଥିବା ବେଳେ, ବରୁଣ ଦେବତାର ଆବାହାନ ମନ୍ତ୍ର ପଢି, ଆହୁତି ଦେଉଥିବା ବସ୍ତୁଗୁଡିକ ବରୁଣ ଦେବତା ସ୍ୱୀକାର କରି, ବର୍ଷା କରିଥାନ୍ତି ବୋଲି ଭାବିଲେ ମଧ୍ୟ ଯଜ୍ଞର ସମିଧ ଭାବରେ ଆହୁତି ଦିଆଯାଉଥିବା ବସ୍ତୁଗୁଡିକୁ ସ୍ୱୀକାର କରିବାକୁ ସେଠାରେ ବରୁଣଦେବ ନଥାନ୍ତି, ସେହି ଯଜ୍ଞର ଅଧିପତି ଭାବରେ ଥିବା ଗ୍ରହଶକ୍ତି ଯଜ୍ଞରେ ପୋଡୁଥିବା ବସ୍ତୁ ଗୁଡିକର ସୂକ୍ଷ୍ମ ରୂପକୁ ଗ୍ରହଣ କରିଥାଏ । ଏଭଳି ଗ୍ରହଣ କରୁଥିବା ଗ୍ରହ ହିଁ ପରମାତ୍ମାଙ୍କ ଆଜ୍ଞା ଅନୁସାରେ, ଯଜ୍ଞ କରିଥିବା ଲୋକର କାମନା ଅନୁସାରେ ବର୍ଷା କରାଇ ପାରନ୍ତି ବା ନକରାଇ ପାରନ୍ତି । ଏହି ନିୟମ ସବୁ ପ୍ରକାରର ବାହ୍ୟଯଜ୍ଞରେ କାର୍ଯ୍ୟକାରୀ ହୋଇଥାଏ ।

ମଣିଷ ଇଚ୍ଛା କରୁଥିବା ପ୍ରତି ବିଷୟ ପରମାତ୍ମାଙ୍କର ଆମୋଦଯୋଗ୍ୟ ନୁହେଁ । ମଣିଷ ମଧ୍ୟ ସ୍ୱୀକାର କରୁନଥିବା କେତେକ କାମନା ଅନେକ ଲୋକ କରିଥାନ୍ତି । ଅନ୍ୟର ଧନକୁ ଅନ୍ୟାୟ ଭାବରେ ହାସଲ କରିବା,

କାହାର ସ୍ତ୍ରୀ ତାର ସ୍ୱାମୀକୁ ଛାଡି ମୋ ପାଖକୁ ଚଲିଆସୁ ଭଳି ଅନେକ କାମନା ପରମାତ୍ମାଙ୍କର ଆମୋଦ ଯୋଗ୍ୟ ନୁହେଁ । ଏଭଳି କାମନାଗୁଡିକୁ ଗ୍ରହଶକ୍ତି ପୂରଣ କରିନଥାନ୍ତି । ଏହା ବ୍ୟତୀତ ଗ୍ରହମାନଙ୍କର ଆମୋଦଯୋଗ୍ୟ ହୋଇନଥିବା କାମନାଗୁଡିକ ଫଳପ୍ରଦ ହୋଇନଥାଏ । କେତେକ କର୍ମ ବିରୁଦ୍ଧ କାମନାରେ ଗ୍ରହମାନେ କ୍ରୋଧିତ ହୋଇ ଯଜ୍ଞ କରୁଥିବା ଋତ୍ୱିକର ଅମଙ୍ଗଳ କରିଥାନ୍ତି ।  କରାଉଥିବା ଲୋକର ମଧ୍ୟ କ୍ଷତି ଘଟାଇଥାନ୍ତି । ଋତ୍ୱିକ୍ ବ୍ରାହ୍ମଣମାନେ ଭାବିବା ଭଳି ଯଜ୍ଞର ଅଧିପତି କୌଣସି ଦେବତା ସେଠାରେ ନଥାନ୍ତି । ତେଣୁ ଯଜ୍ଞ ସହିତ ଦେବତା ମାନଙ୍କର କୌଣସି ସମ୍ପର୍କ ନଥାଏ । ବାହ୍ୟ ଯଜ୍ଞଗୁଡିକୁ ଅନେକ ନାମରେ, ଅନେକ ଆଶାରେ କରିବା ଦ୍ୱାରା ଯଜ୍ଞର ଅଧିପତି କରୁଥିବା ଲୋକର ଉଦ୍ଦେଶ୍ୟ ଅନୁସାରେ ଭଲ କିମ୍ବା ମନ୍ଦ ଫଳ ଦେଇଥାନ୍ତି ।

ଦେବତା ମାନଙ୍କର ଆରାଧନା ପାଇଁ କରାଯାଉଥିବା କୌଣସି କାର୍ଯ୍ୟ ଗ୍ରହମାନେ ସମର୍ଥନ  କରିନଥାନ୍ତି । ଦୈବଙ୍କୁ (ଈଶ୍ୱରଙ୍କୁ) ଛାଡି ଦେବତା ମାନଙ୍କୁ ଆରାଧନା କରିବା ଗ୍ରହମାନଙ୍କର ସ୍ୱୀକାର୍ଯ୍ୟ କାର୍ଯ୍ୟ ନୁହେଁ । ଗ୍ରହମାନେ, ଭୂତମାନେ ସମ୍ପୂର୍ଣ୍ଣ ଦୈବଜ୍ଞାନ ଜାଣିଥାନ୍ତି । ଗ୍ରହ ଏବଂ ଭୂତମାନେ ଦୈବି ପରିପାଳକ ବର୍ଗର । ତେଣୁ ସେମାନେ ମଣିଷ ପୂଜା କରୁଥିବା  ଦେବତା  ମାନଙ୍କଠାରୁ ଉନ୍ନତ । କେତେକ ଆରାଧନା ଦେବତା ସମ୍ବନ୍ଧୀୟ, କେତେକ ଦେବତାମାନଙ୍କ ସମ୍ବନ୍ଧହୀନ ହେଲେ ମଧ୍ୟ ଗ୍ରହ କିମ୍ବା ଭୂତମାନେ ଫଳ ଦେଇଥାନ୍ତି, କିନ୍ତୁ କେତେକ ଅତି ବ୍ୟତିରେକ ଯଜ୍ଞଗୁଡିକରେ ସେମାନେ ତୀବ୍ର ନଷ୍ଟ, କଷ୍ଟ ଦାୟକ ହୋଇଥାନ୍ତି । ଏହି ଅନୁସାରେ ବାହ୍ୟ ଯଜ୍ଞଗୁଡିକ ଦ୍ୱାରା, ଆରାଧନା ଦ୍ୱାରା ଖାଲି ଲାଭ ନୁହେଁ ନଷ୍ଟ ମଧ୍ୟ ହେଉଥିବା ଜଣାଯାଉଛି । ତ୍ରେତୟା ଯୁଗରେ ବ୍ରହ୍ମଜ୍ଞାନୀ ରାବଣ ଥିବା କାଳରେ କେତେକ ଜ୍ଞାନୀ ବୋଲାଉଥିବା ଲୋକମାନେ, ଭକ୍ତ ବୋଲାଉଥିବା ଲୋକମାନେ ସେମାନଙ୍କ କାମନା ସିଦ୍ଧି ପାଇଁ ଯଜ୍ଞ କରିବା

ବେଳେ, ବ୍ରହ୍ମଜ୍ଞାନୀ ରାବଣଙ୍କ ଅନୁଚରମାନେ ଆସି ତାହା ଭଗ୍ନ କରୁଥିଲେ । ସେହି ଯଜ୍ଞର ଅଧିପତି ଭାବରେ ଥିବା ଗ୍ରହଶକ୍ତି ସେମାନଙ୍କୁ ବାରଣ ନକରି ଉତ୍ସାହିତ କରିଥିଲେ । ସେ କାଳରେ ତ୍ରିକାଳଜ୍ଞାନୀ ରାବଣ ଯଜ୍ଞକରିବା ଅଧର୍ମ ବୋଲି, ନିଜ ଦେଶ ବ୍ୟତୀତ ପାଖ ଦେଶରେ ମଧ୍ୟ ପ୍ରଚାର କରିଥିଲେ । ତାଙ୍କ ପ୍ରଚାରର ପ୍ରତିବନ୍ଧକ ସାଜିଥିବା ଲୋକମାନଙ୍କୁ ଦଣ୍ଡ ମଧ୍ୟ ଦେଇଥିଲେ । ସେ କାଳର ଖଗୋଳର ଗ୍ରହଶକ୍ତିମାନେ ରାବଣଙ୍କର ସପକ୍ଷରେ ଥିଲେ । ସେତେବେଳେ ଦକ୍ଷିଣ ଭାରତରେ ରାବଣଙ୍କର ପ୍ରବଳ ପ୍ରଭାବ ରହିଥିଲା ତେଣୁ ସେ ଯଜ୍ଞ ଭଗ୍ନ କରିବା, ଯଜ୍ଞକୁ ଅଧର୍ମ ବୋଲି ପ୍ରଚାର କରିବା ଉତ୍ତର ଭାରତର ଲୋକମାନଙ୍କୁ ପସନ୍ଦ ହେଉନଥିଲା ।

ଉତ୍ତର ଭାରତରେ ଆର୍ଯ୍ୟମାନଙ୍କର ପ୍ରାଧାନ୍ୟ ଥିଲା, ସେମାନେ ରାଜାମାନଙ୍କ ସମେତ ସମସ୍ତଙ୍କୁ ଏପରି ବଶୀଭୂତ କରିଥିଲେ ଯେ, ସେମାନେ ଯାହା ମଧ୍ୟ କରନ୍ତୁ ତାହା ଠିକ୍ ବୋଲି ସମସ୍ତେ ଗ୍ରହଣ କରୁଥିଲେ । ଧର୍ମକାର୍ଯ୍ୟ ଭାବରେ ବାହ୍ୟ ଯଜ୍ଞଗୁଡିକର ବିରୋଧ କରୁଥିବା ରାବଣ ଆର୍ଯ୍ୟମାନଙ୍କର ଗର୍ଭଶତ୍ରୁ ହୋଇଯାଇଥିଲେ । ସେତେବେଳେ ଲଙ୍କା ମଧ୍ୟ ଭାରତର ଭୂଭାଗ ହୋଇଥିବାରୁ, ଲଙ୍କା ରାଜ୍ୟ ଦକ୍ଷିଣ ଭାରତ ପର୍ଯ୍ୟନ୍ତ ବ୍ୟାପି ରହିଥିଲା । ତେଣୁ ଉତ୍ତର ଭାରତର ଆର୍ଯ୍ୟମାନେ ଦକ୍ଷିଣ ଭାରତକୁ ଦ୍ରାବିଡମାନଙ୍କ ଦେଶ ବୋଲି କହୁଥିଲେ । ଦ୍ରାବିଡ ଦେଶ ଅଜ୍ଞାନଦେଶ ବୋଲି ଆର୍ଯ୍ୟମାନେ କହୁଥିବା ବେଳେ, ଦ୍ରାବିଡମାନେ ଆର୍ଯ୍ୟମାନଙ୍କୁ ଅଜ୍ଞାନୀ ବୋଲି କହୁଥିଲେ । ତ୍ରିକାଳଦର୍ଶୀ, ବ୍ରହ୍ମଜ୍ଞାନୀ ରାବଣଙ୍କ କାଳ ଶେଷ ହୋଇଯିବା ପରେ ଲଙ୍କାର (ଶ୍ରୀଲଙ୍କାର) ଭୂଭାଗ ତୀବ୍ର ତୋଫାନ ଯୋଗୁଁ ଜଳମୟ ହୋଇ ଭାରତ ଠାରୁ ଅଲଗା ହୋଇଯିବା ପରେ, ଦକ୍ଷିଣ ଭାରତକୁ ଆର୍ଯ୍ୟମାନେ ଆସି ନିଜର ପ୍ରାବଲ୍ୟତା ବିସ୍ତାର କରିବାକୁ ଭାବିଲେ । ସେତେବେଳେ ଦକ୍ଷିଣ ଭାରତର ବ୍ରାହ୍ମଣମାନେ ବ୍ରହ୍ମଜ୍ଞାନରେ ପ୍ରାବୀଣ୍ୟତା ଅର୍ଜନ କରିଥିଲେ । ଦକ୍ଷିଣ ଭାରତର ବ୍ରାହ୍ମଣମାନେ କହିଲେ

ହୋଇଯାଉଥିବା ଭଳି ବାକ୍‌ଶୁଦ୍ଧି ବିଶିଷ୍ଟ, ଜ୍ଞାନବଳ ବିଶିଷ୍ଟ ହୋଇ ରହିଥିଲେ । ଲଙ୍କପତି, ବ୍ରହ୍ମଜ୍ଞାନୀ, ତ୍ରିକାଳଦର୍ଶୀ ରାବଣ ବ୍ରାହ୍ମଣ ହୋଇଥିବା ଯୋଗୁଁ ତାଙ୍କର ବଂଶଧରମାନେ, ବନ୍ଧୁବାନ୍ଧବ ବ୍ରାହ୍ମଣମାନେ ମହାଶକ୍ତିବନ୍ତ ହୋଇ ରହିଥିବା ବେଳେ, ଉତ୍ତର ଭାରତର ବ୍ରାହ୍ମଣମାନେ ଶକ୍ତିହୀନ ଏବଂ ନାମମାତ୍ର ବ୍ରାହ୍ମଣ ହୋଇ ରହିଥିଲେ, ସେମାନଙ୍କର ବ୍ରାହ୍ମଣ ବୋଲି ନାମ ହିଁ ନଥିଲା, ସେମାନେ କେବଳ ଆର୍ଯ୍ୟ ଭାବରେ କୁହାଯାଉଥିଲେ । ତ୍ରେତାଯୁଗ ପରେ ଦ୍ୱାପର ଯୁଗର ଆରମ୍ଭରେ ଦକ୍ଷିଣ ଦେଶକୁ ଆସିବାକୁ ଋହୁଁଥିବା ଆର୍ଯ୍ୟମାନେ ଜଣ ଜଣ ହୋଇ ଆସିଥିଲେ । ଏଭଳି ଆସିଥିବା ଆର୍ଯ୍ୟମାନେ ଏଠିକାର ବ୍ରାହ୍ମଣମାନଙ୍କ ସହିତ ବନ୍ଧୁତା ସ୍ଥାପନ କଲେ । ଦ୍ୱାପର ଯୁଗର ଆରମ୍ଭରେ ଆର୍ଯ୍ୟମାନେ ଦକ୍ଷିଣକୁ ଆସିବା ପରେ ପ୍ରାୟ ଆଠଲକ୍ଷ ବର୍ଷ ପରେ, ମାୟା ପ୍ରଭାବ ଦ୍ୱାରା ଦକ୍ଷିଣରେ ଆର୍ଯ୍ୟମାନଙ୍କ ପ୍ରଭାବ ବଢ଼ିଯାଇ, ଦ୍ରାବିଡମାନେ ମଧ୍ୟ ଅଧର୍ମ ଆଚରଣରେ ବୁଡି ରହି, ବାହ୍ୟଯଜ୍ଞ କରିବା ଅଭ୍ୟାସରେ ପଡିଗଲେ । ଦକ୍ଷିଣର ବ୍ରାହ୍ମଣମାନେ ଆର୍ଯ୍ୟ ବ୍ରାହ୍ମଣମାନଙ୍କ କଥା ଶୁଣି, ନିଜ ବଂଶର ରାବଣଙ୍କୁ ମଧ୍ୟ ରାକ୍ଷସ କହିବାକୁ ଲାଗିଲେ । ଦ୍ୱାପରଯୁଗ ଆଉ ପ୍ରାୟ ସତୁରୀହଜାର ବର୍ଷ ବାକି ଥାଉ ଥାଉ, ଆର୍ଯ୍ୟମାନେ ନିଜର ବଳକୁ ଦକ୍ଷିଣ ଦେଶରେ ବଢାଇବା ପାଇଁ ରାବଣଙ୍କ ଶତ୍ରୁ ରାମଙ୍କ ମନ୍ଦିରମାନ ତିଆରି କରିଥିଲେ । କେବଳ ପ୍ରାନ୍ତିୟ ଦ୍ୱେଷ ନେଇ ରାବଣ ବ୍ରହ୍ମଜ୍ଞାନୀ, ତ୍ରିକାଳ ଦର୍ଶୀ, ଦଶକଣ୍ଠି ମହାମାନୀ ବ୍ରାହ୍ମଣ ହେଲେ ମଧ୍ୟ, କ୍ଷତ୍ରିୟ ରାମକୁ ମହାନ କରି ରାବଣକୁ ରାକ୍ଷସ ଭାବରେ ସଜାଇ ଦେଇଥିଲେ । ସବୁ ଗ୍ରାମରେ ରାମ ମନ୍ଦିର କରିବା ପାଇଁ ଲୋକମାନଙ୍କୁ ବୋଧ କରିଥିଲେ । ଏହିଭଳି ଦ୍ୱାପର ଯୁଗରେ ପ୍ରାୟ ଦକ୍ଷିଣର ସବୁ ଗାଆଁରେ ରାମମନ୍ଦିର ତିଆରି ହୋଇଥିଲା । ଯେଉଁଠାରେ ରାମମନ୍ଦିର ହେଉଥିଲା ସେଠାରେ ରାମପ୍ରତିମା ସ୍ଥାପନହେବା ସମୟରେ ଯଜ୍ଞ କରିବା ବିଧି ଲଗାଇ ଦେଇଥିଲେ । ରାମ ଯଜ୍ଞରକ୍ଷକ ହୋଇଥିବାରୁ ରାମ ମନ୍ଦିରରେ ନିହାତି ଯଜ୍ଞ ହେବା ନିୟମ ନିର୍ଣ୍ଣୟ କରିଥିଲେ ।

ଆର୍ଯ୍ୟ ବ୍ରାହ୍ମଣମାନେ ଦ୍ରାବିଡ ବ୍ରାହ୍ମଣମାନଙ୍କୁ ସମ୍ପୂର୍ଣ୍ଣ ବଦଳାଇଦେବା ଦ୍ୱାରା, ଦ୍ୱାପର ଯୁଗର ଶେଷ ବେଳକୁ ଅଧର୍ମ ଯଜ୍ଞର ପ୍ରଭାବ ବଢିଯାଇଥିଲା, ବ୍ରହ୍ମଜ୍ଞାନ ଲୁଚିଯାଇ ଧର୍ମର ବିନାଶ ହୋଇଯିବା ସ୍ଥିତି ଉପୁଜିଥିଲା । ଧର୍ମର ଗ୍ଲାନି ହୋଇ ଅଧର୍ମ ବଢିଯାଇଛି ବୋଲି ଗ୍ରହଣ କରିଥିବା ପରମାତ୍ମାଙ୍କର ଏଠାରେ ଧର୍ମ ସ୍ଥାପନ କରିବା ସମୟ ଆସିଗଲା । ସେତେବେଳେ ଶ୍ରୀକୃଷ୍ଣ ଅବତାର ଭାବରେ ପରମାତ୍ମା ଭଗବାନ ହୋଇ ଭୂପୃଷ୍ଠକୁ ଆସିଥିଲେ । ଅଧର୍ମର ଜନ୍ମଭୂମି ଉତ୍ତର ଭାରତରେ ଭଗବାନ ଜନ୍ମ ହୋଇଥିଲେ । ଅଧର୍ମର ବନ୍ଧୁ ଆର୍ଯ୍ୟମାନେ ଜାଣିପାରିବା ଭଳି ସେହିଠାରେ ସମୟ ସନ୍ଦର୍ଭ ନେଇ ଭଗବଦ୍ଗୀତା ରୂପରେ ଧର୍ମବୋଧ କରିଥିଲେ । ତାପରେ ବେଦ ବ୍ୟାସଙ୍କ ଦ୍ୱାରା ଭଗବଦ୍ଗୀତା ସଂସ୍କୃତ ଭାଷାରେ ବାହାରକୁ ଆସିଥିଲା । ସେତେବେଳେ ଆର୍ଯ୍ୟମାନଙ୍କର ଭାଷା ଥିଲା ସଂସ୍କୃତ, ତାହା ଥିଲା ଲିପି ହୀନ । କାହାକୁ ବୁଝା ନପଡିବା ଭଳି ଆର୍ଯ୍ୟମାନେ ସେମାନଙ୍କ ସଂସ୍କୃତ ଭାଷାରେ କଥା ହେଉଥିଲେ, ସେମାନଙ୍କ ଭାଷାକୁ ମହାନ କରି ସେମାନେ ସଂସ୍କୃତକୁ ଦେବଭାଷା କହୁଥିଲେ, ଏସବୁ ସେମାନଙ୍କ ଚତୁରତା ଥିଲା । ବେଦବ୍ୟାସ ମଧ୍ୟ ଜଣେ ଆର୍ଯ୍ୟ ଥିବାରୁ ହିନ୍ଦୀ ଲିପିକୁ ଉପଯୋଗ କରି ସଂସ୍କୃତ ଭାଷାରେ ସେ ଭଗବଦ୍ଗୀତା ଲେଖିଥିଲେ । ସଂସ୍କୃତ ଆର୍ଯ୍ୟମାନଙ୍କ ଛଡା କାହାକୁ ଜଣାନଥିଲା, ତେଣୁ ଗୀତା ବିବରଣ ବୁଝିବା ପାଇଁ କେବଳ ସଂସ୍କୃତ ଭାଷା ଜାଣିଥିବା ଲୋକମାନଙ୍କ ଉପରେ କେହି ନିର୍ଭର କରୁ ବୋଲି ସେମାନଙ୍କର ଉଦ୍ଦେଶ୍ୟ ଥିଲା । କାହାକୁ ଯେମିତି ବୁଝା ନପଡୁ ଆର୍ଯ୍ୟମାନେ ଯାହା ଲେଖୁଥିଲେ ତାହା ସଂସ୍କୃତ ଭାଷାରେ ହିଁ ଲେଖୁଥିଲେ । ଏଭଳି ଲେଖିବା ଦ୍ୱାରା କିଛି ବୁଝିବାକୁ ହେଲେ କେହି ସେମାନଙ୍କ ପାଖକୁ ଯିବାକୁ ହେବ, ହିନ୍ଦୀ ଭାଷାରେ ପାଣ୍ଡିତ୍ୟ ଅର୍ଜନ କରି ସେମାନେ ସଂସ୍କୃତ ଭାଷାରେ ଲେଖି, ତାହା ଦେବଭାଷା କହିବା କଥାକୁ ଦେଖିଲେ, ସେମାନେ କେତେ ଚତୁର ଥିଲେ ତାହା ଜଣା ପଡୁଛି ।

ଆର୍ଯ୍ୟମାନେ ଅତି ଚତୁର ହୋଥିବାରୁ ଦ୍ରାବିଡ ଦେଶକୁ ଆସି ଦ୍ରାବିଡ ବ୍ରାହ୍ମଣମାନଙ୍କୁ ଅତି ସହଜରେ ବଦଳାଇ ପାରିଥିଲେ । ନିଜେ ଦ୍ରାବିଡ ବୋଲି ଦ୍ରାବିଡମାନେ ନିଜକୁ ଜାଣିନପାରିବା ଭଳି କରି, ଦ୍ରାବିଡ ବଂଶର ହୋଇଥିବା ରାବଣଙ୍କୁ ଦ୍ରାବିଡମାନେ ଘୃଣା କରିବା ଭଳି କରି ଦେଇଥିଲେ । ରାବଣ ଖଣ୍ଡନ କରୁଥିବା ବାହ୍ୟ ଯଜ୍ଞଗୁଡିକୁ ଦ୍ରାବିଡ ମାନଙ୍କ ଦ୍ୱାରା କରାଇଥିଲେ, କରୁଥିଲେ । ଆର୍ଯ୍ୟସମାଜ ନାମରେ ଯଜ୍ଞ କରିବା ନିୟମ ନିର୍ଦ୍ଧାରଣ କରିଥିଲେ । ଆଜି ଦକ୍ଷିଣ ଭାରତର ବ୍ରାହ୍ମଣମାନଙ୍କ ବ୍ୟତୀତ ଅନ୍ୟ କୁଳର ଲୋକମାନେ ମଧ୍ୟ ଆମେ ଆର୍ଯ୍ୟ ବୋଲି କହିବା ବଡ ବିଚିତ୍ର ବୋଧ ହେଉଛି । ଭାରତର ସାରା ସଂସ୍କୃତି ଆର୍ଯ୍ୟମାନଙ୍କ ହାତଲେଖା ସଂସ୍କୃତ ଭାଷାରେ ଛନ୍ଦି ହୋଇଗଲା । ଶେଷରେ ଭଗବଦ୍ଗୀତା ମଧ୍ୟ ସଂସ୍କୃତ ଭାଷାରେ ଛନ୍ଦି ହୋଇଗଲା । ଆଜି ଯାହାକୁ ସଂସ୍କୃତ ଜଣା ଅଛି ସେ ସ୍ୱାମୀଜୀ, ଗୁରୁ । ଭାବକୁ ଜଣାଇଥାଏ ଭାଷା । ଏପଟେ ଦେଶ ଭାଷାରେ ଉନ୍ନତ, ଲିପିଯୁକ୍ତ, ବଡ ତେଲୁଗୁ ଭାଷା ଥାଉ ଥାଉ, ଲିପିହୀନ ସଂସ୍କୃତ ଭାଷାକୁ ମହାନ କହିବା କଣ ଦରକାର ଥିଲା ବୋଲି ମୁଁ ପଚାରୁଛି । ମୋ କଥା କେତେଜଣଙ୍କୁ କଷ୍ଟ ଲାଗୁଥିବ । ହେଲେ ଆପଣ ନିଜ ଛାତିରେ ହାତରଖି ବିଚାର କରନ୍ତୁ ତାହା ସତ କି ମିଛ ନିଶ୍ଚୟ ଜାଣି ପାରିବେ । ଘୃଣା ନକରି ଆଲୋଚନା କରନ୍ତୁ ।

ମହା ଜ୍ଞାନୀ, ମହା ମାନୀ, ତ୍ରିକାଳଦର୍ଶୀ, ବ୍ରହ୍ମଜ୍ଞାନୀ, ତ୍ରିପୁର ବିଜୟୀ, ଦଶକଣ୍ଠ ନାମରେ ଅନେକ ଉପାଧି ଭୂଷିତ ମହାନ ଦ୍ରାବିଡ ବିଷର୍ବା କୁମାରଙ୍କୁ ବ୍ରାହ୍ମଣ ବୋଲି ଚିହ୍ନି ନ ପାରିବା ଆମର ଦୁର୍ଭାଗ୍ୟ ବୋଲି କେହି ଜାଣନ୍ତି ନାହିଁ । ମୁଖ୍ୟତଃ ସେ ତ୍ରିକାଳଜ୍ଞାନୀ, ବ୍ରହ୍ମଜ୍ଞାନୀ ବୋଲି କେହି ଜାଣିପାରି ନାହାନ୍ତି । ସମସ୍ତେ ଜାଣନ୍ତି ଯେ, ରାବଣ ହେଉଛି ରାକ୍ଷସ, ସୀତାଙ୍କୁ ଚୋରାଇ ନେଇଥିବା କାମାନ୍ଧ, ହେଲେ ଦଶମାସ କାଳ ଲଙ୍କାରେ ରାବଣଙ୍କ ପାଖରେ ରହି ଆସିଥିବା ସୀତା, ରାମାୟଣରେ କେଉଁଠି ମଧ୍ୟ କହି ନାହାନ୍ତି ଯେ, ରାବଣ ହେଉଛି ଦୁଷ୍ଟ, କାମାନ୍ଧ । ଦଶମାସ କାଳ

ସୀତାଙ୍କୁ ନିଜ ଝିଅ ଭଳି ଦେଖିଥିବା ରାବଣ, ଆର୍ଯ୍ୟମାନଙ୍କ ଲେଖାରେ ରାକ୍ଷସ ପାଲଟି ଯାଇଛନ୍ତି । କେବଳ ଏକ ବାହ୍ୟଯଜ୍ଞକୁ ଖଣ୍ଡନ କରୁଥିବା ରାବଣଙ୍କୁ ଆର୍ଯ୍ୟମାନେ ଦୁରାଚାରୀ ଭାବରେ ବର୍ଣ୍ଣନା କରିଦେଇଛନ୍ତି । ଦ୍ୱାପର ଯୁଗର ଶେଷରେ ଧର୍ମର ଗ୍ଲାନି ହୋଇଛି ବୋଲି ଜାଣିବା ପରେ ଶ୍ରୀକୃଷ୍ଣ ଜନ୍ମ ହୋଇ ଭଗବଦ୍ଗୀତା କହିଥିଲେ ମଧ୍ୟ, ତାକୁ କେହି ନବୁଝିବା ଭଳି କରିଦେଇଛନ୍ତି । ପରମାତ୍ମା ଗୀତାରେ ଧର୍ମଗୁଡିକ କହିଥିବା ବେଳେ, ସେଥିରେ ଧର୍ମ ଅଛି କି ଅଧର୍ମ ଅଛି ତାହା ବୁଝା ନପଡିବା ଭଳି କରି ଦେଇଛନ୍ତି । ପରମାତ୍ମା କହିଥିବା ଭାବର ବ୍ୟତିରେକ ଭାବ ଥିବା ସଂସ୍କୃତ ଶ୍ଳୋକକୁ ଭଗବଦ୍ଗୀତାରେ ଲେଖିଛନ୍ତି । ଦୈବଜ୍ଞାନକୁ ବୁଝାନପଡିବା ଭଳି କରି, ଆମେ ଶୁଭ୍ର, ଆଉ ସମସ୍ତେ ଶୂଦ୍ର ବୋଲି କହିବା, ପ୍ରସାଦ ମଧ୍ୟ ଦେବାବେଳେ ଦୂରରୁ ହାତ ଟେକି ଦେବା ଦ୍ୱାରା, ଆଜି ପର୍ଯ୍ୟନ୍ତ ଧୈର୍ଯ୍ୟର ସହିତ ଥିବା ଶୂଦ୍ରମାନେ କୌଣସି ଭେଦଭାବ ନଥିବା, ଛୁଆଁ ଅଛୁଆଁର ପ୍ରଶୟ ନଥିବା ଖ୍ରୀଷ୍ଟମତରେ ପ୍ରବେଶ କରୁଛନ୍ତି, ତଦ୍ଦ୍ୱାରା ଆଜି ହିନ୍ଦୁମତ କ୍ଷୀଣ ହୋଇଯାଉଛି । ଚତୁର ଆର୍ଯ୍ୟମାନେ ହିନ୍ଦୁମତ କ୍ଷୀଣ ହୋଇଯାଉଛି ତେଣୁ ମଣିଷ ବଳ ନଥିବା ମତ ଉପରେ ନିଜର ବଳ ରହିପାରିବ ନାହିଁ ବୋଲି ଭାବି ଅତି ଚତୁରତାର ସହିତ ପଛରେ ରହି, ଶୂଦ୍ରମାନଙ୍କ ଦ୍ୱାରା ହିନ୍ଦୁ ମତ ରକ୍ଷଣ ସଂସ୍ଥାମାନ ସ୍ଥାପନ କରି, ସେମାନଙ୍କର ବ୍ୟତିରେକ ବାଣୀ ବୋଧ କରୁଥିବା ଆମ ଭଳି ଲୋକମାନଙ୍କୁ ମଧ୍ୟ ପରମତ ବୋଧକ ବୋଲି ଶୂଦ୍ରମାନଙ୍କ ଠାରେ ଆମ ପ୍ରତି ଘୃଣା ଭାବ ସୃଷ୍ଟି କରି, ସେମାନେ ପରମତ ବୋଧକ, ସେମାନଙ୍କୁ ମାଡମାରି ତଡିଦିଅ ବୋଲି କହି ମତାଉଛନ୍ତି । ନିଜର ଇତିହାସ ନଜାଣି ହିନ୍ଦୁମତ ରକ୍ଷକ ଭାବରେ ସୃଷ୍ଟି ହୋଇଥିବା ହିନ୍ଦୁମାନେ ଆମେ ଆମ ମତକୁ ରକ୍ଷା କରୁଛୁ ଭାବିବା ଛଡା, ଆମ ଉପରେ ଘୋର କୂଟଚକ୍ରାନ୍ତ ହୋଇଛି ବୋଲି, ହିନ୍ଦୁମତ କ୍ଷୀଣ ହେବାର କାରଣ ଅମୁକ ଲୋକମାନେ ବୋଲି ନଜାଣି ନିଜେ ନିଜ ହାତରେ ହିନ୍ଦୁମତକୁ ବିନାଶ କରିବାକୁ ବସିଛନ୍ତି ।

ଏବେ ମଧ୍ୟ ହିନ୍ଦୁମତ ସୁଧୁରିବାକୁ ହେଲେ ପ୍ରଥମେ ହିନ୍ଦୁମତରେ ସମାନତା ଆସିବା ଦରକାର । ସମାନତା ଆସିବାକୁ ହେଲେ, ପରମାତ୍ମା କହିଥିବା ଭଗବଦ୍ଗୀତା ପଢିବା ଦରକାର । ଭଗବଦ୍ଗୀତା ପଢିବାକୁ ହେଲେ ପ୍ରଥମେ ବ୍ରାହ୍ମଣମାନେ ସକ୍ରମରେ ତାହା ବୋଧ କରିବାକୁ ହେବ । ବ୍ରାହ୍ମଣମାନେ ସକ୍ରମରେ ବୋଧ କରିବାକୁ ହେଲେ ପ୍ରଥମେ ସେମାନେ ଦ୍ରାବିଡ ବ୍ରାହ୍ମଣ ବୋଲି ନିଜେ ନିଜକୁ ଜାଣିବାକୁ ହେବ । ସେମାନେ ଦ୍ରାବୀଡ ବୋଲି ଜାଣିବାକୁ ହେଲେ ସେମାନେ ପ୍ରଥମେ ଆର୍ଯ୍ୟମାନେ କିଏ ବୋଲି ଜାଣିବାକୁ ହେବ । ଏହିଭଳି ଆର୍ଯ୍ୟମାନଙ୍କ ଠାରୁ ଆଜିର ସମାଜରେ ଆମେ କିପରି ଅଛେ ଜାଣିବାକୁ ହେବ । ଆର୍ଯ୍ୟମାନଙ୍କର ଅଧର୍ମକୁ ହ୍ରାସ କରାଇବା ପାଇଁ, ଆର୍ଯ୍ୟମାନଙ୍କ ଅଞ୍ଚଳରେ ହିଁ ଭଗବଦ୍ଗୀତା ବୋଧ କରାଯାଇଥିଲା ବୋଲି ଜାଣି, ଧର୍ମ ପ୍ରତିଷ୍ଠା କରିଥିବା ଗୀତାକୁ ପଢିବାକୁ ହେବ । ଗୀତାରେ ପରମାତ୍ମା କହିଥିବା ଭାବକୁ ଜାଣି ପାରିଲେ, ଆମେ ଇନ୍ଦୁ (ହିନ୍ଦୁ) ଧର୍ମକୁ ଚିହ୍ନି ପାରିବା । ଯେତେବେଳେ ପ୍ରକୃତ ଧର୍ମକୁ ଚିହ୍ନି ତାର ଆଚରଣ କରି ପାରିବା, ସେତେବେଳେ ମଣିଷକୁ ଶାନ୍ତି ମିଳିବ । ଧର୍ମ କଣ ବୋଲି ନଜାଣିବା ପର୍ଯ୍ୟନ୍ତ ମଣିଷର ଶାନ୍ତି ନାହିଁ । ଧର୍ମ କଣ ନଜାଣିବା ପର୍ଯ୍ୟନ୍ତ ମଣିଷ ଆଶାଜାଲରେ ଛନ୍ଦି ହୋଇ, କେଉଁ ଯଜ୍ଞ କଲେ କି ଲାଭ ମିଳିବ ବୋଲି ଭାବୁଥିବ, ତାଛଡା ଧର୍ମର ଗନ୍ତାଘର ହିନ୍ଦୁମତକୁ ଛାଡି, ଅନ୍ୟ ମତରେ ଶାନ୍ତି ମିଳିବ କିମ୍ବା କିଛି ଭଲହେବ କି, ମୋର କର୍ମ ବିନାଶ ହୋଇଯିବ ବୋଲି ଭାବୁଥିବ ସିନା ସେ ପରମାତ୍ମାଙ୍କର ନିକଟ ହୋଇ ପାରିବ ନାହିଁ ।

ଏବେ ମଧ୍ୟ ଆମେ ଇନ୍ଦୁ (ହିନ୍ଦୁ) ଦେଶ ଭାରତରେ ଜନ୍ମ ହୋଇଛେ ବୋଲି ଗର୍ବ କରିବା ଉଚିତ୍ । ସାରା ପ୍ରପଞ୍ଚରେ ଥିବା ଦେଶ ଗୁଡିକଠାରୁ ଆମଦେଶ ଜ୍ଞାନର ଦେଶ, ଦୈବଶକ୍ତି ଥିବା ଦେଶ । କେଉଁ ଦେଶର ନଥିବା ଉପାଧି ଆମ ଦେଶର ରହିଛି । ତାହା ହେଉଛି ଇନ୍ଦୁ । ଏହି ଦେଶରେ ସୃଷ୍ଟି

ପ୍ରାରମ୍ଭରେ ସୂର୍ଯ୍ୟଙ୍କ ଦ୍ୱାରା ଧର୍ମ କୁହାଯାଇଥିଲା । ତାପରେ ଦ୍ୱାପର ଯୁଗର ଶେଷରେ ଏହା ଧର୍ମ, ଏହା ଅଧର୍ମ ବୋଲି କୁହାଯାଇଛି । ତାଛଡା ପରମାତ୍ମା ଏଇ ଭାରତରେ ଦ୍ୱାପର ଯୁଗରେ ଜନ୍ମହୋଇ ତାପରେ କଳିଯୁଗରେ ଅନ୍ୟ ଦେଶରେ ଜନ୍ମ ହୋଇଛନ୍ତି, ତାଙ୍କର ତୃତୀୟ ଜନ୍ମସ୍ଥଳ ତ୍ରିଭୁଜାକାର ଭାବରେ ସମାପ୍ତ ହେବା ଉଚିତ୍ । ତେଣୁ ପରମାତ୍ମା ଯଦି ଜନ୍ମ ହୁଅନ୍ତି ଭାରତରେ ତ୍ରିଭୁଜାକାର ସମାପ୍ତ ହେବା ପାଇଁ ହିଁ ଜନ୍ମ ହେବେ । ଏତେ ବଡ ଇତିହାସ, ଏତେ ବଡ ଭବିଷ୍ୟତ ଥିବା ଭାରତ ଦେଶରେ ଜନ୍ମ ହୋଇଥିବା ପ୍ରତି ମଣିଷ, ମୁଁ ଇନ୍ଦୁ ବୋଲି ଗର୍ବ କରିବା ଉଚିତ୍ । ପରମାତ୍ମା ଜନ୍ମ ହୁଅନ୍ତି ନାହିଁ ବୋଲି କହୁଥିବା ମତଗୁଡିକୁ ଗ୍ରହଣ କରି ସେମାନଙ୍କ କହିବା କଥାକୁ ଶୁଣିବା ଛଡା ପରମାତ୍ମା କହୁଥିବା କଥା ଶୁଣିବା ସୁଯୋଗ ସେଥିରେ ନାହିଁ । ସେତେବେଳେ ପରମାତ୍ମା ଜନ୍ମ ହୋଇ ନିଜ ଜ୍ଞାନକୁ ନିଜେ କହିଥିବା ଇନ୍ଦୁ (ହିନ୍ଦୁ)ମତରେ ଥିଲେ ସିନା ଦିନେନା ଦିନେ ଦୈବବାଣୀକୁ ଶୁଣିପାରିବା ! ଆମ ମତରେ ପରମାତ୍ମା ଜନ୍ମ ହୁଅନ୍ତି ନାହିଁ ବୋଲି କହୁଥିବା ମତାବଲମ୍ବୀ ମାନଙ୍କ ଠାରୁ, ପରମାତ୍ମା ଜନ୍ମ ହୁଅନ୍ତି ବୋଲି କହୁଥିବା ଭଗବଦ୍ଗୀତାକୁ ପଢି, ଧର୍ମ କଣ, ଅଧର୍ମ କଣ କାହିଁକି ନଜାଣିବା ! ଖାଲି ସେତିକି କାହିଁକି ପରମାତ୍ମା ମଣିଷ ହୋଇ ଆସିବା ବେଳେ ମଣିଷ ଭିତରୁ ତାଙ୍କୁ ଖୋଜି ଜାଣି ପାରିବା । ତେଣୁ କାଲି ପରମାତ୍ମାଙ୍କୁ ଦେଖିବା ପାଇଁ ଆଜି ଏକୈକ ଜ୍ଞାନ ଯଜ୍ଞ ବାବଦରେ ଆମେ ଜାଣିବା । ଜ୍ଞାନ ଯଜ୍ଞକୁ ଜାଣିଲେ ଜ୍ଞାନାଗ୍ନି ଦ୍ୱାରା ପାଞ୍ଚ ଭୌତିକ ଜ୍ଞାନକୁ ଜାଳି (ବିନାଶ କରି), ପାଞ୍ଚ ଭାଗରେ ଥିବା ପ୍ରକୃତିକୁ ଛାଡି, ପରମାତ୍ମାଙ୍କ ଠାରେ ଲୀନ ହୋଇପାରିବା ।

**ସମାପ୍ତ**

# ହିନ୍ଦୁ ରକ୍ଷଣ! ହିନ୍ଦୁ ଭକ୍ଷଣ!!

## ଯିଏ ଭଗବଦ୍ଗୀତା ପଢି ନାହିଁ ସେ ହିନ୍ଦୁ ରକ୍ଷକ?

## ଯେଉଁମାନେ ହିନ୍ଦୁ ଧର୍ମକୁ ଜାଣିନାହାନ୍ତି ସେମାନେ ହିନ୍ଦୁ ରକ୍ଷକ?

ହିନ୍ଦୁମାନେ ଆଜି ନାନା ଜାତିରେ ବିଭାଜିତ ହୋଇ ଛୋଟ, ବଡ ଜାତିରେ ବା କୁଳରେ ବର୍ଣ୍ଣିତ ହୋଇଛନ୍ତି, ଏହା ଆଜି ସମସ୍ତେ ଜାଣିଥିବା ସତ୍ୟକଥା । ଈଶ୍ୱର ସମସ୍ତଙ୍କୁ ସମାନ ଭାବରେ ଜନ୍ମ କରାଇଥିବା ବେଳେ କିଛିଲୋକ ସେମାନଙ୍କର ସ୍ୱାର୍ଥବୁଦ୍ଧିରେ ହିନ୍ଦୁ (ଇନ୍ଦୁ) ସମାଜକୁ ଖଣ୍ଡ ଖଣ୍ଡକରି, ବଳହୀନ କରି ସେଇମାନେ ହିଁ ବଡ, ସେମାନେ ଯାହା କହୁଛନ୍ତି ତାହା ସମସ୍ତେ ଶୁଣି, ସେହି ଅନୁସାରେ କାର୍ଯ୍ୟ କରିବା ଉଚିତ୍ ବୋଲି କହୁଛନ୍ତି । ନାନା କୁଳ (ଜାତି) ଭାବରେ ଥିବା ହିନ୍ଦୁ ସମାଜରେ ସେମାନଙ୍କ କୁଳ ହିଁ ଉଚ୍ଚକୁଳ ବା ଅଗ୍ରକୁଳ (ବଡଜାତି) ବୋଲି କହିବା ବ୍ୟତୀତ, ଅନ୍ୟ କୁଳଗୁଡିକର ସେଇମାନେ ହିଁ ମାର୍ଗଦର୍ଶକ, ଗୁରୁ ବୋଲି କହୁଛନ୍ତି । ଭବିଷ୍ୟତରେ ଯେମିତି କେହି ସେମାନଙ୍କ ପଥର ଅବରୋଧ ନହେବେ ସେଥିଲାଗି ଅନ୍ୟକୁଳଗୁଡିକୁ ଅଛୁତଜାତି କରିଦେଇ, ହିନ୍ଦୁଧର୍ମପାଇଁ ଘୋର ଅନ୍ୟାୟ କରିଛନ୍ତି । ସେତିକିରେ ରହିନଯାଇ ଆଜି ମଧ୍ୟ ଆମେ ହିନ୍ଦୁ ସମାଜର ରକ୍ଷକ ହୋଇ ରହିଛୁ ବୋଲି କହୁଥାଇ, ହିନ୍ଦୁ ସମାଜର ସର୍ବନାଶ କରି, ହିନ୍ଦୁ ସମାଜର ଲୋକମାନେ ଅନ୍ୟ ମତରେ ପ୍ରବେଶ କରିବାର ପ୍ରଥମ କାରକ ହେଉଛନ୍ତି । ସେଇଭଳି ଥିବା ଲୋକମାନେ ହିନ୍ଦୁସମାଜର କ୍ଷତିକାରକ ହୋଇ ରହିଥିଲେ ମଧ୍ୟ ଅନ୍ୟ ଜାତିର ଲୋକମାନେ ସେମାନଙ୍କ ପ୍ରକୃତ ସ୍ୱରୂପକୁ ନ ଜାଣି ସେମାନେ କହିବା ଅନୁସାରେ ଶୁଣୁଥିବାରୁ, ହିନ୍ଦୁ ସମାଜ ସମ୍ପୂର୍ଣ୍ଣ ଅଜ୍ଞାନ ଦିଗରେ, ଅଧର୍ମ ବାଟରେ ଚାଲୁଛି । ପ୍ରଜାମାନେ ଦୈବଜ୍ଞାନ ଜାଣିବାରୁ ବଞ୍ଚିତ ରହିଯାଇ ସେମାନେ କହୁଥିବା କଥାକୁ ହିଁ ବାସ୍ତବ ଦୈବଜ୍ଞାନ ଭାବୁଛନ୍ତି ।

ଏହିଭଳି ସ୍ଥିତିରେ ଆଜି ତ୍ରୈତ ସିଦ୍ଧାନ୍ତର କର୍ତ୍ତା ଭାବରେ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର ମହାଶୟ ଅଜ୍ଞାନ ଦିଗରେ ରହିଯାଇଥିବା ହିନ୍ଦୁ ସମାଜକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରାଇବା ପାଇଁ, **ଭଗବଦ୍ଗୀତାର ପୁରୁଷୋତ୍ତମପ୍ରାପ୍ତି ଯୋଗ ନାମକ ଅଧ୍ୟାୟରେ ବୋଧ କରାଯାଇଥିବା**

**କ୍ଷର, ଅକ୍ଷର, ପୁରୁଷୋତ୍ତମ ନାମକ ତିନି ପୁରୁଷଙ୍କ ବିଷୟକୁ 'ତ୍ରୈତ ସିଦ୍ଧାନ୍ତ' ନାଆଁରେ ପ୍ରତିପାଦନ କରି ଦୈବଜ୍ଞାନକୁ ସମସ୍ତେ ବୁଝିପାରିବା ଭଳି ଗ୍ରନ୍ଥରୂପରେ ଲେଖୁଛନ୍ତି, ବୋଧ ମଧ୍ୟ କରୁଛନ୍ତି, ତଦ୍ଦ୍ୱାରା ଆଜିଅନେକଲୋକ ଆମକୁ ବାସ୍ତବ ଜ୍ଞାନ ମିଳିଯାଇଛି ବୋଲି ଖୁସି ହେଉଛନ୍ତି** । ଅଗ୍ରକୁଳ କୁହାଯାଉଥିବା କୁଳର ଲୋକମାନେ ମଧ୍ୟ ସେମାନଙ୍କ ଅଜ୍ଞାନ ଅନ୍ଧକାରକୁ ଦୂରକରି, ଆଜିଯାଏଁ ଆମକୁ ଜଣାପଡି ନଥିବା ଜ୍ଞାନ ଯୋଗୀଶ୍ୱରଙ୍କ ଦ୍ୱାରା ଜାଣିପାରିଛୁ କହି ଶିଷ୍ୟ ଭାବରେ ରହିଛନ୍ତି । ହେଲେ ଅଗ୍ରକୁଳର ମାତ୍ର କିଛିଲୋକ ଯୋଗୀଶ୍ୱର ଜଣାଉଥିବା ଜ୍ଞାନ ବିଷୟକୁ ଦେଖି, ଏହି ଜ୍ଞାନ ଦ୍ୱାରା ପ୍ରଜାମାନେ ଜ୍ଞାନଚୈତନ୍ୟ ପାଇ, ଜ୍ଞାନ ଜାଣି ନଥିବା ସେମାନଙ୍କୁ ସମ୍ମାନ ଦେବେ ନାହିଁ ବୋଲି ଭାବୁଛନ୍ତି ଆଉ ଏଭଳି ହେବା ଦ୍ୱାରା ସମାଜ ଉପରେ ସେମାନଙ୍କର ଆଧିପତ୍ୟ ରହିବ ନାହିଁ ବୋଲି ଯୋଗୀଶ୍ୱର ଜଣାଉଥିବା ତ୍ରୈତ ସିଦ୍ଧାନ୍ତ ହିନ୍ଦୁ ମାନଙ୍କର ନୁହେଁ, ତ୍ରୈତସିଦ୍ଧାନ୍ତ ଭଗବଦ୍ଗୀତା ମଧ୍ୟ କଦାପି ହିନ୍ଦୁମାନଙ୍କର ନୁହେଁ, ତାହା ଖ୍ରୀଷ୍ଟିଆନ ମାନଙ୍କର, ତାହା କେହି ପଢିବା ଉଚିତ୍ ନୁହେଁ ବୋଲି ପ୍ରଚାର କରିବା ଆରମ୍ଭ କଲେଣି । ତାଛଡା ସେମାନେ ନିଜକୁ ହିନ୍ଦୁଧର୍ମର ରକ୍ଷକ କହି କିଛି ରାଜକୀୟ ରଙ୍ଗ ବୋଳିହୋଇ, ଆମ ଜ୍ଞାନ ପ୍ରଚାର ହେବାରେ ଅନେକ ସ୍ଥାନରେ ଅବରୋଧ ହେଉଛନ୍ତି । ସେମାନଙ୍କ କଥା ଶୁଣୁଥିବା ଇତର କୁଳର ଲୋକମାନଙ୍କୁ ମଧ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର କହୁଥିବା ଜ୍ଞାନ ହିନ୍ଦୁଜ୍ଞାନ ନୁହେଁ, ତାହା ଖ୍ରୀଷ୍ଟଧର୍ମର ଜ୍ଞାନ, ସେମାନେ ହିନ୍ଦୁମାନଙ୍କ ବେଶରେ ପ୍ରଚାର କରୁଛନ୍ତି ବୋଲି କହୁଛନ୍ତି । ତାଛଡା ସେହି ନିମ୍ନକୁଳର ଲୋକମାନଙ୍କୁ ପ୍ରେରଣା ଦେଇ ଆମ ଜ୍ଞାନ ପ୍ରଚାରରେ ଅବରୋଧ ହେଉଛନ୍ତି ।

ଯୋଗୀଶ୍ୱର ସ୍ଥାପନ କରିଥିବା ହିନ୍ଦୁ **(ଇନ୍ଦୁ) ଜ୍ଞାନ ବେଦିକା** ଏଭଳି ଲୋକମାନଙ୍କର ନାଟକୁ ଅନେକ ଦିନଧରି ଧୈର୍ଯ୍ୟର ସହିତ ସହି ଆସିଛି । ଆମଠାରେ ଧୈର୍ଯ୍ୟର ସୀମା ଡେଇଁଯିବା ପରେ, ଆମକୁ ପରମତ ପ୍ରଚାରକ ବର୍ଣ୍ଣନା କରି କହୁଥିବା ଅଗ୍ରକୁଳ (ବଡଜାତି)ର ଲୋକମାନଙ୍କୁ, ସେମାନଙ୍କ

ଅନୁଚରମାନଙ୍କୁ ସମ୍ମୁଖୀନ କରି ପ୍ରଶ୍ନ କରିବାକୁ ପଡିଛି । ଆମେ ପଚାରିଥିବା କୌଣସି ଗୋଟିଏ ପ୍ରଶ୍ନର ମଧ୍ୟ ସଠିକ ସମାଧାନ ସେମାନେ କହିପାରି ନାହାନ୍ତି । ସେମାନଙ୍କ ଉତ୍ତର କେଉଁଭଳି ଥିଲା ତାହା ନିମ୍ନମତେ ଦେଉଛୁ ଆପଣମାନେ ଟିକିଏ ଦେଖନ୍ତୁ ।

**ଆମପ୍ରଶ୍ନ - ଏପର୍ଯ୍ୟନ୍ତ ହିନ୍ଦୁମାନେ କରୁନଥିବା କାର୍ଯ୍ୟ କରିବା ପୂର୍ବକ ଆମେ ଗାଆଁ ଗାଆଁ, ଘର ଘର ବୁଲି ହିନ୍ଦୁ ଧର୍ମର ପ୍ରଚାର କରୁଛୁ, ଆପଣ ଆମକୁ ପରମତ ପ୍ରଚାରକ ବୋଲି କାହିଁକି କହୁଛନ୍ତି ?**

**ସେମାନଙ୍କ ସମାଧାନ -** ହିନ୍ଦୁ ମତରେ (ହିନ୍ଦୁ ଧର୍ମରେ) ଅନେକ ସ୍ୱାମୀଜୀ ଅଛନ୍ତି । ସେମାନେ କେହି ଘର ଘର ବୁଲି ପ୍ରଚାର କରନ୍ତି ନାହିଁ, ହିନ୍ଦୁମାନେ ଏମିତି କେବେ ବି ପ୍ରଚାର କରନ୍ତି ନାହିଁ, ସେଥିଲାଗି କହୁଛୁ ଆପଣ ହିନ୍ଦୁବେଶରେ ଘର ଘର ବୁଲି ଖ୍ରୀଷ୍ଟଧର୍ମ ପ୍ରଚାର କରୁଛନ୍ତି ।

**ଆମପ୍ରଶ୍ନ -ଆମେ ଖ୍ରୀଷ୍ଟିଆନ ! ଭଗବଦ୍ଗୀତା କାହିଁକି ପ୍ରଚାରକରୁଛୁ ?**

**ସେମାନଙ୍କ ସମାଧାନ -** ଆପଣମାନେ ତ୍ରୈତ ସିଦ୍ଧାନ୍ତ ନାମକ ଭଗବଦ୍ଗୀତା ପ୍ରଚାର କରୁଛନ୍ତି, ତାହା ଖ୍ରୀଷ୍ଟିଆନ ମାନଙ୍କର । ଆପଣମାନେ ବାଇବେଲ୍‌ର ଏଭଳି ନାଆଁ ଦେଇଛନ୍ତି ।

**ଆମ ପ୍ରଶ୍ନ - ଖ୍ରୀଷ୍ଟିଆନମାନେ ନିଜକୁ ଖ୍ରୀଷ୍ଟିଆନ କହନ୍ତି, ସେମିତି ବାଇବେଲକୁ ବାଇବେଲ କହନ୍ତି । ସେମାନଙ୍କ ପ୍ରଚାର ଖ୍ରୀଷ୍ଟଧର୍ମ ଏବଂ ବାଇବେଲ ହୋଇଥିବା ବେଳେ ସେହି ନାଆଁରେ ପ୍ରଚାର କରିବେ ସିନା, ହିନ୍ଦୁ ବେଶରେ ଭଗବଦ୍ଗୀତା ନାଆଁରେ କାହିଁକି ପ୍ରଚାର କରିବେ ? ଏମିତି ଆଯିଯାଏଁ କେଉଁଠି ହୋଇନାହିଁ । ଯେଉଁ ଧର୍ମର ଲୋକେ ସେଇ ଧର୍ମର ପ୍ରଚାର କରିବେ ସିନା, ଅନ୍ୟ ଧର୍ମର ପ୍ରଚାର କାହିଁକି କରିବେ ? ଏତେକଥା କାହିଁକି ଆପଣ ଆମ ଭଗବଦ୍ଗୀତା ଖୋଲି ଦେଖିଛନ୍ତି ? ସେଥିରେ ଭଗବଦ୍ଗୀତା ଶ୍ଳୋକ ଅଛି କି ବାଇବେଲ୍ ବାକ୍ୟ ଅଛି ?**

**ସେମାନଙ୍କ ସମାଧାନ -** ବାଇବେଲ ବାକ୍ୟ ନ ଥିଲେ କଣହେଲା ତ୍ରୈତ

ସିଦ୍ଧାନ୍ତ ବୋଲି ତ ଅଛି ! ତ୍ରୈତ କହିଲେ ତ୍ରିତ୍ୱ ବା ଟ୍ରିନିଟି ବୋଲି ଆମକୁ ଭଲରେ ଜଣାଅଛି ।

**ଆମ ପ୍ରଶ୍ନ - ହିନ୍ଦୁ ଧର୍ମରେ ଥିବା ଅଦ୍ୱୈତ ସିଦ୍ଧାନ୍ତକୁ ଆଦିଶଙ୍କରାଚାର୍ଯ୍ୟ ପ୍ରତିପାଦନ କରିଥିଲେ । ବିଶିଷ୍ଟାଦ୍ୱୈତ ସିଦ୍ଧାନ୍ତକୁ ରାମାନୁଜାଚାର୍ଯ୍ୟ ପ୍ରତିପାଦନ କରିଥିଲେ, ଦ୍ୱୈତ ସିଦ୍ଧାନ୍ତକୁ ମଧ୍ୱାଚାର୍ଯ୍ୟ ପ୍ରକଟିତ କରିଥିଲେ । ଏବେ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର ତ୍ରୈତ ସିଦ୍ଧାନ୍ତ ପ୍ରତିପାଦନ କରିଛନ୍ତି । ସିଦ୍ଧାନ୍ତକର୍ତ୍ତାମାନେ ଏବଂ ସେମାନଙ୍କ ସିଦ୍ଧାନ୍ତଗୁଡିକ ଅଲଗା ଅଲଗା ହେଲେ ମଧ୍ୟ ସେମାନେ ସମସ୍ତେ ହିନ୍ଦୁ ବୋଲି ଆପଣ କାହିଁକି ଭାବୁନାହାନ୍ତି ?**

**ସେମାନଙ୍କ ସମାଧାନ -** ଆପଣଙ୍କ ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତାରେ ଯଜ୍ଞ କରିବା ଉଚିତ ନୁହେଁ ବୋଲି ଲେଖିଛନ୍ତି ! ବାସ୍ତବ ଭଗବଦ୍ଗୀତାରେ କଣ ତାହା ଅଛି !

**ଆମ ପ୍ରଶ୍ନ - ଆପଣ ହିନ୍ଦୁମାନଙ୍କ ଭିତରେ ମୁଖ୍ୟଲୋକ ଭାବରେ ରହି ଏମିତି ମୁର୍ଖଙ୍କ ଭଳି କିପରି କଥା କହୁଛନ୍ତି ? ସାରା ଦୁନିଆଁରେ ଭଗବଦ୍ଗୀତା ଗୋଟିଏ ! ତମ ଭଗବଦ୍ଗୀତା, ଆମ ଭଗବଦ୍ଗୀତା ହୋଇ ଭଗବଦ୍ଗୀତା ନାହିଁ । ଭଗବଦ୍ଗୀତାର ଭାଷ୍ୟ ଲେଖିବା ବେଳେ ଯିଏ ଯାହାର ଭାବର ଅନୁଗୁଣ ବିବରଣ ଲେଖିଥାଇ ପାରନ୍ତି, ହେଲେ ଭଗବଦ୍ଗୀତା ସମସ୍ତଙ୍କର ମୂଳଗ୍ରନ୍ଥ ବୋଲି ଗ୍ରହଣ କରନ୍ତୁ । ତ୍ରୈତସିଦ୍ଧାନ୍ତ ଭଗବଦ୍ଗୀତା ଅନ୍ୟମାନେ ଲେଖିଥିବା ଭଗବଦ୍ଗୀତାର ଭାବଠାରୁ ଉନ୍ନତ ଭାବର ସହିତ ଲେଖାଯାଇଛି ବୋଲି ଜ୍ଞାନୀମାନେ ତାର ଗୁଣଗାନ କରିବା ସହିତ ଆପଣଙ୍କ କୁଳର ଅନେକ ଲୋକମାନେ ମଧ୍ୟ ପ୍ରଶଂସା କରୁଛନ୍ତି । ଆପଣଙ୍କ ଭଳି ମାତ୍ର କିଛିଲୋକ ଏହାର ବିରୁଦ୍ଧ ହୋଇ ରହିଛନ୍ତି ବୋଲି ଲାଗୁଛି । ଯଜ୍ଞ କରନାହିଁ ବୋଲି ଆମେ କେଉଁଠି କହିନାହୁଁ । ଯଜ୍ଞ ଦ୍ୱାରା ପୁଣ୍ୟ ହୁଏ, ସ୍ୱର୍ଗ ମିଳିଥାଏ କହିଛୁ । ଯଜ୍ଞ ଦ୍ୱାରା ମୋକ୍ଷ ମିଳେ ନାହିଁ, ଈଶ୍ୱର ଜଣାପଡନ୍ତି ନାହିଁ କହିଛୁ । ଏତେକଥା**

**କାହିଁକି ଆପଣ ନିଜକୁ ସ୍ୱଚ୍ଛ ହିନ୍ଦୁ କହୁଛନ୍ତି ପରା ! ଭଗବଦ୍ଗୀତାରେ କୁହାଯାଇଥିବା ଗୋଟିଏ ହିନ୍ଦୁଧର୍ମକୁ କହନ୍ତୁ ।**

**ସେମାନଙ୍କ ସମାଧାନ-** ଏତେକଥା ଆମର ଦରକାର ନାହିଁ... ଆପଣ ହିନ୍ଦୁ ନୁହନ୍ତି ।

**ଆମ ପ୍ରଶ୍ନ - ମୁର୍ଖଙ୍କ ଭଳି କଥା କୁହନ୍ତୁ ନାହିଁ । ଆପଣ ଅଗ୍ରକୁଳର ବୋଲି ମନଇଚ୍ଛା ଯାହା ପାଇବେ ତାହା କହନ୍ତୁ ନାହିଁ । ଆମେ ହିନ୍ଦୁ ନୋହୁଁ ବୋଲି ଆପଣ ଗୋଟିଏ ପ୍ରମାଣ ଦେଇପାରିବେ ? ଆମ କଥା ଛାଡନ୍ତୁ ! ଆପଣ ଯଦି ସ୍ୱଚ୍ଛ ହିନ୍ଦୁ ତେବେ ଭଗବଦ୍ଗୀତାର ବିଶ୍ୱରୂପ ସନ୍ଦର୍ଶନ ଯୋଗରେ ଥିବା ୪୮ ଏବଂ ୫୩ ତମ ଶ୍ଳୋକରେ ଭଗବାନ କଣ କହିଛନ୍ତି ଆପଣ ହିଁ କହନ୍ତୁ ।**

**ସେମାନଙ୍କ ସମାଧାନ -** ଆମେ ଏପର୍ଯ୍ୟନ୍ତ ଭଗବଦ୍ଗୀତା କେବେ ପଢିନାହୁଁ, ଯଦି ଆପଣଙ୍କର ଏ ସମାଧାନ ଦରକାର ତେବେ ସମ୍ପୂର୍ଣ୍ଣାନନ୍ଦସ୍ୱାମୀଙ୍କ ଦ୍ୱାରା କୁହାଇଦେଇ ପାରିବୁ ।

**ଆମପ୍ରଶ୍ନ - ଅତି କମରେ ଭଗବଦ୍ଗୀତା ପଢିନଥିବା ଆପଣମାନେ ଯୋଗୀଶ୍ୱର ହୋଇଥିବା ପ୍ରବୋଧାନନ୍ଦ ସ୍ୱାମୀଙ୍କୁ ନିନ୍ଦା କରିବା କଣ ଭଲ ? ଗୋଟିଏ ହିନ୍ଦୁଧର୍ମକୁ ମଧ୍ୟ ଜାଣି ନଥିବା ଆପଣମାନେ ଆମେ ହିନ୍ଦୁଧର୍ମର ରକ୍ଷକ ବୋଲି କିପରି କହୁଛନ୍ତି ? ଯୋଗୀଶ୍ୱର ଲେଖିଥିବା କୌଣସି ଗୋଟିଏ ଗ୍ରନ୍ଥ ମଧ୍ୟ ନପଢି ଆମଛଡା ପୂଜ୍ୟହୋଇ, ଗୁରୁହୋଇ ଆଉ କେହି ନରହନ୍ତୁ ବୋଲି ଘୃଣାର ସହିତ ଏମିତି କଥାବାର୍ତ୍ତା କଲେ ଈଶ୍ୱର ସହିବେ ନାହିଁ ।**

**ସେମାନଙ୍କ ସମାଧାନ -** ଆମ ହିନ୍ଦୁଧର୍ମରେ ଅନେକ ଦେବତା ଅଛନ୍ତି । ଶିବ ଜଣେ ଦେବତା, ତାଙ୍କ ପୁଅ ଗଣେଶ ଜଣେ ଦେବତା, ରାମ ଜଣେ ଦେବତା ତାଙ୍କ ଭକ୍ତ ହନୁମାନ ମଧ୍ୟ ଜଣେ ଦେବତା ଏମିତି ଅନେକ ଦେବତା ଥିବା ବେଳେ, ହିନ୍ଦୁ ମତରେ କେବଳ ଜଣେ ଦୈବ ବା ଈଶ୍ୱର ଅଛନ୍ତି ବୋଲି ଆପଣଙ୍କର କହିବା କଣ ଭୁଲ ନୁହେଁ ?

**ଆମ କଥା - ଆମେ ଧର୍ମ (ମତ) ବାବଦରେ କହୁନାହୁଁ । ହିନ୍ଦୁମତରେ ନାନା ଦେବତା ଅଛନ୍ତି ସତକଥା, ହେଲେ ହିନ୍ଦୁ ଜ୍ଞାନରେ, ହିନ୍ଦୁଧର୍ମ ଅନୁସାରେ ସାରାବିଶ୍ୱର ଦୈବ ବା ଈଶ୍ୱର ଜଣେ ଅଛନ୍ତି ବୋଲି କହୁଛୁ । ଭଗବଦ୍ଗୀତାରେ ଈଶ୍ୱର ଯାହା କହିଛନ୍ତି ସେଇକଥା କହୁଛୁ ସିନା ଦେବତାମାନେ ନାହାନ୍ତି ବୋଲି ତ କହୁନାହୁଁ! ଦେବତା ମାନଙ୍କର ଜଣେ ଅଧିପତି ଅଛି ସେ ହିଁ ଦେବାଧିଦୈବ, ଈଶ୍ୱର ବା ପରମାତ୍ମା ତାଙ୍କରି ଉପାସନା କରନ୍ତୁ ବୋଲି କହିଛୁ ।**

**ସେମାନଙ୍କ କଥା -** ଆପଣ ରାମଙ୍କ ନାଆଁ କହୁ ନାହାନ୍ତି, ଶିବଙ୍କ ନାଆଁ କହୁ ନାହାନ୍ତି ଗଣେଶଙ୍କ କଥା ମଧ୍ୟ କହୁ ନାହାନ୍ତି, କୌଣସି ହିନ୍ଦୁ ଦେବତାଙ୍କ ନାଆଁ ନକହି ଈଶ୍ୱର, ସୃଷ୍ଟିକର୍ତ୍ତା ବୋଲି ଅନେକ ଥର କହିଛନ୍ତି । ଈଶ୍ୱର, ସୃଷ୍ଟିକର୍ତ୍ତା ଭଳି ଶବ୍ଦଗୁଡିକ ଖ୍ରୀଷ୍ଟିଆନମାନେ ବ୍ୟବହାର କରନ୍ତି ସିନା, ହିନ୍ଦୁମାନେ ବ୍ୟବହାର କରନ୍ତି ନାହିଁ, ସେଥିଲାଗି ଆପଣମାନଙ୍କୁ ଏମାନେ ହିନ୍ଦୁ ନୁହନ୍ତି ଖ୍ରୀଷ୍ଟିଆନ ବୋଲି କହୁଛୁ ।

**ଆମପ୍ରଶ୍ନ - ଖ୍ରୀଷ୍ଟଧର୍ମ ଜନ୍ମ ହୋଇ ଦୁଇହଜାର ବର୍ଷ ବିତିଲାଣି । ସୃଷ୍ଟି କେବେଠାରୁ ହୋଇଛି ସେ ବାବଦରେ କେହି ମଧ୍ୟ କହିପାରିବେ ନାହିଁ । ସୃଷ୍ଟି ଆରମ୍ଭରୁ ଈଶ୍ୱର, ସୃଷ୍ଟିକର୍ତ୍ତା ଇତ୍ୟାଦି ଶବ୍ଦକୁ ହିନ୍ଦୁମାନେ ହିଁ ବ୍ୟବହାର କରି ଆସୁଛନ୍ତି । ଆଜି ଈଶ୍ୱର, ସୃଷ୍ଟିକର୍ତ୍ତା ନାମକ ଶବ୍ଦ କଣ ହିନ୍ଦୁମାନେ ଖ୍ରୀଷ୍ଟିଆନମାନଙ୍କୁ ଲିଜ୍ ଦେଇଛନ୍ତି ? କି ପୁରା ବିକି ଦେଇଛନ୍ତି ? ସୃଷ୍ଟିକର୍ତ୍ତା, ଈଶ୍ୱର ନାମକ ଶବ୍ଦ ହିନ୍ଦୁମାନେ ବ୍ୟବହାର କରିବା ଉଚିତ୍ ନୁହେଁ ବୋଲି କେଉଁଠି ଲେଖାହୋଇଛି ?**

**ସେମାନଙ୍କ ସମାଧାନ -** ଆପଣ ହିନ୍ଦୁଧର୍ମ ନୁହେଁ ଖ୍ରୀଷ୍ଟଧର୍ମ ପ୍ରଚାର କରୁଛନ୍ତି ବୋଲି କହିବାପାଇଁ ନିଜେ ନିଜକୁ ହିନ୍ଦୁ କହୁଛନ୍ତି । ନିଜକୁ ହିନ୍ଦୁ ମଧ୍ୟ ନ କହି ଇନ୍ଦୁ କହୁଛନ୍ତି । ହିନ୍ଦୁଧର୍ମକୁ ଇନ୍ଦୁଧର୍ମ କହିବା ଦ୍ୱାରା ଆପଣ ହିନ୍ଦୁଧର୍ମକୁ ଖଣ୍ଡ ଖଣ୍ଡ କରିଦେବା ଭଳି ହେଉଛି । ସ୍ୱତନ୍ତ୍ର ଇନ୍ଦୁଧର୍ମ ପ୍ରଚାର ହେବାଭଳି ହେଉଛି । ଆପଣ ଯଦି ହିନ୍ଦୁ ତେବେ ଆପଣଙ୍କ ଗ୍ରନ୍ଥଗୁଡିକରେ, ଆପଣଙ୍କ ପ୍ରବଚନରେ ସ୍ୱତନ୍ତ୍ର ଭାବେ ଇନ୍ଦୁ ବୋଲି କାହିଁକି କହୁଛନ୍ତି ?

**ଆମ କଥା –** ଆମେ ଗୋଟିଏ ସିଧା ପ୍ରଶ୍ନ ପଚାରୁଛୁ ତାର ସମାଧାନ କରନ୍ତୁ ତ ! ହିନ୍ଦୁ ଆଉ ଇନ୍ଦୁ ନାମକ ଶବ୍ଦରେ ମାତ୍ର ଟିକିଏ ଭିନ୍ନତା ଛଡା ଆଉ କଣ ଅଛି ଆପଣ କହନ୍ତୁ । ତେଲୁଗୁ ଭାଷାରେ ଲେଖିଥିବା ଲୋକମାନେ ହିରଣ୍ୟ କଶ୍ୟପକୁ 'ନରଶିଂହ ସ୍ୱାମୀ' ମାରିଥିଲେ ବୋଲି ଲେଖିଛନ୍ତି । ଆଜି ଏଇ ନାଆଁ ଥିବା ଲୋକମାନେ ମଧ୍ୟ 'ନରଶିଂହ' ଲେଖୁଛନ୍ତି । ହେଲେ ତାହା ଏଭଳି ଲେଖାଯିବା ଅନୁଚିତ୍ 'ନରସିଂହ' ଲେଖାଯିବା ଉଚିତ୍ ବୋଲି ଆମେ କହୁଛୁ । ଜଙ୍ଗଲର ରାଜା 'ସିଂହ' କୁହାଯାଏ ସିନା 'ଶିଂହ' କୁହାଯାଏ ନାହିଁ । 'ସିଂହ'ର ଅର୍ଥ ଅଛି, ହେଲେ 'ଶିଂହ'ର କିଛି ମଧ୍ୟ ଅର୍ଥ ନାହିଁ । ଏମିତି ଯାହା ଠିକ୍ ତାହା ଲେଖାଯିବା ଉଚିତ୍ । ସେହିଭଳି '**ଇନ୍ଦୁ**'ର ଅର୍ଥ ଅଛି ସିନା '**ହିନ୍ଦୁ**'ର ଅର୍ଥ ନାହିଁ ବୋଲି କହିଛୁ । ସୃଷ୍ଟ୍ୟାଦିରେ ଜନ୍ମ ହୋଇଥିଲା ଇନ୍ଦୁସମାଜ, ତାହା ମଝିରେ ବଦଳି 'ସଂକ୍ରାନ୍ତିକୁ' 'ସଙ୍କରାତି' କହିବା ଭଳି ଇନ୍ଦୁ ଶବ୍ଦ ହିନ୍ଦୁ ହୋଇଯାଇଛି ବୋଲି କହିଛୁ । ଇନ୍ଦୁ ଶବ୍ଦର ଅର୍ଥ କଅଣ, କାହିଁକି ହିନ୍ଦୁ ନକହି ଇନ୍ଦୁ କହିବା ଉଚିତ୍ ତାହା ମଧ୍ୟ ଆମ ଗ୍ରନ୍ଥଗୁଡିକରେ ବିବରଣାତ୍ମକ ଲେଖିଛୁ । ଥିବା ସତକଥାକୁ କହିଲେ ତାହା ଘୃଣା କାହିଁକି ଲାଗୁଛି । ଆମଠାରୁ ଆଉ କେହି ବଡ ନରହନ୍ତୁ ଭାବର ସହିତ କଥା କହୁଛନ୍ତି ଆପଣ ।

ଅଗ୍ରକୁଳର ଅନେକଲୋକ ଆମ ଜ୍ଞାନକୁ ଜାଣି ସନ୍ତୋଷତା ବ୍ୟକ୍ତ କରୁଛନ୍ତି, କିନ୍ତୁ ମାତ୍ର କେଇଜଣ ସଠିକ ଭାବରେ ବୁଝି ନପାରି ମାରିଦବୁ, ପୋଡିଦବୁ ଏସବୁ ପ୍ରଚାର କରନାହିଁ ବୋଲି କହୁଛନ୍ତି । ଏହା ଠିକ୍ କଥା ନୁହେଁ । ଆମର କୌଣସି ଗ୍ରନ୍ଥ ମଧ୍ୟ ନପଢି, ଆମକଥା ନଶୁଣି ଏସବୁ ଡ୍ରାମା, ନାଟକ କହିବା ଠିକ୍ ନୁହେଁ । ଆପଣଙ୍କ ଭିତରୁ କେହି ଜଣେ ଆସି ଆମେ କାହାକୁ ଅମୁକ ଧର୍ମରେ ରହ ବୋଲି କହୁଛୁ କି ଆମେ ଅନ୍ୟମତ ପ୍ରଚାର କରୁଛୁ ବୋଲି ପ୍ରମାଣିତ କରନ୍ତୁ । **ଏମିତି ଯିଏ ପ୍ରମାଣ କରି ଦେଖାଇଦେବ ତାକୁ ଇନ୍ଦୁ ଜ୍ଞାନବେଦୀକା ତରଫରୁ ୧୦ଲକ୍ଷ ଟଙ୍କା ଦେବୁ, ଯଦି ପ୍ରମାଣିତ କରି ନ ପାରିବେ ତେବେ, ଆପଣ କୌଣସି**

**ଗାଆଁରେ ଥିବା ଶ୍ରୀକୃଷ୍ଣ ମନ୍ଦିରକୁ ମାତ୍ର ଲକ୍ଷେ ଟଙ୍କା ଦେବାକୁ ହେବ ।** ଏହି ସର୍ତ୍ତରେ କେହି ଆଗକୁ ଆସିପାରିବେ ? ବୋଲି ପଚାରୁଛୁ ।

ଇତି

**ଇନ୍ଦୁ ଜ୍ଞାନ ବେଦିକା**

## ଇତିହାସରେ ଘଟିଥିବା ଅନ୍ୟାୟ ହିନ୍ଦୁମାନଙ୍କ ଭିତରେ ଘଟୁଥିବା ଯଥାର୍ଥ ।

ଚାରିଶହ ବର୍ଷ ତଳେ ଆଧ୍ୟାତ୍ମିକ ରଙ୍ଗରେ ଜାଜ୍ଜୁଲ୍ୟମାନ ହୀରକ ହେଉଛନ୍ତି **ଯୋଗୀବେମନ** । ଆଧ୍ୟାତ୍ମିକ କ୍ଷୀରରୁ ଦୈବଜ୍ଞାନ ନାମକ ନବନୀତକୁ କାଢି ଆମକୁ ଦେଇଛନ୍ତି ସେ । ବେମନ ତାଙ୍କ ପଦ୍ୟାବଳୀରେ କହିଥିବା ଗୋଟିଏ ଗୋଟିଏ ଜ୍ଞାନ ବିଷୟକୁ ବିପୁଳ ଭାବରେ ଲେଖିଲେ ତାହା ଗୋଟିଏ ଗୋଟିଏ ଗ୍ରନ୍ଥ ହୋଇପାରେ । ବେମନ ସ୍ୱଚ୍ଛ ତେଲୁଗୁ ଭାଷାରେ ପଦ୍ୟ ଲେଖି, ତାହାର ବ୍ୟାଖ୍ୟା କହିଛନ୍ତି, ସେ ସଂସ୍କୃତର ପାଖ ମାଡିନାହାନ୍ତି । ଗୋଟିଏ ଦିଗରେ ପଦ୍ୟ ଲେଖି କବି ଦେଖାଗଲେ ହେଁ ଅନ୍ୟ ଦିଗରେ ଜଣେ ମହାନ ଆଧ୍ୟାତ୍ମିକବେତ୍ତା ହେଉଛନ୍ତି ଯୋଗୀ ବେମନ, ସେ ରେଡ୍ଡି କୁଳରେ ଜନ୍ମ ହୋଇଥିଲେ । ଇତିହାସରେ ଆମଠାରୁ ଆଉ କେହି ଅଧିକ ପ୍ରଶଂସିତ ନ ହୁଅନ୍ତୁ ବୋଲି ଭାବୁଥିବା ଅଗ୍ରକୁଳର କିଛି ଲୋକମାନେ ଯୋଗୀ ବେମନଙ୍କୁ ଜଣେ ପାଗଳ କହି, ସେ ଯାହା କହୁଛନ୍ତି ତାହା ଅଜ୍ଞାନ ବୋଲି ପ୍ରଜାଗହଣରେ ପ୍ରଚାର କରିଥିଲେ । ପାଗଳ ଲୋକଙ୍କ କଥା ପାଗଳମାନେ ହିଁ ଶୁଣନ୍ତି ବୋଲି ଅତି ଅବହେଳିତ ଚକ୍ଷୁରେ ଦେଖିଥିଲେ । ଅନେକ କୁଳରେ ବିଭାଜନ ହୋଇ ରହିଥିବା ହିନ୍ଦୁମାନଙ୍କୁ ଜ୍ଞାନବିଷୟ ଜଣାନଥିବାରୁ, ଅଗ୍ରକୁଳର ଲୋକେ ବେମନଙ୍କୁ ପାଗଳ କହି-ଦେଇଥିବାରୁ, ବେମନଙ୍କ ଜ୍ଞାନ ବାହ୍ୟ ଦୁନିଆରେ ପ୍ରକାଶିତ ହୋଇପାରି ନଥିଲା, ସେମାନେ ଅଗ୍ରକୁଳର, ଅନ୍ୟମାନେ ନୀଚ କୁଳର ବୋଲି ବିଭାଜନ

କରି, ଆମେ ଯାହା କହୁଛୁ ତାହା ଶୁଣିବା ଉଚିତ୍, ଆମ କଥା ଶୁଣିଲେ ହିଁ ତୁମମାନଙ୍କର ମଙ୍ଗଳ ହେବ, ସୁଖରେ ଜୀବନ ଯାପନ କରିପାରିବ ବୋଲି ଅଗ୍ରକୁଳର ଲୋକମାନେ ପ୍ରଚାର କରିଥିଲେ, ଏଭଳି ସେମାନେ ନିଜକୁ ନିଜେ ମହାନ ବୋଲାଇବା ଛଡା ହିନ୍ଦୁଘରେ ହେଉଥିବା ଭଲମନ୍ଦ କାର୍ଯ୍ୟରେ, ଜନ୍ମ, ମରଣ, ବିବାହାଦି ପ୍ରତ୍ୟେକ କାର୍ଯ୍ୟରେ ସେମାନେ ଯାହା କହିବେ ତାହା ଶୁଣିବା ଉଚିତ୍, ସେମାନେ ନିର୍ଣ୍ଣୟ କରିଥିବା କାଳରେ ହିଁ ଆମେ ଆମ ଭଲକାର୍ଯ୍ୟ କିମ୍ବା ମନ୍ଦକାର୍ଯ୍ୟ କରିବା ଉଚିତ୍, ନଚେତ ଅମଙ୍ଗଳ ହେବ, କଷ୍ଟନଷ୍ଟ ଦେଖାଦେବ ବୋଲି ଭୟ ଦେଖାଇଥିବାରୁ, ଭୟରେ ଜ୍ଞାନ ଜାଣି ନଥିବା ଅନ୍ୟ କୁଳର ଲୋକମାନେ ସେମାନେ ଯାହା କହୁଥିଲେ ତାହା ବିଶ୍ୱାସ କରୁଥିଲେ । ଏହିଭଳି ହିନ୍ଦୁଧର୍ମରେ ଥିବା ଅଗ୍ରକୁଳର ଲୋକମାନେ ଭୟ ନାମକ ବ୍ଲାକ୍‌ମେଲ୍ କରି, ଛୋଟକୁଳର ଲୋକମାନଙ୍କୁ ସେମାନଙ୍କ କଥା ଶୁଣିବା ଭଳି କରି ଦେଇଥିଲେ, ସେଦିନଠାରୁ ସେମାନେ ହିନ୍ଦୁ ସମାଜକୁ ଠକିବା ଆରମ୍ଭ କରି, ହିନ୍ଦୁ ଜ୍ଞାନ କାହାକୁ ଜାଣିବାକୁ ନଦେଇ, ହିନ୍ଦୁ ସମାଜକୁ ନାନା ନାମରେ ଲୁଟିନେଇ ନିଜେ ବଞ୍ଚିବା ଛଡା, ଅନ୍ୟ କୁଳରେ କେହି ଜ୍ଞାନୀ ଜନ୍ମହେଲେ ତାକୁ ଅବହେଳିତ ଚକ୍ଷୁରେ ଦେଖିବା, ଅଜ୍ଞାନୀ ଭାବରେ ବର୍ଣ୍ଣନା କରିବା କାର୍ଯ୍ୟ କରୁଥିଲେ ।

ଇତିହାସରେ ଚାରିଶହ ବର୍ଷ ତଳେ ଆସିଥିବା ଯୋଗୀ ବେମନଙ୍କୁ ପାଗଳ ଭାବେ ବର୍ଣ୍ଣନା କରି, ତାଙ୍କୁ କୌଣସି ଶାସ୍ତ୍ର ଜଣା ନଥିବା ବ୍ୟକ୍ତି ବୋଲି କହିଥିଲେ । ତାପରେ ତିନିଶହ ପଚାଷ ବର୍ଷ ତଳେ ଆସିଥିବା **ପୋତୁଲୁରି ବୀରବ୍ରହ୍ମ** ମହାଶୟ ଜଣେ ମହାନ ଜ୍ଞାନୀ ହୋଇ, ଭବିଷ୍ୟତ କାଳରେ ଘଟିବାକୁ ଥିବା ଘଟଣାକୁ ଆଗୁଆ ଜଣାଇ ମହାନ କାଳଜ୍ଞାନ ଲେଖିଥିଲେ, ସେ ସେତେବେଳେ ଯାହା ଲେଖିଥିଲେ ତାହା ଆଜି ସତ୍ୟ ସତ୍ୟ ଘଟୁଛି । ଏତେ ବଡ ବୀରବ୍ରହ୍ମ ନୀଚକୁଳର (ବଢେଇ ଜାତିର) ହୋଇଥିବାରୁ, ଅଗ୍ରକୁଳର ଲୋକମାନେ ସେ ବଞ୍ଚିଥିବା ବେଳେ, ସେମାନଙ୍କ ଗାଆଁରେ ପ୍ରବେଶ କରିବାକୁ ନଦେଇ, ତାଙ୍କ ଜ୍ଞାନ ପ୍ରଚାର ହେବାରେ ଅବରୋଧ

ହୋଇଥିଲେ । ସେଦିନ କେହି ଜ୍ଞାନୀ ନହୁଅନ୍ତୁ ବୋଲି ଘୃଣା ବା ଅସୂୟା ନାମକ ଗୁଣରେ, ଆମଛଡା କେହି ସର୍ବଜ୍ଞ ନାହିଁ ବୋଲି ଏଭଳି କାର୍ଯ୍ୟମାନ କରିଥିଲେ । ହିନ୍ଦୁ ସମାଜରେ ଏଇଭଳି ଲୋକମାନେ ଥିବାଲାଗି ହିନ୍ଦୁମାନେ ନିଜଧର୍ମ ଛାଡି ଅନ୍ୟଧର୍ମକୁ ପଳାୟନ କରୁଛନ୍ତି । ଆମେ ହିନ୍ଦୁଧର୍ମର ମନ୍ଦିରରେ ପ୍ରବେଶକଲେ ମାରା ହୋଇଯିବ, ଆମକୁ ଛୁଇଁଲେ ଲୋକେ ଛୁଆଁ ହୋଇଯିବେ, ଆମକୁ ହାତଟେକା ପାଣି, ପ୍ରସାଦ ଦେବେ, ଆମେ ଜ୍ଞାନ ଜାଣିବାକୁ ଯୋଗ୍ୟ ନୋହୁଁ, ସେମାନେ ରାସ୍ତାରେ ଗଲାପରେ ଆମେ ଯିବୁ, ସେମାନଙ୍କ ଆଗୋଇଁ ଚାଲିବୁ କାହିଁକି ବୋଲି ଭାବୁଥିବା ନୀଚକୁଳର ଲୋକ-ମାନେ ଜ୍ଞାନ ଜାଣିବାକୁ, କୌଣସି ଜାତିଆଣ ଭାବ ନଥିବା ସମାଜରେ ସ୍ୱାଧିନ ଜୀବନ ବଞ୍ଚିବାକୁ ହିନ୍ଦୁଧର୍ମ ଛାଡି ଅନ୍ୟ ଧର୍ମକୁ ଚାଲିଯାଉଛନ୍ତି । ଏଭଳି ହିନ୍ଦୁଧର୍ମର ଲୋକମାନେ ଅନ୍ୟଧର୍ମକୁ ପଳାୟନ କରିବାର ସର୍ବ ପ୍ରଥମ କାରଣ ଏଇ ଅଗ୍ରକୁଳର ଲୋକମାନେ ବୋଲି ନିଃସନ୍ଦେହ ଭାବରେ ଆଜି କହିପାରିବା ।

ସେମାନଙ୍କ ଲାଗି ହିନ୍ଦୁମାନେ ଅନ୍ୟଧର୍ମକୁ ଚାଲିଯାଉଛନ୍ତି ବୋଲି ଅଗ୍ରକୁଳର ଲୋକମାନଙ୍କୁ ମଧ୍ୟ ଜଣାଅଛି, ହେଲେ ସେମାନଙ୍କ କର୍ତ୍ତୃତ୍ୱକୁ, ତ୍ରୁଟିକୁ କେହି ଜାଣି ନପାରନ୍ତୁ ଆଳରେ ଆମେ ହିନ୍ଦୁଧର୍ମକୁ ରକ୍ଷା କରୁଛୁ କହି ହିନ୍ଦୁମାନଙ୍କୁ ଭକ୍ଷଣ କରିବା କାର୍ଯ୍ୟ ଆଜି ମଧ୍ୟ କରୁଛନ୍ତି । ସେଇମାନେ ହିଁ ହିନ୍ଦୁଧର୍ମର ଭକ୍ଷକ, ନାଶକ ବୋଲି କହିବା ପାଇଁ ଅନେକ ଆଧାର ରହିଛି । ସେଗୁଡିକୁ ପରିଶୀଳନ କଲେ, ହିନ୍ଦୁଧର୍ମର ନୀଚକୁଳର ଲୋକମାନେ ଯଦି ସେଦିନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଭଗବଦ୍ଗୀତା ଜ୍ଞାନ କହୁଥିବା ଚିତ୍ରପଟ ଘରେ ରଖିଥାନ୍ତି, ତାହା ଘରେ ରଖିବା ଉଚିତ୍ ନୁହେଁ, ତାହା ଘରେ ରହିଲେ ଘରେ ମଧ୍ୟ ଯୁଦ୍ଧ ଲାଗିଯିବ, ନାନା ଦୁଃଖକଷ୍ଟ ଆସି ପାଣ୍ଡବମାନେ ବଣରେ ବୁଲିବା ଭଳି ହେବ ବୋଲି ଆଜି ମଧ୍ୟ ସେମାନଙ୍କୁ ଅଗ୍ରକୁଳର ଲୋକମାନେ ବୋଧ କରୁଛନ୍ତି । ଏଭଳି ଚିତ୍ରପଟ (ଫଟୋ) ଘରେ ନରଖି ମନ୍ଦିରରେ ରଖିବା ଉଚିତ୍, ନଚେତ ନଦୀରେ ଭସାଇଦେବା ଉଚିତ୍ ବୋଲି କହୁଛନ୍ତି,

କରାଉଛନ୍ତି । ଭଗବଦ୍ଗୀତା ଘରେ ରଖିବା ଉଚିତ୍ ନୁହେଁ, ତାହା ପଢିବା ଉଚିତ୍ ନୁହେଁ, ପଢିଲେ ଦୁଃଖ ଯନ୍ତ୍ରଣା ଭୋଗିବାକୁ ହେବ କହି ଭଗବଦ୍ଗୀତା କାହାର ଘରେ ନ ରହିବା ଭଳି କରୁଛନ୍ତି । ଭଗବଦ୍ଗୀତା ଯୁଦ୍ଧଭୂମିରେ ଅର୍ଜୁନଙ୍କୁ ଯୁଦ୍ଧ କରିବାପାଇଁ ପ୍ରୋତ୍ସାହନ ଦେବା ନିମନ୍ତେ କୁହାଯାଇଥିଲା, ତେଣୁ ଆମେ ଅଯଥା ପଢିବା ଉଚିତ୍ ନୁହେଁ, ପଢିଲେ ଆମେ ମଧ୍ୟ ନାନା କଳିଗୋଳରେ ପଡିବା, କୋର୍ଟ କଚେରୀକୁ ଯିବା ବୋଲି କହୁଛନ୍ତି । ହିନ୍ଦୁମାନଙ୍କର ମୁଖ୍ୟ ଜିନିଷ ବେଦ, ତାହା ସବୁକୁଳର ଲୋକମାନେ ପଢିବା ଅନୁଚିତ୍, ବେଦ କେବଳ ଅଗ୍ରକୁଳର ଲୋକେ ପଢିବା ଉଚିତ୍ ବୋଲି ମଧ୍ୟ କହୁଛନ୍ତି । ଏହିଭଳି ଭଗବଦ୍ଗୀତାର ବ୍ୟତିରେକ କଥା କହୁଥିବା ଅଗ୍ରକୁଳର ଲୋକମାନେ ହିନ୍ଦୁ ଧର୍ମର ନାଶକ ନୁହନ୍ତି ତ ଆଉକଣ ! ଆପଣମାନେ ଆଲୋଚନା କରନ୍ତୁ ।

ଏସବୁ ଅତୀତରେ ଘଟିଥିବା ବିଷୟ, ସେମାନେ ସେତିକିରେ ସନ୍ତୁଷ୍ଟ ନହୋଇ ଆମେ ବଡ ବୋଲି କେମିତି ଗର୍ବ କରନ୍ତି ଟିକିଏ ଦେଖନ୍ତୁ । ବେମନ, ବୀରବ୍ରହ୍ମଙ୍କ ଭଳି ଲୋକମାନଙ୍କୁ ଅଗ୍ରକୁଳର ଲୋକମାନେ ଯେତେ ଅବହେଳିତ ଦୃଷ୍ଟିରେ ଦେଖିଲେ ମଧ୍ୟ ବେମନ ରେଡ୍ଡିଙ୍କ କୁଳର ଲୋକମାନେ ବେମାରେଡ୍ଡି (ପ୍ରଚାରକ) ନାମରେ ଘୋଡା ଉପରେ ବସି, ଗାଆଁ ଗାଆଁକୁ ଆସି ପ୍ରଚାର କରିବା ଦ୍ୱାରା, ସେହିଭଳି ବୀରବ୍ରହ୍ମଙ୍କ କୁଳର (ବଢେଇ କୁଳର) ଲୋକମାନେ କାଳଜ୍ଞାନ ପ୍ରଚାର କରିବା ଦ୍ୱାରା, ବେମନ ସଂଘ, ବଢେଇ ସଂଘ ତିଆରି ହୋଇ, ବେମନ ଏବଂ ବୀରବ୍ରହ୍ମଙ୍କୁ ପ୍ରଚାର କରିବା ଦ୍ୱାରା ଅନେକ ପ୍ରଜାଙ୍କୁ ବେମନଙ୍କ ପଦ୍ୟ, ବ୍ରହ୍ମଙ୍କର କାଳଜ୍ଞାନ କିଛି ପରିମାଣରେ ବୁଝାପଡିଥିଲା । ବେମନ ସେହି ସମୟରେ ଅଗ୍ରକୁଳର ଲୋକମାନେ କରୁଥିବା ଦୋଷଦୂର୍ବଳତାକୁ ପଦାରେ ପକାଇ ଦେଇଥିଲେ, ବୀରବ୍ରହ୍ମଙ୍କ ଜୀବନରେ ଅଗ୍ରକୁଳର ଲୋକମାନେ କିପରି ଅବରୋଧ ହେଉଥିଲେ ତାହା ମଧ୍ୟ ଲେଖିଥିଲେ ।

ବୀରବ୍ରହ୍ମ ତାଙ୍କ କାଳଜ୍ଞାନରେ **"ପ୍ରବୋଧାଶ୍ରମ ଏକ ଉନ୍ନତ ଜ୍ଞାନ ବିଶିଷ୍ଟ ଆଶ୍ରମ"** ବୋଲି ତିନିଶହ ପଚାଶ ବର୍ଷ ତଳେ ଲେଖିଥିଲେ, ତାଙ୍କ

କାଳଜ୍ଞାନରେ ପ୍ରବୋଧାଶ୍ରମ ବୋଲି ନାଆଁ ରହିବା ଏଇ ପାଞ୍ଚବର୍ଷ ତଳେ ଆମେ ଜାଣିପାରିଥିଲୁ । ତାପରେ ବୀରବ୍ରହ୍ମ ମହାଶୟ ଲେଖିଥିବା କାଳଜ୍ଞାନରେ ପ୍ରବୋଧାଶ୍ରମ ଏବଂ ପ୍ରବୋଧାନନ୍ଦ ଯୋଗୀଶ୍ୱରଙ୍କ ବାବଦରେ ଅନେକ କିଛି ଲେଖିଥିଲେ ବୋଲି ଜାଣିପାରିଲୁ । ଏତେ ମହାନ ଜ୍ଞାନୀ, କାଳଜ୍ଞାନୀ ହୋଇଥିବା ବୀରବ୍ରହ୍ମ ପ୍ରବୋଧାଶ୍ରର ଅଧିପତି ପ୍ରବୋଧାନନ୍ଦ ଯୋଗୀଶ୍ୱରଙ୍କ ମହାନତା କହିବାକୁ ଯାଇ, **"ପ୍ରବୋଧାଶ୍ରମର ଅଧିପତିଙ୍କ ଠାରେ ଶୟନାଧିପତିଙ୍କ ଗୁଣସବୁ ରହିଛି । ଶୟନାଧିପତି ହିଁ ଆନନ୍ଦଗୁରୁ, ସେହି ଆନନ୍ଦ ଗୁରୁ ହିଁ ମୋଗୁରୁ, ତୋ' ଗୁରୁ"** ବୋଲି ଲେଖିଥିଲେ । ପ୍ରବୋଧାନନ୍ଦ ଯୋଗୀଶ୍ୱରଙ୍କ ଜ୍ଞାନ କଅଣ ଆଉ କେତେ ଶକ୍ତିବନ୍ତ ତାହା ଜ୍ଞାନାଭିଳାଷୀ ମାନଙ୍କୁ ମଧ୍ୟ ଆଜି ଜଣାପଡିଯାଇଛି । ଅନେକ ଜ୍ଞାନୀମାନେ ପ୍ରବୋଧାନନ୍ଦ ଯୋଗୀଶ୍ୱର କହୁଥିବା ଜ୍ଞାନ ଅତି ମହାନ, ଅଦ୍ଭୁତ ବୋଲି ପ୍ରଶଂସା କରୁଛନ୍ତି । ବୀରବ୍ରହ୍ମ ସ୍ୱୟଂ ମୋର ଗୁରୁ ବୋଲି କହିଥିବା ବ୍ୟକ୍ତି କେତେ ମହାନ ହୋଇପାରନ୍ତି ବୋଲି ଆମେମାନେ ମଧ୍ୟ ଆଲୋଚନା କରିବା ଦରକାର । ହେଲେ ପ୍ରବୋଧାନନ୍ଦ ଯୋଗୀଶ୍ୱର କେବଳ ଜ୍ଞାନ ବିଷୟକୁ ବାଦ ଦେଲେ ବାକି ଅନ୍ୟ ସମସ୍ତ ବିଷ-ୟରେ ଜଣେ ସାଧାରଣ ମଣିଷ ଭଳି ରହିଥାନ୍ତି, ତାଙ୍କୁ ପାଖରେ ଦେଖିଲେ କଣ ଏଲୋକ ଜ୍ଞାନ ଜାଣିଛି ! ବୋଲି ଭାବନା ଆସିଲେ ମଧ୍, ବାସ୍ତବରେ କେହି ଜାଣିନଥିବା ମହାନ ପୁରୁଷ ହେଉଛନ୍ତି ସେ, ତାଙ୍କ ମହାନତା ତାଙ୍କ ଗ୍ରନ୍ଥଗୁଡିକରେ ଥିବା ଜ୍ଞାନ ହିଁ ପ୍ରମାଣିତ କରିଦେଖାଉଛି । ଗ୍ରନ୍ଥଗୁଡିକରେ ଯେଉଁ ମହାନ ଶକ୍ତି ରହିଛି ତାହା ଆଜି ନିରୂପିତ ହେଉଛି । ଗୋଟିଏ ଗ୍ରନ୍ଥ ପାଖକୁ ଆସିଲେ କେତେକଙ୍କ ଠାରେ ପରିବର୍ତ୍ତନ ଦେଖାଯାଉଛି । କେତେକ ଗ୍ରନ୍ଥ ପଢିବା ପରେ ସେମାନଙ୍କ ପୁରୁଣା ରୋଗ ଦୂର ହୋଇଯାଉଛି ।

ଉପରକୁ ଦେଖାଯାଉ ନଥିବା ଶକ୍ତି ଯୋଗୀଶ୍ୱରଙ୍କ ଠାରେ ନିକ୍ଷିପ୍ତ ହୋଇ ରହିଛି, ତାହା ବାହାରକୁ ଦେଖା ନଗଲେ ମଧ୍ୟ, ତାଙ୍କ ପାଖକୁ ଯାଇଥିବା, ତାଙ୍କ ସାନ୍ନିଧ ଲାଭ କରିଥିବା ଲୋକମାନଙ୍କ ଦେହରୁ ଅନେକ ଦିନରୁ ଥିବା, ଔଷଧ ନଥିବା ଏଡ୍ସ, କ୍ୟାନ୍ସର୍, ଡେଙ୍ଗୁଜ୍ୱର ଭଳି ବଡବଡ ରୋଗମାନେ ଶାନ୍ତ

ହୋଇ ଚାଲିଯାଇଛନ୍ତି । ଏଭଳି ଅନେକ ଘଟଣାରୁ ଯୋଗୀଶ୍ୱରଙ୍କ ଠାରେ କି ମହାନତା ରହିଛି ସହଜରେ ବୁଝିପାରନ୍ତି ।

ବୀରବ୍ରହ୍ମ ମହାଶୟ ତାଙ୍କ ଗ୍ରନ୍ଥରେ **"ଆନନ୍ଦ ଯୋଗୀଙ୍କୁ ନିନ୍ଦା କରୁଥିବା ଲୋକେ ନିଶ୍ଚୟ ନାନା ଦୁଃଖକଷ୍ଟ" ଭୋଗିବେ** ବୋଲି ଲେଖିଛନ୍ତି । ସେହିଭଳି ଆନନ୍ଦଗୁରୁ, ଆନନ୍ଦଯୋଗୀ ହୋଇଥିବା ଆନନ୍ଦ ଗୁରୁଙ୍କୁ, ତାଙ୍କ ମୁଖନିଶୃତ ବାଣୀକୁ, ତାଙ୍କ ଗ୍ରନ୍ଥକୁ ନିନ୍ଦା କରୁଥିବା କୌଣସି ଲୋକ ମଧ୍ୟ ଆଜି ସୁରକ୍ଷିତ ନାହିଁ । ଅଜଣା ରୋଗରେ, ବୁଝି ହେଉନଥିବା କଷ୍ଟରେ କିଛିଲୋକ ପଡିଥିବା ବେଳେ, କେତେକ ଚିତ୍ରହିଂସାର ସମ୍ମୁଖୀନ ହୋଇ ମୃତ୍ୟୁବରଣ କରିଛନ୍ତି । ଏଭଳି କାହିଁକି ହେଉଛି ଯେଉଁମାନେ ଜାଣି ପାରନ୍ତି ନାହିଁ ସେମାନେ ଯେଗୀଶ୍ୱରଙ୍କୁ, ତାଙ୍କ ଜ୍ଞାନକୁ ନିନ୍ଦା କରୁଛନ୍ତି, ନାନା ମାର୍ଗରେ ଅବରୋଧ ହେଉଛନ୍ତି । ହିନ୍ଦୁଧର୍ମରେ ଆଦିଶଙ୍କରାଚାର୍ଯ୍ୟ ଅଦ୍ୱୈତ ସିଦ୍ଧାନ୍ତ ପ୍ରତିପାଦନ କରିଥିଲେ, ତାପରେ କିଛିକାଳ ଉତ୍ତାରେ ରାମାନୁଜାଚାର୍ଯ୍ୟ ବିଶିଷ୍ଟାଦ୍ୱୈତ ସିଦ୍ଧାନ୍ତ ବାହାରକୁ ଆଣିଲେ । ତାପରେ ମଧ୍ୱାଚାର୍ଯ୍ୟଙ୍କ ଦ୍ୱୈତ ସିଦ୍ଧାନ୍ତ ଆସିଥିଲା, ଏମାନେ ଥିଲେ ଅଗ୍ରକୁଳର । ଗତ ୩୮ ବର୍ଷରୁ **ତ୍ରୈତ ସିଦ୍ଧାନ୍ତକୁ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର ପ୍ରତିପାଦନ କରି, ସେହି ସିଦ୍ଧାନ୍ତକୁ ପ୍ରଚାର କରି ତ୍ରୈତ ସିଦ୍ଧାନ୍ତ ଅନୁସାରେ ଭଗବଦ୍ଗୀତାକୁ ବିବରଣାତ୍ମକ ଲେଖିଥିଲେ** । ହିନ୍ଦୁଧର୍ମର ସିଦ୍ଧାନ୍ତ ବିବରଣୀ ଜଣାନଥିବା ଲୋକମାନେ, ଅଗ୍ରକୁଳର ଲୋକମାନେ ତ୍ରୈତ କ'ଣ ନଜାଣି ଏହା ଖ୍ରୀଷ୍ଟଧର୍ମ ସମ୍ବନ୍ଧୀୟ, ଏହାକୁ ତ୍ରୈତ ସିଦ୍ଧାନ୍ତ କହି ଉପରେ ଭଗବଦ୍ଗୀତା ନାମରେ ଖ୍ରୀଷ୍ଟଧର୍ମ ପ୍ରଚାର କରୁଛନ୍ତି ବୋଲି କହିଛନ୍ତି, ଯୋଗୀଶ୍ୱରଙ୍କ ବାବଦରେ ନାନା ବିରୁଦ୍ଧ କଥା କହିଛନ୍ତି । ଗୋଟିଏ  ଦିଗରେ ହିନ୍ଦୁତ୍ୱର ସର୍ବନାଶ କରୁଥାଇ, ଆମେ ହିନ୍ଦୁଧର୍ମକୁ ରକ୍ଷା କରୁଛୁ ବୋଲି ଅଭିନୟ କରୁଥାଇ ଯୋଗୀଶ୍ୱରଙ୍କ ଜ୍ଞାନମାର୍ଗରେ ନାନା ସନ୍ଦର୍ଭରେ ଅବରୋଧ ହୋଇଛନ୍ତି । ତିନିଗୋଟି ସ୍ଥାନରେ ଅସତ୍ୟ ପ୍ରଚାର କରୁଛନ୍ତି କହି ଭଗବଦ୍ଗୀତା ପ୍ରଚାର କରୁଥିବା ଯୋଗୀଶ୍ୱରଙ୍କ ଶିଷ୍ୟମାନଙ୍କ  ଉପରେ  କେସ୍  ମଧ୍ୟ  କରିଛନ୍ତି । କେତେକ ସ୍ଥାନରେ ସିଧା

ଆକ୍ରମଣ ମଧ୍ୟ କରିଛନ୍ତି; ତଥାପି ଯୋଗୀଶ୍ୱରଙ୍କ ଶିଷ୍ୟମାନେ ଧୈର୍ଯ୍ୟର ସହିତ ସେସବୁକୁ ସହି, ଜ୍ଞାନ ପ୍ରଚାର କରୁଛନ୍ତି । ଏଇ ମଧ୍ୟକାଳୀନ ସମୟରେ ନାଲ୍ଗୋଣ୍ଡା ଜିଲ୍ଲାର ଭୂବନଗିରିରେ ଦେବେନ୍ଦ୍ର ନାମକ ଆମ ସଂଘର ସଭ୍ୟ ଉପରେ ଅସତ୍ୟ ପ୍ରଚାର କରୁଛି ବୋଲି ଆରୋପଣ କରି କେସ୍ ଦେଇଥିଲେ । ତାଛଡା ଆମ ପ୍ରଚାରବାହାନ ଭୂବନଗିରିରେ ଥିବାବେଳେ ଆମ ଗାଆଁରେ ପ୍ରଚାର କରନାହିଁ କହି ଫେରାଇ ଦେଇଥିଲେ । କରିମ୍ ନଗରରେ କାନ୍ଥରେ ଆମ ଲୋକମାନେ ତ୍ରୈତସିଦ୍ଧାନ୍ତ ଭଗବଦ୍ଗୀତା ପାଠକରନ୍ତୁ ବୋଲି ଲେଖିଥିବା ବେଳେ, ଅଗ୍ରକୁଳର ଲୋକମାନେ ଆସି ଏହା ଖ୍ରୀଷ୍ଟଧର୍ମ ପ୍ରଚାର ହେଉଛି, କାନ୍ଥରୁ ଏହାକୁ ତୁରନ୍ତ ଲିଭାଅ ବୋଲି କହିଥିଲେ । ଦୁଇଦିନ ତଳେ ଅର୍ଲଗଡ୍ଡାରେ ଆମ ପ୍ରଚାରବାହାନ ଥିବାବେଳେ, ସେଠାକୁ ଜଣେ ଅଗ୍ରକୁଳର ଲୋକ ଆସି ଏସବୁ ଖ୍ରୀଷ୍ଟଧର୍ମ ପ୍ରଚାର, ଏହା ପ୍ରଚାର କରିବା ବନ୍ଦକର କହି ତୀବ୍ର କଳିଗୋଳ କରିବା ବେଳେ, ଠିକ୍ ସେହି ସମୟରେ ସେହି ଗାଆଁର ଦୁଇଜଣ ଆମ ଗ୍ରନ୍ଥପଢି ଜ୍ଞାନ ଜାଣିଥିବା ବ୍ୟକ୍ତି ଆସିବା ଦ୍ୱାରା ସେମାନଙ୍କୁ ଜ୍ଞାନକହିବା ପରେ ସେଠାରୁ ପଳାଇ ଯାଇଥିଲେ, ସେତେବେଳେ ସେଠାରେ ଥିବା ଲୋକମାନେ ଏହା ମହାନ ଜ୍ଞାନ, ଏତେଦିନ ପରେ ଏଭଳି ମହାନ ଜ୍ଞାନ ମିଳିବା ଆମର ସୌଭାଗ୍ୟ, ଆମେ ବହୁତ ଖୁସିଥିବା ବେଳେ, ସମାଜର ସର୍ବନାଶ କରୁଥିବା ତମେମାନେ ଏହା ଜ୍ଞାନ ନୁହେଁ ବୋଲି କିପରି କହୁଛ ? ବୋଲି କହିଥିଲେ । ଏହିଭଳି ପ୍ରଜାମନେ ସେମାନଙ୍କୁ ସମ୍ମୁଖୀନ କରି କଥାକହିବା ବେଳ ଆସୁଛି, ସବୁଆଡେ ମଧ୍ୟ ଆସିବ, ସତକୁ ସମସ୍ତେ ଜାଣିବେ ।

ଗୌତମ ବୁଦ୍ଧ ଜ୍ଞାନ କହିଥିବା ସ୍ଥଳେ, ସେ ଅଗ୍ରକୁଳର ହୋଇନଥିବାରୁ, ତାଙ୍କୁ ଅନ୍ୟ ଧର୍ମର ବୋଲି ପ୍ରଚାର କରିଥିଲେ । ସେଦିନ ଗୌତମ କ'ଣ ହିନ୍ଦୁ ନଥିଲେ ! ସେମାନଙ୍କ ଆଧିପତ୍ୟ ବିସ୍ତାର ପାଇଁ ହିଁ ହିନ୍ଦୁଧର୍ମରୁ ବୁଦ୍ଧଙ୍କୁ ଅଲଗା କରିଦେଲେ । ଆଜି ବୌଦ୍ଧଧର୍ମ ବିଦେଶରେ ବ୍ୟପିଥିଲେହେଁ ଆମ ଦେଶରେ ନାହିଁ । ଏଭଳି କରିଛି କିଏ ? ସେହି ଅଗ୍ରକୁଳର ଲୋକମାନେ !

ଆଜି ବୁଦ୍ଧ ଆମରି ଲୋକ, ସେ କହିଥିବା ଜ୍ଞାନ ଆମରି ଧର୍ମର ବୋଲି କହି ନପାରିବା ପରିସ୍ଥିତି ଆସି ପହଞ୍ଚିଛି । ସେହିଭଳି ପ୍ରବୋଧାନନ୍ଦ ଯୋଗୀଶ୍ୱର କହୁଥିବା ତ୍ରୈତ ସିଦ୍ଧାନ୍ତ ହିନ୍ଦୁଧର୍ମର ନୁହେଁ ବୋଲି କହିବା, ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତାକୁ ଭଗବଦ୍ଗୀତା ବୋଲି ନ କହିବା କଥାକୁ ଗୋଟିଏ ଦିଗରୁ ପ୍ରଜାମାନେ ଦେଖୁଛନ୍ତି । ପ୍ରବୋଧାନନ୍ଦ ଯୋଗୀଶ୍ୱର ଗତ ୪୦ବର୍ଷରୁ ବୋଧ କରିଥିବା ଜ୍ଞାନବାଣୀ ହିନ୍ଦୁଧର୍ମର ମହାନବାଣୀ ବୋଲି ଅନ୍ୟ ଧର୍ମର ଲୋକମାନେ ଆଜି ସ୍ୱୀକାର କରୁଛନ୍ତି । ନୀଚକୁଳ ବୋଲି ଅଗ୍ରକୁଳିଆଙ୍କ ଦ୍ୱାରା କଥିତ ହୋଇଥିବା ନୀଚକୁଳର ଲୋକମାନେ ହିନ୍ଦୁ (ଇନ୍ଦୁ) ଜ୍ଞାନ ଜାଣି ଚୈତନ୍ୟବନ୍ତ ହୋଇ ସେମାନଙ୍କୁ ଜ୍ଞାନ କହିବା ସ୍ଥିତିରେ ପହଞ୍ଚିଲେଣି । ନୀଚକୁଳର ଲୋକମାନଙ୍କ ଉପରେ ଆଧାରିତ ହୋଇ ବଞ୍ଚୁଥିବା ଅଗ୍ରକୁଳର ଲୋକମାନଙ୍କ ଉପରେ ଯଦି ଗୋଟିଏ ଥର ଅଙ୍ଗୁଳି ଉଠାନ୍ତି, ତୁମମାନଙ୍କ ସହିତ ଆମର ଆଉ ସମ୍ପର୍କ ନାହିଁ ବୋଲି କହନ୍ତି, ତେବେ କଣ ହେବ ତାହା ଆଉ କହିବା ଦରକାର ନାହିଁ । ଏଭଳି ପରିସ୍ଥିତି ନଆସୁ, ଆମ ଜ୍ଞାନର ଅବରୋଧ ହୁଅନ୍ତୁ ନାହିଁ ବୋଲି ସେମାନଙ୍କୁ ବାରମ୍ବାର ଜଣାଉଛୁ ।

ଇତି

**ପ୍ରବୋଧା ସେବାସମିତି**

**ଏକ ବିଷୟକୁ ସମର୍ଥନ କରିବା ପାଇଁ ଶାସ୍ତ୍ର ଯେତିକି ଆବଶ୍ୟକ ସେହିଭଳି ଏକ ବିଷୟକୁ ଖଣ୍ଡନ କରିବା ପାଇଁ ମଧ୍ୟ ଶାସ୍ତ୍ର ସେତିକି ଆବଶ୍ୟକ ।**

*****

**ଅସତ୍ୟକୁ ହଜାରେ ଜଣ ସତ୍ୟ କହିଲେ ମଧ୍ୟ ତାହା ସତ୍ୟ ନୁହେଁ, ସତ୍ୟକୁ ହଜାରେ ଜଣ ଅସତ୍ୟ କହିଲେ ମଧ୍ୟ ତାହା ଅସତ୍ୟ ନୁହେଁ**

*****

**ତୋର ମାତା କିଏ ତୋତେ ଜଣାପଡିଗଲେ ତୋର ପିତାଙ୍କୁ ଜାଣି ପାରିବୁ, ତୋର ପିତା କିଏ ତୋତେ ଜଣାପଡିଗଲେ ତୋର ଲକ୍ଷ୍ୟ କଣ ଜାଣି ପାରିବୁ ।**